

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୨ ସେପ୍ଟେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 22 September 2025
Vol.No. 36 ■ No.251 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ହୀରାକୁଦ ଜଳଭଣ୍ଡାରରୁ ୨ ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ଜାରି

ସମ୍ବଲପୁର, ୨୧/୯ (ନି.ପ୍ର): ରବିବାର ସନ୍ଧ୍ୟା ୬ଟା ସୁଦ୍ଧା ୨ଟି ସ୍ଲୁଇସ୍ ଗେଟ୍ ଦେଇ ହୀରାକୁଦ ଜଳଭଣ୍ଡାରରୁ ମହାନଦୀକୁ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରର ବାମ ପାର୍ଶ୍ୱ ଡାଇକ୍ର ଗୋଟିଏ ଓ ଡାହାଣ ପାର୍ଶ୍ୱ ଡାଇକ୍ର ଗୋଟିଏ ସ୍ଲୁଇସ୍ ଗେଟ୍ ଖୋଲା ରହିଛି । ଜଳଭଣ୍ଡାରର ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳ ପତନ ୬୩୦.୦୦ ଫୁଟ୍ ରହିଛି। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୬୯ ହଜାର ୨୭୦ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୨ଟି ସ୍ଲୁଇସ୍ ଗେଟ୍, ସ୍ପିଲୱେ ଓ ପାୱାର ଚେନେଲ ଦେଇ ପ୍ରତି ସେକେଣ୍ଡରେ ୬୯ ହଜାର ୨୭୦ କ୍ୟୁସେକ୍ ଜଳ ନିଷ୍କାସନ ହେଉଛି । ଜଳଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି । ଅନ୍ୟପକ୍ଷରେ ଗତ ୨୪ ଘଂଟା ମଧ୍ୟରେ ଜଳଭଣ୍ଡାରର ଉପର ମୁଣ୍ଡରେ ୦୩.୪୮ ମି.ମି. ବର୍ଷା ରେକର୍ଡ଼ ହୋଇଥିବା ବେଳେ ତଳ ମୁଣ୍ଡରେ ୦୧.୮୪ ମି.ମି. ବର୍ଷା ରେକର୍ଡ଼ ହୋଇଛି ।

# ନୂଆ ଜିଏସ୍‌ଟି ସ୍ଲାବ ନେଇ ମୋଦୀଙ୍କ ସମ୍ବୋଧନ: ଆଜିଠାରୁ ସବୁ ଘରେ ଖୁସି ହିଁ ଖୁସି




ନୂଆଦିଲ୍ଲୀ,୨୧/୯ : ଆସନ୍ତା କାଲି ଅର୍ଥାତ୍ ଦେଶରେ ୨ୟ ପର୍ଯ୍ୟାୟ ଜିଏସଟି ସଂସ୍କାର ଆରମ୍ଭ ହେବାକୁ ଯାଉଛି । ଏହାର ଦିନକ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ସମ୍ବୋଧନ କରି କହିଛନ୍ତି ଯେ ଦେଶରେ ଜିଏସଟି ବଚତ୍ ଉତ୍ସବ ଆରମ୍ଭ ହେବାକୁ ଯାଉଛି । ଏହା ଆତ୍ମନିର୍ଭରଶୀଳ ଭାରତ ଦିଗରେ ଏକ ପଦକ୍ଷେପ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ଜିଏସଟି ସଂସ୍କାରର ଏହି ନିଷ୍ପତ୍ତି ଏକ ଆତ୍ମନିର୍ଭରଶୀଳ ଭାରତ ଦିଗରେ ଏକ ପ୍ରମୁଖ ପଦକ୍ଷେପ। ଜିଏସଟି ସଂସ୍କାର ଦେଶର ସମସ୍ତ ବର୍ଗକୁ ଲାଭ ପହଞ୍ଚାଇବ। ପୂର୍ବ ଟିକସ ବ୍ୟବସ୍ଥା, ଯାହା ବିଭିନ୍ନ ଟିକସର ମିଶ୍ରଣ ଥିଲା, ସାଧାରଣ ନାଗରିକଙ୍କୁ କ୍ଷତି ପହଞ୍ଚାଇଥିଲା। ଆମେ ଜନସ୍ୱାର୍ଥ ଏବଂ ଜାତୀୟ ସ୍ୱାର୍ଥରେ ଜିଏସଟି ଲାଗୁ କରିଥିଲୁ। ଏବେ ଦେଶ ଡଜନ ଡଜନ ଟିକସର ବୋଝରୁ ମୁକ୍ତ। 'ଏକ ରାଷ୍ଟ୍ର, ଏକ ଟିକସ'ର ସ୍ୱପ୍ନ ବାସ୍ତବରେ ପରିଣତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଜିଏସଟି ସଂସ୍କାରଗୁଡ଼ିକ ପରବର୍ତ୍ତୀ ପିଢ଼ିର ସଂସ୍କାର। ଆମେ ସେଗୁଡ଼ିକୁ ଦେଶର ଆବଶ୍ୟକତା ଅନୁସାରେ କାର୍ଯ୍ୟକାରୀ କରିଛୁ। ଏହି ସଂସ୍କାରଗୁଡ଼ିକ ଭାରତର ଅଭିବୃଦ୍ଧି କାହାଣୀକୁ ତ୍ୱରାନ୍ୱିତ କରିବ, ବ୍ୟବସାୟକୁ ସରଳ କରିବ, ନିବେଶକୁ ଅଧିକ ଆକର୍ଷଣୀୟ କରିବ ଏବଂ ପ୍ରତ୍ୟେକ ରାଜ୍ୟକୁ ବିକାଶ ଦୌଡ଼ରେ ସମାନ ଅଂଶୀଦାର କରିବ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ଜିଏସଟି ସଂସ୍କାରଗୁଡ଼ିକ ପରବର୍ତ୍ତୀ ପିଢ଼ିର ସଂସ୍କାର। ଆମେ ସେଗୁଡ଼ିକୁ ଦେଶର ଆବଶ୍ୟକତା ଅନୁସାରେ କାର୍ଯ୍ୟକାରୀ କରିଛୁ। ଏହି ସଂସ୍କାରଗୁଡ଼ିକ ଭାରତର ଅଭିବୃଦ୍ଧି କାହାଣୀକୁ ତ୍ୱରାନ୍ୱିତ କରିବ, ବ୍ୟବସାୟକୁ ସରଳ କରିବ, ନିବେଶକୁ ଅଧିକ ଆକର୍ଷଣୀୟ କରିବ ଏବଂ ପ୍ରତ୍ୟେକ ରାଜ୍ୟକୁ ବିକାଶ ଦୌଡ଼ରେ ସମାନ ଅଂଶୀଦାର କରିବ। ଏହି ଜିଏସଟି ସଂସ୍କାରଗୁଡ଼ିକ 'ନାଗରିକ ଦେବୋ ଭାବ' (ଲୋକମାନେ ପରମେଶ୍ୱର) ର ମନ୍ତ୍ରକୁ ସ୍ପଷ୍ଟ ଭାବରେ ପ୍ରତିଫଳିତ କରେ। ଏକ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବା ପାଇଁ, ଆମକୁ ଏକ ଆତ୍ମନିର୍ଭରଶୀଳ ଭାରତ ଆଡକୁ ଯିବାକୁ ପଡିବ।

## ଭୟଙ୍କର ବିସ୍ଫୋରଣରେ ମାଟିରେ ମିଶିଲା ବାଣଗୋଦାମ: ୨ ମୃତ, ୮ ଆହତ



ବୌଦ୍ଧ, ୨୧/୯ (ନି.ପ୍ର): ପୁଣି ଘାତକ ସାଜିଲା ବୋଣ ଗୋଦାମ। ଭୟଙ୍କର ବିସ୍ଫୋରଣରେ ଚାଲିଗଲା ୨ ଜଣଙ୍କ ଜୀବନ। ଜଣେ ମହିଳା ନିଖୋଜ ଥିବାବେଳେ ୮ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଜିଆକଟା ଏବଂ ଛତ୍ରପୁର ଗାଁ ମଝିରେ ଥିବା ବାଣ ଗୋଦାମରେ ଘଟିଛି ଏହି ଅଘଟଣ। ବାଣ ବିସ୍ଫୋରଣରେ ଗୋଦାମ ଘର ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ, ଏକ କିଲୋମିଟର ଦୂରରେ ଥିବା ପୁରୁଣାକଟକ ମାର୍କେଟର ଅନେକ ଗାଡ଼ି ଶୋ'ରୁମ୍ ଏବଂ କିଛି ଦୋକାନ ଘରର କାଚ ଭାଙ୍ଗି ଯାଇଛି। ତେବେ କେଉଁ ପରିସ୍ଥିତିରେ ଏଭଳି ଏକ ବିସ୍ଫୋରଣ ଘଟିଲା, ସେନେଇ ସ୍ପଷ୍ଟ ହୋଇ ନଥିବାବେଳେ ଘଟଣାସ୍ଥଳରେ ହରଭଙ୍ଗା ଅଗ୍ନିଶମ ବାହିନୀ ଓ ପୁରୁଣା କଟକ ପୁଲିସ ଛାନଭିନ ଚଳାଇଛନ୍ତି। ଏହି ଘଟଣା ପରେ ବାଣ ଗୋଦାମ ମାଲିକ ଫେରାର ଥିବା ବେଳେ ପୁରୁଣା କଟକ ବ୍ୟାଙ୍କ କଲୋନୀ ସ୍ଥିତ ତାଙ୍କ ଘରେ ରେଡ୍ କରିଛି ପୁଲିସ। ୩ ମହଲା ବିଶିଷ୍ଟ ତାଙ୍କ ଘରେ ବାଣ ଭର୍ତ୍ତି ଥିବା ସୂଚନା ମିଳିଛି। ପାଣି ପକାଇ ସେଗୁଡ଼ିକୁ ପୁଲିସ ନିଷ୍କ୍ରିୟ କରିବାକୁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି।

## ପରୋକ୍ଷରେ ପାଣ୍ଡିଆନଙ୍କୁ ଜୟନାରାୟଣଙ୍କ ସୁପରଲିଡର ନିଶାନା



ଭୁବନେଶ୍ୱର, ୨୧/୯ (ନି.ପ୍ର): ବିଜେଡିରେ କିଏ ସେ ସୁପରଲିଡର? କାହା ନିର୍ଦ୍ଦେଶକୁ ବିଧାନସଭାରେ ପାଳନ କରୁଛନ୍ତି ବିଜେଡି ବିଧାୟକ ? ବରିଷ୍ଠ ବିଜେପି ବିଧାୟକ ଜୟନାରାୟଣ ମିଶ୍ରଙ୍କ ସୁପରଲିଡର ଉପାଖ୍ୟାନକୁ ନେଇ ବିଜେଡିରେ କମ୍ପନ। ବିଧାନସଭା ଅଚଳାବସ୍ଥାକୁ ନେଇ ଆଜି ବଡ ବୟାନ ଦେଇଛନ୍ତି ଜୟନାରାୟଣ । ପରୋକ୍ଷରେ ଭିକେ ପାଣ୍ଡିଆନଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି, ବିଜେଡିର ମୁଖିଆ ନବୀନ ପଟ୍ଟନାୟକ ବିଧାନସଭା ଆସିବାକୁ ଅକ୍ଷମ। ସେ ଅନୁପସ୍ଥିତ ଥିବାରୁ ତାଙ୍କ ଦଳର ସୁପରଲିଡର କହିଛନ୍ତି ବିଧାନସଭା ଚଳାଇଦେବା ନାହିଁ। ଯେହେତୁ ନବୀନ ଅଧିବେଶନକୁ ଆସିପାରିବେ ନାହିଁ ସେଥିପାଇଁ ସେମାନେ ବିଧାନସଭାରେ ହଙ୍ଗାମା କରି ବନ୍ଦ କରିବାକୁ


▶▶ପୃଷ୍ଠା ୭


### ପାର୍ବଣ ପୂର୍ବରୁ ହେବ ନାହିଁ ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ: ମନମୋହନ

ଭୁବନେଶ୍ୱର, ୨୧/୯ (ନି.ପ୍ର): ରାଜ୍ୟରେ ଏବେ ହେବ ନାହିଁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏନେଇ ସୂଚନା ଦେଇଛନ୍ତି । ମା' ସମଲେଇଙ୍କ ଧବଳମୁଖୀ ବେଶ ଦର୍ଶନ ସମୟରେ ସୂଚନା ଦେଇଛନ୍ତି । ପାର୍ବଣ ପୂର୍ବରୁ ହେବ ନାହିଁ ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ । ନୂଆପଡ଼ା ଉପନିର୍ବାଚନରେ ପଦ୍ମ ଫୁଟିବ ବୋଲି କହିଛନ୍ତି ମନମୋହନ ।

## ଜବ୍ ଫ୍ରଡ୍ ଷଡ଼ଯନ୍ତ୍ରରେ ଫସିଗଲେ ଟ୍ୟାକ୍ସି ଡ୍ରାଇଭର ବିଦ୍ୟାଧର



ଭୁବନେଶ୍ୱର, ୨୧/୯ (ନି.ପ୍ର): ଚାକିରି ନାଁରେ ଚୂନ ଲଗାଇବା ପଡ଼ିଲା ବଡ଼ ମହଙ୍ଗା। ଚାକିରି ଆଶାୟୀଙ୍କଠୁ ଟଙ୍କା ଆଦାୟ ସହ ଭୁଆଁ ବୁଲାଇବାରୁ ହେଲା ଭୟଙ୍କର ପରିଣାମ। ହତ୍ୟା ନୁହେଁ, ବରଂ ନିଜେ ଜୀବନ ହାରିଦେଲେ ଟ୍ୟାକ୍ସି ଡ୍ରାଇଭର୍ ବିଦ୍ୟାଧର। ଅପହରଣକାରୀଙ୍କ ହେପାଜତରେ ହିଁ ନିଜ ହାତରେ ନେଇଗଲେ ନିଜ ଜୀବନ। ଆଉ ଏହି ଅଭାବନୀୟ ମରଣ ପଛରେ ଜବ୍ ଫ୍ରଡ୍ ରାକେଟ୍ ଚଳାଉଥିବା ଲେଡି ମାଷ୍ଟରମାଇଣ୍ଡ ଜ୍ୟୋସ୍ନାର ରହିଛି ବଡ଼ ହାତ। କମିଶନରେଟ୍ ପୋଲିସର କହିବା କଥା, ଯାଜପୁର ଅଞ୍ଚଳରେ ଅପହରଣକାରୀଙ୍କ ନିର୍ଯାତନା ସହି ନପାରି ତାଙ୍କ ହେପାଜତରେ ଥିବାବେଳେ ହିଁ ବିଦ୍ୟାଧର ଜୀବନ ହାରିଦେଇଛନ୍ତି। ଏଭଳି ସ୍ଥିତିରେ ଅକଲଗୁଡୁମ୍ ଅବସ୍ଥାରେ ଥିବା ଅପହରଣକାରୀ ଶେଷରେ ଗିରଫଦାରୀ ଭୟରେ ମୃତଦେହକୁ ବିଦ୍ୟାଧରଙ୍କ ଟ୍ୟାକ୍ସିରେ ଧରି ଭୁବନେଶ୍ୱର ଆଣିଥିଲେ।ଆଉ ପରିବାର ଲୋକେ ଯେମିତି ଡେଡବଡ଼ି ପାଇପାରିବେ, ସେହି ଚିନ୍ତା କରି ଚନ୍ଦକା ଏନଏଚ କଡ଼ରେ ଗାଡ଼ି ସହ ରାସ୍ତାକଡ଼ରେ ଡେଡବଡ଼ି ଛାଡ଼ି ଖସି ପଳାଇଥିଲେ। ଡ୍ୟୁଟିକି ଯାଇ ସେପଟେମ୍ବର ୧୫ରେ ନିଖୋଜ।


▶▶ପୃଷ୍ଠା ୭


## ଗଞ୍ଜାମ ରଙ୍ଗେଇଲୁଣ୍ଡା ବଦଳରେ ଝାରସୁଗୁଡ଼ାରେ ହୋଇପାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ!

ଭୁବନେଶ୍ୱର, ୨୧/୯ (ନି.ପ୍ର): ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତ ବାତିଲ ହୋଇପାରେ। ଖାଲି ସେତିକି ନୁହେଁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି କାର୍ଯ୍ୟକ୍ରମର ସ୍ଥାନ ବଦଳିପାରେ ବୋଲି ଚର୍ଚ୍ଚା ହେଉଛି । କୁହାଯାଉଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାରସୁଗୁଡ଼ାର ଅମୁଲିପାଲି ପଡ଼ିଆରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗ ଦେବେ। କିନ୍ତୁ ଏନେଇ କୌଣସି ବିଜେପି କିମ୍ବା ସରକାରୀସ୍ତରରେ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ।


▶▶ପୃଷ୍ଠା ୭


## ଚବିଶ ଘଂଟାରେ ଉତ୍ତର-ବଙ୍ଗୋପସାଗରରେ ସୃଷ୍ଟି ହେବ ଲଘୁଚାପ: ପ୍ରଭାବରେ ଆଜି ଉତ୍ତର ଓ ଉପକୂଳ ଓଡିଶାରେ ପ୍ରବଳ ବର୍ଷା



ଭୁବନେଶ୍ୱର, ୨୧/୯ (ନି.ପ୍ର): ପୂଜା ମଜାକୁ ଫିକା କରେଇବ ଲଘୁଚାପ ବର୍ଷା । ଗୋଟିଏ ନୁହେଁ ପଛକୁ ପଛ ଆସୁଛି ତିନିଟି ଲଘୁଚାପ । ଉତ୍ତର ବଙ୍ଗୋପସାଗରରେ ୨୪ ଘଣ୍ଟାରେ ସୃଷ୍ଟି ହେବ ଲଘୁଚାପ । ଯାହାର ପ୍ରଭାବରେ କେନ୍ଦୁଝର, ମୟୂରଭଞ୍ଜ ସମେତ ଉତ୍ତର ଉପକୂଳ ଓଡ଼ିଶାରେ ପ୍ରଚଣ୍ଡ ବଜ୍ରପାତ ସହ ଅତିପ୍ରବଳ ବର୍ଷା ଲାଗିରହିବ । ଏହି ଦୁଇ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ପ୍ରବଳ ବର୍ଷା ନେଇ ସୁନ୍ଦରଗଡ଼,କନ୍ଧମାଳ, ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି, ଭଦ୍ରକ, ବାଲେଶ୍ୱରକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଗୋଟିଏ ଲଘୁଚାପ ଦୁର୍ବଳ ହେଲା ବେଳକୁ ଆଉ ଏକ


▶▶ପୃଷ୍ଠା ୭


## ଆସନ୍ତା ବର୍ଷ ଆରମ୍ଭ ହେବ ତୃତୀୟ ବିଶ୍ୱ ଯୁଦ୍ଧ: ୨୦୨୬କୁ ନେଇ ଆସିଲା ଭେଙ୍ଗାଙ୍କ ସାଙ୍ଘାତିକ ଭବିଷ୍ୟବାଣୀ



ନୂଆଦିଲ୍ଲୀ,୨୧/୯ : ୨୦୨୬ ହେବା ପାଇଁ ମାତ୍ର ଆଉ କିଛି ମାସ ବାକି ଅଛି । କିନ୍ତୁ ୨୦୨୬କୁ ନେଇ ବୁଲ୍‌ଗେରିଆର ବାବା ଭେଙ୍ଗାଙ୍କ ଭବିଷ୍ୟବାଣି ଚର୍ଚ୍ଚାରେ। ଆସନ୍ତା ବର୍ଷ ତୃତୀୟ ବିଶ୍ୱ ଯୁଦ୍ଧ ଆରମ୍ଭ ହେବା ନେଇ ବାବା ଯେଉଁ ଭବିଷ୍ୟବାଣୀ କରିଛନ୍ତି ତାହା ସମସ୍ତଙ୍କୁ ଚକିତ କରିଛି। ଭବିଷ୍ୟବାଣୀରେ ଲେଖା ଅଛି ଯେ, ଏହି ଯୁଦ୍ଧ ପୂର୍ବରେ ଆରମ୍ଭ ହୋଇ ପଶ୍ଚିମକୁ ବ୍ୟାପିବ । ଏହି ଯୁଦ୍ଧ ପଶ୍ଚିମ ରାଷ୍ଟ୍ରଗୁଡ଼ିକର ପତନ ଏବଂ ରୁଷ ରାଷ୍ଟ୍ରପତି ପୁଟିନଙ୍କୁ ବିଶ୍ୱର ପ୍ରଭୁ ବା ଜଣେ ଶକ୍ତିଶାଳୀ ବିଶ୍ୱ ନେତା ଭାବରେ ଆବିର୍ଭାବ କରାଇବ ବୋଲି କୁହାଯାଏ । ଏହାକୁ ରୁଷ-ଆମେରିକୀୟ ଯୁଦ୍ଧ ଏବଂ ତାଇୱାନ ଉପରେ ସମ୍ଭାବ୍ୟ ଚୀନ୍ ଦଖଲ ସହିତ ମଧ୍ୟ ଯୋଡାଯାଉଛି । ଏହା ବ୍ୟତୀତ, ସେ ବାହ୍ୟ ଗ୍ରହର ପ୍ରାଣୀ ଅର୍ଥାତ୍ ଏଲିଏନ୍ସ ମାନଙ୍କର ପୃଥିବୀରେ ପ୍ରବେଶ ବିଷୟରେ ମଧ୍ୟ ଭବିଷ୍ୟବାଣୀ କରିଥିଲେ । ତାଙ୍କ କହିବାନୁସାରେ, ଏଲିଏନ୍ସମାନେ ପୃଥିବୀ ସହିତ ଯୋଗାଯୋଗ କରିପାରନ୍ତି କିମ୍ବା ପୃଥିବୀ ପୃଷ୍ଠରେ ଅବତରଣ କରିପାରନ୍ତି । ଏହା ମାନବ ସଭ୍ୟତା ପାଇଁ ଏକ ବଡ଼ ପରିବର୍ତ୍ତନ ଆଣିପାରେ । ବାବା ଭେଙ୍ଗାଙ୍କ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଭବିଷ୍ୟବାଣୀ ହେଉଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ଶକ୍ତି ବୃଦ୍ଧି । ସେ କହିଥିଲେ ଯେ ଏଆଇ ମାନବଜାତି ଉପରେ ନିୟନ୍ତ୍ରଣ ହାସଲ କରିପାରେ । ଏହାର ଅର୍ଥ ହେଉଛି, କୃତ୍ରିମ ବୁଦ୍ଧିମତ୍ତା ଏତେ ଶକ୍ତିଶାଳୀ ହୋଇଯିବ ଯେ ମାନବ ସମାଜ ଉପରେ ଏହାର ପ୍ରଭାବ ବହୁତ ଅଧିକ ରହିବ। ଏହା ସକାରାତ୍ମକ କି ନକାରାତ୍ମକ, ତାହା ସ୍ପଷ୍ଟ ନୁହେଁ, କିନ୍ତୁ ଏହା ନିଶ୍ଚିତ ଭାବରେ ଏକ ବଡ଼ ପରିବର୍ତ୍ତନ ଆଣିବ । ଏଥିସହିତ ବାବା ଭେଙ୍ଗା ମଧ୍ୟ ୨୦୨୬ ମସିହାରେ ବ୍ୟାପକ ପ୍ରାକୃତିକ ବିପର୍ଯ୍ୟୟ ବିଷୟରେ ଚେତାବନୀ ଦେଇଛନ୍ତି । ସେ ଭୂମିକମ୍ପ, ଜ୍ୱାଳାମୁଖୀ ଉଦ୍‌ଗିରଣ ଏବଂ ଗମ୍ଭୀର ଜଳବାୟୁ ପରିବର୍ତ୍ତନର ପୂର୍ବାନୁମାନ କରିଥିଲେ । ତେବେ ବାବା ଭେଙ୍ଗାଙ୍କ ପ୍ରକୃତ ନାମ ଭାଙ୍ଗେଲିଆ ପାଣ୍ଡେଭା ଡିମିଟ୍ରୋଭା ଥିଲା । ସେ ୧୯୧୧ ମସିହାରେ ବର୍ତ୍ତମାନର ଉତ୍ତର ମାସିଡୋନିଆରେ ଜନ୍ମଗ୍ରହଣ କରିଥିଲେ । ୧୨ ବର୍ଷ ବୟସରେ, ସେ ଏକ ଘୂର୍ଣ୍ଣିବାତ୍ୟାର ଶିକାର ହୋଇଥିଲେ ଏବଂ ତାଙ୍କର ଦୃଷ୍ଟିଶକ୍ତି ହରାଇଥିଲେ ।


▶▶ପୃଷ୍ଠା ୭


## ଆମେରିକାକୁ ମୁକାବିଲା: ଚୀନ ଲଞ୍ଚ୍ କଲା ଏଚ୍-୧ବି ଭଳି ନୂଆ ଭିସା



ନୂଆଦିଲ୍ଲୀ,୨୧/୯ : ବିଦେଶୀ ଟ୍ୟାଲେଣ୍ଟକୁ ପ୍ରଲୋଭିତ କରିବାକୁ ଚୀନ ଏବେ ଏକ ବଡ଼ ପଦକ୍ଷେପ ନେଇଛି । ଚୀନ ଷ୍ଟେଟ୍ କାଉଁସିଲ ଘୋଷଣା କରିଛି କି, ଦେଶରେ ଅକ୍ଟୋବର ପହିଲାରୁ 'କେ' ଭିସା ଲାଗୁ ହେବ । ଯାହାକି ଆମେରିକାର ଏଚ୍-୧ ଭିସା ଭଳି। ଏହାର ଉଦ୍ଦେଶ୍ୟ ରହିଛି କି, ବିଶେଷ କରି ଏସିଆ ଓ ଦକ୍ଷିଣ ଏସିଆର ଯୁବକଙ୍କୁ ପ୍ରଲୋଭିତ କରିବା । ଯେଉଁମାନେ ବିଜ୍ଞାନ, ଟେକ୍ନୋଲୋଜି ଓ ଇଂଜିନିୟରିଂ ଭଳି କ୍ଷେତ୍ରରେ କାମ କରୁଛନ୍ତି । ସେପଟେ ଆମେରିକାରେ ବିଦେଶୀ ପ୍ରଫେସନାଲମାନଙ୍କ ଅବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି । କାରଣ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଚ୍-୧ବି ଭିସା ଉପରେ ବାର୍ଷିକ ୧ ଲକ୍ଷ ଡଲାର ଦେୟ ଆଦାୟ କରିବାକୁ ପ୍ରସ୍ତାବ ରଖିଛନ୍ତି । ଯାହାକୁ ନେଇ ଆମେରିକାରେ ଏଚ୍-୧ବି ଭିସାରେ ରହି କାମ କରୁଥିବା ପ୍ରଫେସନାଲମାନଙ୍କ ଚିନ୍ତା ବଢିଛି । ଏଭଳି ସ୍ଥଳେ 'କେ' ଭିସା ଲାଗୁ କରି ଚୀନ ସେହି ପ୍ରଫେସନାଲମାନଙ୍କ ପାଇଁ ଏକ ବିକଳ୍ପ ରାସ୍ତା ଖୋଲିଛି । ଚୀନର ଏହି ଭିସା ପାଇଁ ଆଗ୍ରହୀମାନଙ୍କୁ କୌଣସି


▶▶ପୃଷ୍ଠା ୭

## ସେଲ୍, ରାଉରକେଲା ଇସ୍ପାତ କାରଖାନାରେ 'ସେଲ୍ ସାବାସ ପୁରସ୍କାର' ଯୋଜନା ଅଧୀନରେ କର୍ମଚାରୀ ପୁରସ୍କୃତ



ରାଉରକେଲା, ୨୧/୦୯ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସମାଗମ ସମ୍ମିଳନୀ ହଲରେ ସେପ୍ଟେମ୍ବର ୧୬ ତାରିଖରେ ଏକ ଶାବାସ ପୁରସ୍କାର ସମାରୋହ ଆୟୋଜିତ ହୋଇଥିଲା, ଯେଉଁଥିରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ୨୩ ଜଣ କର୍ମଚାରୀଙ୍କୁ ସେମାନଙ୍କ ଅନୁକରଣୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା।

ଉପଯୋଗୀତା ଏବଂ ପରିବେଶ ବିଭାଗର ସିଜିଏମ ଶ୍ରୀ ହୀରାଲାଲ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରି କାର୍ମିକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଉତ୍ସବରେ ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ପି ସି ଦାଶ, ଜଳ ପ୍ରବନ୍ଧନ ବିଭାଗର ଜିଏମ ଶ୍ରୀ ଅଜିତ ବେହେରା, ଅକ୍ସିଜେନ୍ ପ୍ଲାଣ୍ଟ ବିଭାଗର ଜିଏମ ଇନ ଚାର୍ଜ ଶ୍ରୀ ଏସ୍ ଏସ୍ ସାଇନି, ଏବଂ ପ୍ଲାଣ୍ଟର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଶ୍ରୀ ମହାପାତ୍ର ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରତ୍ୟେକ କ୍ଷୁଦ୍ର ଅଭିନବ ଅବଦାନ ଉଚ୍ଚ ଉତ୍ପାଦକତା ହାସଲ, ସୁରକ୍ଷାରେ ଉନ୍ନତି ଏବଂ ସାମଗ୍ରିକ କାର୍ଯ୍ୟକ୍ଷମ ଉତ୍କର୍ଷତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ଉଲ୍ଲେଖ କରିଥିଲେ। ଉଲ୍ଲେଖନୀୟ ଯେ, ପ୍ରୋପେନ୍ ପ୍ଲାଣ୍ଟ, ଜଳ ପ୍ରବନ୍ଧନ, ଅକ୍ସିଜେନ୍ ପ୍ଲାଣ୍ଟ ଏବଂ ପରିବେଶ ଇଞ୍ଜିନିୟରିଂ ଭଳି ବିଭିନ୍ନ କ୍ଷେତ୍ରରେ କର୍ମଚାରୀଙ୍କ ଉଲ୍ଲେଖନୀୟ ଅବଦାନକୁ ସ୍ୱୀକୃତି ସ୍ୱରୂପ ପୁରସ୍କାର ପ୍ରଦାନ କରାଯାଇଥିଲା।

ଜଳ ପ୍ରବନ୍ଧନ ବିଭାଗର ଜୁନିୟର ଇଞ୍ଜିନିୟର ଶ୍ରୀ ସଦାଶିବ ପଣ୍ଡା ଏହି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବ୍ଲକସ୍ତରୀୟ ସ୍ୱଚ୍ଛତା ଓ ସେବାର ଏକ ଦିବସୀୟ ପରିଚାଳନା ତାଲିମ ଶିବିର

ଭଦ୍ରକ, ୨୧/୦୯ (ନି.ପ୍ର): ଏହି ଜିଲାର ଧାମନଗର ବ୍ଲକ ସ୍ତରୀୟ ସ୍ୱଚ୍ଛତା ହିଁ ସେବା ଏବଂ ପରିମଳ ସମ୍ବନ୍ଧୀୟ ଏକ ଦିବସୀୟ ପରିଚାଳନା ତାଲିମ ଶିବିର ଶନିବାର ଦିନ ଧାମନଗର ପଂଚାୟତ ସମିତି ସମ୍ମିଳନୀ କକ୍ଷ ଅନୁଷ୍ଠିତ ହୋଇ ଯାଇଛି। ଆୟୋଜିତ କାର୍ଯ୍ୟକ୍ରମ ରେ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରି ସୁଶ୍ରୀ ଶର୍ମିଷ୍ଠା ମଲିକ କାର୍ଯକ୍ରମ ସମ୍ପର୍କ ରେ ସୂଚନା ପ୍ରଦାନ କରିଥିଲେ । ବିଡ଼ିଓ ବନବିହାରୀ ଦିଣ୍ଡା ଙ୍କ ସଂଯୋଜନା ରେ ଉଚ୍ଚଶିକ୍ଷା ମନ୍ତ୍ରୀ ଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ ,ପଂଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା ,ଉପାଧକ୍ଷ ଜଗବନ୍ଧୁ ପ୍ରଧାନ,ଜିଲ୍ଲାପରିଷଦ ଉପାଧକ୍ଷା ଟୁନି ବାଳା ବିଶ୍ୱାଳ,ସହକାରୀ ଯନ୍ତ୍ରୀ ପୂର୍ଣ୍ଣ ଚନ୍ଦ୍ର ହେମ୍ବ୍ରମ, ପରିମଳ ବିଭାଗ ର ଯନ୍ତ୍ରୀ ଜସ୍ମିନୀ ଦାସ ପ୍ରମୁଖ ଯୋଗଦେଇ । 'ସ୍ୱଚ୍ଛତା ହିଁ ସେବା, ଯାହା ଭାରତ ସରକାରଙ୍କ 'ସ୍ୱଚ୍ଛ ଭାରତ ମିଶନ' ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଏହି ଅଭିଯାନର ଲକ୍ଷ୍ୟ ହେଉଛି ପରିଷ୍କାର ପରିଚ୍ଛନ୍ନତାର ଗୁରୁତ୍ୱ ବିଷୟରେ ଲୋକଙ୍କୁ ସଚେତନ କରାଇବା ଏବଂ ଏଥିରେ ଜନସାଧାରଣଙ୍କ ସହଭାଗିତାକୁ ପ୍ରୋତ୍ସାହିତ କରିବା ଉଚିତ ବୋଲି ଅତିଥି ମାନେ କହିଥିଲେ।୧୭ ତାରିଖରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକ୍ରମ ପର୍ଯ୍ୟାୟ କ୍ରମେ ବିଭିନ୍ନ ପଂଚାୟତରେ ସଫେଇ ଇତ୍ୟାଦି କରାଯିବ ବୋଲି ବିଡ଼ିଓ ସୂଚନା ଦେଇଥିଲେ। ଏଥିରେ ବ୍ଲକ ର ବିଭିନ୍ନ ପଞ୍ଚାୟତ ର ସରପଂଚ ସମିତି ସଭ୍ୟ,ଯନ୍ତ୍ରୀ , ପିଇଓ ପ୍ରମୁଖ କାର୍ଯ୍ୟ କ୍ରମ ରେ ଅଂଶ ଗ୍ରହଣ କରିଥିଲେ । ବି ଆର ସି ଲକ୍ଷ୍ମୀଧର ରାଉଳ କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ।

## ଆରିୟା ଷ୍ଟିଲ କମ୍ପାନୀରେ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ: ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

କେନ୍ଦୁଝର, ୨୧/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ବଲାଣି ଥାନା ଅନ୍ତର୍ଗତ ଆରିୟା ଆଇରନ ଆଣ୍ଡ ଷ୍ଟିଲ ପ୍ରାଇଭେଟ ଲିମିଟେଡ କାରଖାନାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଅଂଚଳବାସୀଙ୍କ ମନରେ ଆଲୋଡନ ସୃଷ୍ଟି କରିଛି। ଏହି ଘଟଣା ପରେ ମୃତକଙ୍କ ପରିବାର ଏହି ଘଟଣାକୁ ସନ୍ଦେହଜନକ ଏବଂ ହତ୍ୟା ବୋଲି ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, କାରଖାନାର ଯାନ୍ତ୍ରିକ ବିଭାଗରେ କାର୍ଯ୍ୟ କରୁଥିବା ବଲାଣିର ବାସିନ୍ଦା ଆଜାଦ ସାହୁଙ୍କ ମୃତ୍ୟୁ ହୋଇଥିଲା। ଘଟଣା ପରେ କମ୍ପାନୀ ପରିଚାଳନା ସଂସ୍ଥା ମୃତଦେହକୁ ନିକଟସ୍ଥ ବଲାଣି ଡାକ୍ତରଖାନାକୁ ନନେଇ ସିଧାସଳଖ ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା, ଯାହା ଉପରେ ପରିବାର ପକ୍ଷରୁ ଗମ୍ଭୀର ପ୍ରଶ୍ନ ଉଠିଛି। ପରିବାର ଲୋକ ଅଭିଯୋଗ କରିଛନ୍ତି ଯେ, କମ୍ପାନୀ ପରିଚାଳନା ସଂସ୍ଥା ତୁରନ୍ତ ପରିବାରକୁ ମୃତ୍ୟୁ ସମ୍ପର୍କରେ ଜଣାଇ ନଥିଲା। ମୃତକଙ୍କ ସାନଭାଇ କେବଳ ଫୋନ୍ ଯୋଗେ ଯୋଗାଯୋଗ କରିବା ପରେ ଘଟଣା ବିଷୟରେ ଜାଣିପାରିଥିଲେ। ମୃତକଙ୍କ ଶରୀର ସମ୍ପୂର୍ଣ୍ଣ ଭାବରେ କାଦୁଅରେ ଘୋଡ଼ାଇ ହୋଇଯାଇଥିଲା, ଯାହା ଫଳରେ ପରିବାର ଲୋକ ସନ୍ଦେହ କରୁଛନ୍ତି ଯେ ଏହା ଏକ ଦୁର୍ଘଟଣା କିମ୍ବା ହତ୍ୟା ଯାହାକୁ କମ୍ପାନୀ ଘୋଡ଼ାଇ ଦେବାକୁ ଚେଷ୍ଟା କରୁଛି। ପରିବାର ଲୋକ ଦାବି କରିଛନ୍ତି ମାମଲାର ନିରପେକ୍ଷ ଏବଂ ପୁଙ୍ଖାନୁପୁଙ୍ଖ ତଦନ୍ତ ଜରୁରୀ।

ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ସ୍ଥାୟୀ ଚାକିରି ଯୋଗାଇ ଦିଆଯିବା ଉଚିତ। କମ୍ପାନୀ ପରିଚାଳନାକୁ ଘଟଣାର ସ୍ପଷ୍ଟ ଦାୟିତ୍ୱ ନେବାକୁ ପଡିବ। ପରିବାର ମଧ୍ୟ ଅଭିଯୋଗ କରିଛନ୍ତି ଯେ, ଏପର୍ଯ୍ୟନ୍ତ କମ୍ପାନୀର କୌଣସି ବରିଷ୍ଠ ଅଧିକାରୀ ସେମାନଙ୍କୁ ଭେଟି ନାହାନ୍ତି। ବଲାଣି ପୋଲିସ ବଡବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଂଚି ତଦନ୍ତ ଆରମ୍ଭ କରିଛି। ହେଲେ ଦେଖିବାକୁ ବାକି ରହିଲା କମ୍ପାନୀ କର୍ତ୍ତୃପକ୍ଷ ଏହି ଦୁଃଖଦ ଘଟଣା ପରିବର୍ତ୍ତେ ପରିବାର ପ୍ରତି କ'ଣ ପଦକ୍ଷେପ ନେଉଛନ୍ତି ।

## ଜିଲ୍ଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ

ଖୋର୍ଦ୍ଧା, ୨୧/୦୯ (ନି.ପ୍ର): ସଂସ୍କୃତି ମନ୍ତ୍ରଳକ୍ଷଳୟ, ଭାରତ ସରକାରଙ୍କ "ସେବା ପର୍ବ ୨୦୨୫" ପାଳନ ଅବସରରେ ଆଜି ୨୦ ସେପଟ୍ଟେମ୍ବର ୨୦୨୫ ରେ ଜିଲ୍ଲା ପ୍ରଶାସନ, ଖୋର୍ଦ୍ଧା ପକ୍ଷରୁ "ବିକଶିତ ଭାରତ ୨୦୪୭" ବିଷୟକୁ ଆଧାର କରି ଜିଲ୍ଲା ସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ୩ଟି ବିଭାଗରେ ଆୟୋଜନ କରାଯାଇଥିଲା କ୍ଷ ବିଦ୍ୟାଳୟ ସ୍ତରୀୟ ଚିତ୍ରକାଳ ପ୍ରତିଯୋଗିତା ସ୍ଥାନୀୟ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧା ଠାରେ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟ ସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା ଠାରେ ଓ ବୃତ୍ତିଗତ ଚିତ୍ରକଳା ପ୍ରତିଯୋଗିତା ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ, ଖୋର୍ଦ୍ଧା ଠାରେ ଶନିବାର ଆୟୋଜିତ କରାଯାଇଥିଲା । ବିଦ୍ୟାଳୟ ସ୍ତରୀୟ ଚିତକଳା ପ୍ରତିଯୋଗିତାରେ ମୋଟ ୩୦ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରୁ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ଖୋର୍ଦ୍ଧାର ନବମ ଶ୍ରେଣୀର ଛାତ୍ରୀ ଟିକିରାଣୀ ଦାସ ପ୍ରଥମ ସ୍ଥାନ, ଡି. ଆର. ସ୍କୁଲ୍, ନୟାପଲ୍ଲୀ ର ଛାତ୍ର ବିଶ୍ୱରଞ୍ଜନ ମହାରଣା ଦ୍ୱିତୀୟ ସ୍ଥାନ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମୁକୁନ୍ଦପ୍ରସାଦ ର ଅଷ୍ଟମ ଶ୍ରେଣୀର ଛାତ୍ରୀ ରାଜଲକ୍ଷ୍ମୀ ସାମଲ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ମହାବିଦ୍ୟାଳୟ ସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ରେ ମୋଟ ୪୮ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ଧଉଳି ଚାରୁ ଓ କାରୁ କଳା ମହାବିଦ୍ୟାଳୟ ର ଛାତ୍ର ଦୀପକ କୁମାର ଜେନା ପ୍ରଥମ ସ୍ଥାନ, ଏକାମ୍ର ମହାବିଦ୍ୟାଳୟ, ଭୁବନେଶ୍ୱରର ଛାତ୍ର ଜି. ଅମନ ରାଓ ଦ୍ୱିତୀୟ ସ୍ଥାନ ଏବଂ ମଦୁଇ ଜଣ ଯଥା ଧଉଳି ଚାରୁ ଓ କାରୁ କଳା ମହାବିଦ୍ୟାଳୟ ର ଛାତ୍ର ପ୍ରକାଶ ପରିଡା ଓ କମଳକ୍ଷ ନେହେରୁ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱର ର ଛାତ୍ରୀ କଲ୍ୟାଣୀ ସାହୁ ମିଳିତ ଭାବେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିବା ବୃତ୍ତିଗତ ଚିତ୍ରକଳା ପ୍ରତିଯୋଗିତାରେ ମୋଟ ୧୦ ଜଣ ଚିତ୍ର ଶିଳ୍ପୀ ଅଂଶ ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରୁ ସ୍ଥାନୀୟ ପୋଷ୍ଟ ଅଫିସ ଲେନ, ଖୋର୍ଦ୍ଧା ର ଅନୁପମ ମହାନ୍ତି ପ୍ରଥମ ସ୍ଥାନ, ସହିଦ ଲକ୍ଷ୍ମଣ ନାୟକ ବେହେରା ସାହି, ଆଇ. ଆର. ସି. ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱରର ବିଜୟ କୁମାର ମଲ୍ଲିକ ଦ୍ୱିତୀୟ ସ୍ଥାନ ଓ ସ୍ଥାନୀୟ ଜଜାରସିଂହ, ଉପରସାହି, ଖୋର୍ଦ୍ଧାର ଲଲାଟ କିଶୋର ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

## ଅନ୍ତର୍ଜାତୀୟ ସମୁଦ୍ର କୂଳ ସଫେଇ ଦିବସ ଅନୁଷ୍ଠିତ

ପୁରୀ, ୨୧/୦୯ (ନି.ପ୍ର): ପରିବେଶ ସୁସ୍ଥ ରହିଲେ ଜୀବ ଜଗତ ତିଷ୍ଠି ରହିବ। ଏଥିପାଇଁ ଆମ ସମସ୍ତଙ୍କ ସହଯୋଗ, ଉଦ୍ୟମ ଓ ସଂକଳ୍ପ ଜରୁରୀ ବୋଲି ଆହ୍ୱାନ ଦେଇଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଂଟିଆ। ଆଜି ପୂର୍ବାହ୍ନରେ ପୁରୀ ବ୍ଲୁ ଫ୍ଲାଗ ବିଚ ଠାରେ ଆନ୍ତର୍ଜାତୀୟ ସମୁଦ୍ର କୂଳ ସଫେଇ ଦିବସ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଖୁଂଟିଆ ପୁରୀ ମହାପ୍ରଭୁଙ୍କ ପବିତ୍ର ଧାମ । ଆଧ୍ୟାତ୍ମିକ ଓ ପର୍ଯ୍ୟଟନ ପାଇଁ ପ୍ରସିଦ୍ଧି ଲାଭ କରିଛି । ଏହାକୁ ନିରନ୍ତର ସ୍ୱଚ୍ଛ ରଖିବା ସମସ୍ତଙ୍କର ଲକ୍ଷ୍ୟ ହେବା ଉଚିତ୍। ଓଡ଼ିଶାର ଶିମିଳିପାଳ ଜୈବ ବିବିଧତା ଓ ପିଓର ଅକ୍ସିଜେନ ପାଇଁ ପ୍ରସିଦ୍ଧି ଲାଭ କରିଛି। ଆମର ବିସ୍ତୃତ ୪୮୦ କିଲୋମିଟର ଦୀର୍ଘ ବିଶିଷ୍ଟ ସମୁଦ୍ର ବେଳାଭୂମି ସମସ୍ତଙ୍କୁ ଆକର୍ଷିତ କରିଛି। ଏହାକୁ ସୁସ୍ଥ, ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ଆମର ଦାୟିତ୍ୱ। ବର୍ଯ୍ୟବସ୍ତୁ ପରିଚାଳନା ଆଜିର ସମୟରେ ସବୁଠାରୁ ବଡ ଆହ୍ୱାନ ବୋଲି କହିବା ସହ ପରିବେଶ ସୁରକ୍ଷା ପାଇଁ ସମସ୍ତଙ୍କୁ ଶପଥ ପାଠ କରିଥିଲେ।

ଅନ୍ୟତମ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ବେହେରା ସ୍ୱଚ୍ଛତା ସମସ୍ତଙ୍କ ଆବଶ୍ୟକତା ଓ ସମସ୍ତଙ୍କ ଦାୟିତ୍ୱ ।ଜଳ, ଜଙ୍ଗଲ, ଜମି ଓ ଜନ୍ତୁର ସୁରକ୍ଷା ପାଇଁ ପ୍ରତ୍ୟେକ ବିଶେଷ କରି ଛାତ୍ର ଛାତ୍ରୀ ମାନେ ସଂକଳ୍ପବଦ୍ଧ ହେବାକୁ ସେ ଆହ୍ୱାନ ଦେଇଥିଲେ। ପୂର୍ବତନ ସାଂସଦ ତଥା ବିଶିଷ୍ଟ ଅଭିନେତ୍ରୀ ଜୟପ୍ରଦା ପୁରୀ ଏକ ଧାର୍ମିକ ପୀଠ ହୋଇଥିବାରୁ ସମସ୍ତଙ୍କର ପୁରୀ ପ୍ରତି ଆକର୍ଷଣ ରହିଛି। ଏହାର ସ୍ୱଛତା ସମସ୍ତେ ରକ୍ଷା କରିବାକୁ ଅନୁରୋଧ କରିଥିଲେ। ପୁରୀ ସାଂସଦ ଡା ସମ୍ବିତ ପାତ୍ର ପ୍ରଧାନମନ୍ତ୍ରୀ ସ୍ୱଚ୍ଛତା, ସ୍ୱଦେଶୀ ଓ ଶସ୍ତା କଥା ସୂଚନା ଦେଇଛନ୍ତି। ସ୍ୱଛ ରହିଲେ ସୁସ୍ଥ ରହିବା, ସ୍ୱଦେଶୀ ବ୍ୟବହାର ଦ୍ୱାରା ଆମ ଅର୍ଥନୀତି ସୁଦୃଢ ହେବ, ବର୍ତମାନ ଜିଏସଟି ହ୍ରାସ କରିଥିବାରୁ ଲୋକ ମାନେ ପ୍ରାୟ ସବୁ ଜିନିଷପତ୍ର ଶସ୍ତାରେ ପାଇବେ। ତେବେ ସୁସ୍ଥ ପରିବେଶ ପାଇଁ ଆମକୁ ସମର୍ପିତ ହେବାକୁ ପଡିବ ବୋଲି ସେ କହିଥିଲେ।

ଅନ୍ୟ ମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ଭାରତ ସରକାରଙ୍କ ପରିବେଶ ମନ୍ତ୍ରଣାଳୟର ଯୁଗ୍ମ ସଚିବ ରଜତ ଅଗ୍ରୱାଲ, ରାଜ୍ୟ ପିସିସିଏଫ ସୁରେଶ ପନ୍ତ, ପିସିସିଏଫ ୱାଇଲ୍ଡ ଲାଇଫ ପ୍ରେମ କୁମାର ଝା, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସପି ପ୍ରତୀକ ସିଂ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ରାଜ୍ୟ ପ୍ରଦୂଷଣ ବୋର୍ଡ ସଦସ୍ୟ ଉମା ନନ୍ଦୁରୀ ସମସ୍ତଙ୍କୁ ସ୍ୱାଗତ ଓ ଅତିଥି ପରିଚୟ ଦେଇଥିବା ବେଳେ ପୁରୀ ଡିଏଫଓ ମଗର ଧନଜ ରାଓସୋ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତନ ଉପରେ ପ୍ରସ୍ତୁତ ଏକ ପୁସ୍ତକକୁ ଅତିଥି ମାନେ ଉନ୍ମୋଚନ କରିଥିଲେ।

ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ ।ପରେ ସମୁଦ୍ର ବେଳାଭୂମିକୁ ଅତିଥି ମାନେ ସଫେଇ କରିଥିଲେ। ପୂର୍ବରୁ ଅତିଥି ମାନେ ପେଣ୍ଠକଟା ବେଳାଭୂମି ସଫେଇରେ ସାମିଲ ହୋଇଥିଲେ। ଏହି ଅବସରରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

## ସୁନାମି ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

ଗଞ୍ଜାମ, ୨୧/୦୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ସୁନାମି ମୁକାବିଲା ନିମନ୍ତେ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ଶନିବାର ଦିନ ଜିଲ୍ଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ ପଣ୍ଡାଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଜିଲ୍ଲା ଜରୁରୀକାଳୀନ ବିଭାଗର ଡେପୁଟି କଲେକ୍ଟର ଅଭିଷେକ ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ କହିଥିଲେ ଯେ, ଗଞ୍ଜାମ ଜିଲ୍ଲା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା । ଏହା ଉପକୂଳବର୍ତ୍ତି ଜିଲ୍ଲା ହୋଇଥିବାରୁ ବାତ୍ୟା ଓ ସୁନାମୀ ପ୍ରବଣ ଜିଲ୍ଲା ଭାବେ ପରିଚିତ । ଗଞ୍ଜାମ ଜିଲ୍ଲାର ଚାରି ଗୋଟି ବ୍ଲକ୍ ର ୪୨ ଟି ଗ୍ରାମ ଓ ଦୁଇ ଗୋଟି ବିଜ୍ଞାପିତ ଅଂଚଳ ପରିଷଦର ୨୩ ଗୋଟି ୱାର୍ଡ ସୁନାମି ପ୍ରବଣ ଅଟେ । ସୁନାମୀ ମୁକାବିଲା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି । ୨୦୨୦ ମସିହାରେ ଜିଲ୍ଲାର ଭେଙ୍କଟ ରାୟପୁର ଗ୍ରାମ ଏବଂ ୨୦୨୪ ମସିହାରେ ପ୍ରୟାଗୀ, କଂଟିଆଗଡ, ଉପୁଲାପୁଟି ଓ ମାର୍କଣ୍ଡି ଗ୍ରାମକୁ ସୁନାମୀ ରେଡି ଗ୍ରାମ ଭାବେ ମାନ୍ୟତା ମିଳିଥିବା କହିଥିଲେ । ବନ୍ୟା, ବାତ୍ୟା, ସୁନାମୀ ପ୍ରାକୃତିକ ଦୁର୍ବିପାକ ଭଳି ସର୍ପାଘାତ ଓ ବଜ୍ରାଘାତରୁ ମଧ ରକ୍ଷା ପାଇବା ପାଇଁ ସଚେତନତା ଜରୁରୀ ହୋଇ ପଡିଥିବା କହିଥିଲେ । ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବାକୁ ହେଲେ ପ୍ରାକ୍ ସତର୍କତା ଓ ସଚେତନତା ନିହାତି ଜରୁରୀ । ସୁନାମି ଆସିବାର ଦୁଇ ଘଂଟା ପୂର୍ବରୁ ଜଣାପଡିଥାଏ । ଏଣୁ ସ୍ଥାନୀୟ ଗୋଷ୍ଠୀ (କମ୍ୟୁନିଟି) ର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବୈଠକରେ ଅଧକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଣ୍ଡା କହିଥିଲେଯେ, ଜିଲ୍ଲାର ରଙ୍ଗେଇଲୁଣ୍ଡା, ଗଞ୍ଜାମ, ଛତ୍ରପୁର ଓ ଚିକିଟି ଏହି ଚାରିଗୋଟି ବ୍ଲକ୍ ସୁନାମି ପ୍ରବଣ ଅଟେ । ଜିଲ୍ଲାର ସମସ୍ତ ବିଭାଗର ସମନ୍ୱୟରେ ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିପାରିବା । ବିପର୍ଯ୍ୟୟ ସମୟରେ ପଛଘୁଂଚା ନ ଦେଇ ନିଜନିଜ କର୍ତବ୍ୟରେ ଲାଗିପଡିଲେ ଆମେ ଏହାର ସହଜରେ ମୁକାବିଲା କରିପାରିବା । ଜିଲ୍ଲା ପ୍ରକଳ୍ପ ଅଧିକାରୀ ଦେବେନ୍ଦ୍ର ନାୟକ ସୁନାମି ସମୟରେ କିପରି ସତର୍କତା ଅବଲମ୍ବନ କରାଯାଇପାରିବ ସେ ସମ୍ପର୍କରେ ସବିଶେଷ ବୁଝାଇ ଥିଲେ । ସୁନାମିର ଉତ୍ପତି, କାରଣ ଓ ଲକ୍ଷଣ ବିଷୟରେ ବିସ୍ତୃତଭାବେ ଆଲୋଚନା କରିଥିଲେ । ମତ୍ସ୍ୟଜୀବୀମାନେ ମାଛମାରିବାକୁ ସମୁଦ୍ରକୁ ଯାଇଥିଲେ ସୁନାମି ସମୟରେ ସେମାନେ କୂଳ ଆଡକୁ ନଆସି ସମୁଦ୍ର ଭିତରକୁ ପଳାଇଯିବା ଉଚିତ୍ । କାରଣ କୂଳ ଆଡକୁ ଉଚ୍ଚ ଲହରି ମାନ ଆସିଥାଏ । ସୁନାମି ସମୟରେ ସମୁଦ୍ରର ଢେଉ ସ୍ଥଳ ଭାଗ ଆଡକୁ ୮୦୦ ରୁ ୯୦୦ କିଲୋମିଟର ବେଗରେ ୩୦ ରୁ ୪୦ମିଟର ଉଚ୍ଚତାରେ ମାଡିଆସେ । ସୁନାମି ସମୟରେ ସମୁଦ୍ର କୂଳରୁ ବିପରିତ ଦିଗରେ ଦୁଇ ତିନି କିଲୋମିଟର ଦୂରରେ ଥିବା ଉଚ୍ଚ ସ୍ଥାନକୁ ପଳେଇଗଲେ ଜୀବନ ରକ୍ଷା କରିପାରିବା । ସୁନାମୀ ପରେପରେ ଉଚ୍ଚ ସ୍ଥାନରେ ଆଶ୍ରୟ ନେଇଥିବା ଲୋକମାନେ ନିଜନିଜ ଘରକୁ ଫେରିଲା ବେଳେ ଘରକୁ ତନ୍ନତନ୍ନ କରି ଦେଖିବା ସହ ବୈଦ୍ୟୁତିକ ଉପକରଣ ସଂସ୍ପର୍ଶରେ ନ ଆସିବାକୁ ପରାମର୍ଶ ଦିଆଯାଇଥିଲା । ନଭେମ୍ବର ୫ ତାରିଖକୁ ବିଶ୍ୱ ସୁନାମୀ ଦିବସ ଭାବେ ପାଳନ କରାଯାଉଛି । ସମସ୍ତ ବିଭାଗ ନିଜନିଜ ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କରିପାରିଲେ ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ସହଜରେ ମୁକାବିଲା କରିପାରିବା । ସୁନାମି ମୁକାବିଲା ନିମନ୍ତେ ଗୋଷ୍ଠୀ ସମୁଦାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଓଡିଶାର ୨୬ ଗୋଟି ଗ୍ରାମକୁ ସୁନାମିରେଡି ଗ୍ରାମ ଭାବେ ମାନ୍ୟତା ମିଳିସାରିଛି ।

## କେନ୍ଦୁଝରରେ 'ବିକଶିତ ଭାରତ' ପର୍ଯ୍ୟବେସିତ ଜିଲ୍ଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ

କେନ୍ଦୁଝର, ୨୧/୦୯ (ନି.ପ୍ର): "ବିକଶିତ ଭାରତ କେ ରଙ୍ଗ, କଳା କେ ସାଙ୍ଗ" ଦେଶବ୍ୟାପୀ ଅଭିଯାନର ଅଂଶ ସ୍ୱରୂପ, ଆଜି କେନ୍ଦୁଝରର ଶଙ୍କରପୁର ଧରଣୀଧର କ୍ରୀଡ଼ା କମ୍ପ୍ଲେକ୍ସଠାରେ ଏକ ଜିଲ୍ଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ମାନନୀୟ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଆହ୍ୱାନ କ୍ରମେ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଦୃଷ୍ଟିକୋଣକୁ ପାଳନ କରିବା ଉଦ୍ଦେଶ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବୃତିଗତ କଳାକାର, ବିଶ୍ୱବିଦ୍ୟାଳୟ ତଥା ମହାବିଦ୍ୟାଳୟ ଏବଂ ବିଦ୍ୟାଳୟସ୍ତରୀୟ ଏହିପରିଭାବେ ତିନୋଟି ବର୍ଗର କଳାକାରମାନେ ଉତ୍ସାହଜନକ ଭାବରେ ଅଂଶଗ୍ରହଣ କରିଥିଲେ - ଅଂଶଗ୍ରହଣକାରୀ ମାନେ ସେମାନଙ୍କର କଳାକୃତି ମାଧ୍ୟମରେ ଭାରତର ପ୍ରଗତି, ଆକାଂକ୍ଷା ଏବଂ ସାଂସ୍କୃତିକ ସ୍ପନ୍ଦନକୁ ଉଜ୍ଜ୍ୱଳ ଭାବରେ 'ବିକଶିତ ଭାରତ' ବିଷୟବସ୍ତୁକୁ ଚିତ୍ରଣ କରିଥିଲେ। ଯୁବ ଏବଂ ବୃତିଗତ ପ୍ରତିଭାମାନେ ଏକ ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳ ଭାରତର ଦୃଷ୍ଟିକୋଣ ପ୍ରକାଶ କରିବା ସହିତ ଏହି କାର୍ଯ୍ୟକ୍ରମ ସୃଜନଶୀଳତା ଏବଂ ଦେଶପ୍ରେମ ଉତ୍ସାହ ଦ୍ୱାରା ପୂର୍ଣ୍ଣ ହୋଇଥିଲା । ବୃତିଗତ ବର୍ଗରେ ମାନସ କୁମାର ଦାସ ପ୍ରଥମ, ସୁଧୀର କୁମାର ସ୍ୱାଇଁ ଦ୍ୱିତୀୟ ଓ ବିକାଶ ରଞ୍ଜନ ମହାନ୍ତ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ବିଶ୍ୱବିଦ୍ୟାଳୟ ତଥା ମହାବିଦ୍ୟାଳୟସ୍ତରରେ ସ୍ୱସ୍ତିକ କୁମାର ଦାଶ ପ୍ରଥମ, ରୁଦ୍ରନାରାୟଣ ରାଉତ ଦ୍ୱିତୀୟ ଓ ବିଶ୍ୱଜିତ ଝାଲିଆ ତୃତୀୟ ହୋଇଥିଲେ ସେହିପରି ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ ଅନନ୍ୟା ବେହେରା ପ୍ରଥମ, ଆଦ୍ୟାଶା ପ୍ରିୟଦର୍ଶିନୀ ସାହୁ ଦ୍ୱିତୀୟ ଏବଂ ସାଇ ଓମପ୍ରକାଶ ରାଉତ ତୃତୀୟ ସ୍ଥାନ ଅଧିକାର କରିଥିଲେ।

## ସେଲ୍, ରାଉରକେଲା ଇସ୍ପାତ କାରଖାନାର ପ୍ଲେଟ୍ ମିଲ୍ ବିଭାଗରେ ନିଜସ୍ୱ ଦକ୍ଷତା ଚାଳିତ ବୃହତ ବୈଷୟିକ ଉନ୍ନତିକରଣ ଦ୍ୱାରା ବିପୁଳ ସଞ୍ଚୟ ହାସଲ

ରାଉରକେଲା, ୨୧/୦୯ (ନି.ପ୍ର): ସେଲ୍,ରାଉରକେଲା ଇସ୍ପାତ କାରଖାନାର ପ୍ଲେଟ୍ ମିଲ୍ ବିଭାଗରେ ମୁଖ୍ୟ ମରାମତି-୨୦୨୫ ଅଭିଯାନ ସମୟରେ ପ୍ରମୁଖ ବୈଷୟିକ ଉନ୍ନତିକରଣ ସମ୍ପନ୍ନ କରାଯାଇଛି। ଆତ୍ମନିର୍ଭରଶୀଳତା, ଦକ୍ଷତା ଏବଂ ନବସୃଜନ ଉପରେ ଆରଏସପିର ଧ୍ୟାନକୁ ପ୍ରତିଫଳିତ କରି ଏହି ପଦକ୍ଷେପ ସମ୍ପୂର୍ଣ୍ଣ ଭାବରେ ଆଭ୍ୟନ୍ତରୀଣ ବିଶେଷଜ୍ଞତା ଏବଂ ସମ୍ବଳ ଦ୍ୱାରା କାର୍ଯ୍ୟକାରୀ ହୋଇଥିବାବେଳେ ଏହା ସ୍ୱୟଂଚାଳିତତାରେ ଉନ୍ନତି ସାଧନ ସହ ସିଷ୍ଟମ୍ ନିର୍ଭରଯୋଗ୍ୟତାକୁ ଉନ୍ନତ ଏବଂ ବିପୁଳ ଖର୍ଚ୍ଚ ସଞ୍ଚୟ ସୁନିଶ୍ଚିତ କରିଛି। ଉଲ୍ଲେଖନୀୟ ଯେ, ପ୍ଲେଟ୍ ମିଲ୍ ବିଭାଗର ମୁଖ୍ୟ ମରାମତି ସେପ୍ଟେମ୍ବର ୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ସଫଳତାର ସହିତ ସମ୍ପାଦିତ କରାଯାଇଥିଲା।




ଫର୍ଣ୍ଣେସ୍ ଡିସଚାର୍ଜ ପିଏଲସି ସିଷ୍ଟମର ପ୍ରତିସ୍ଥାପନ ଯାହା ଡିସଚାର୍ଜ ରୋଲର ଟେବୁଲ୍, ସ୍ଲାବ୍ ଟ୍ରାନ୍ସଫର କାର୍, ପ୍ରାଥମିକ ଡିସକେଲିଂ ଏବଂ ସ୍କେଲ୍ ପିଟ୍ ପମ୍ପ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ନିୟନ୍ତ୍ରଣ କରେ ତାହା ଏହି ମରାମତିର ସବୁଠାରୁ ଉଲ୍ଲେଖନୀୟ ମାଇଲଖୁଣ୍ଟ ମଧ୍ୟରୁ ପ୍ରମୁଖ ଥିଲା । ୱିଣ୍ଡୋଜ୍-୯୮ ପ୍ଲାଟଫର୍ମ ଉପରେ ନିର୍ଭରଶୀଳ ପୁରୁଣା ଏବଂ ଅସୁବିଧାଜନକ ଆଲେନ୍ ବ୍ରାଡଲି ଏସଏଲସି-୫୦୦ ପିଏଲସି , ବର୍ତ୍ତମାନ ଇଞ୍ଜିନିୟରିଂ ଏବଂ ଏଚଏମଆଇ ସହିତ ଏକ ଅତ୍ୟାଧୁନିକ ସିମେନ୍ସ ଏସ ୭-୪୦୦ ପିଏଲସି ସହିତ ବଦଳାଯାଇଛି।

ଏହା ସହିତ, ସ୍ଲାବ୍ ଟ୍ରାନ୍ସଫର କାର ପାଇଁ ଦୁଇଟି ସିମେନ୍ସ ଏସ-୧୨୦ ଡ୍ରାଇଭକୁ ଅପ୍ରଚଳିତ ଶିମୋଭର୍ଟ ଡ୍ରାଇଭକୁ ବଦଳାଇ ନୂତନ ପିଏଲସି ସହିତ କମିଶନ ଏବଂ ସଂଯୁକ୍ତ କରାଯାଇଥିଲା। ଏହି ଅପଗ୍ରେଡ୍ ସିଷ୍ଟମ ନିର୍ଭରଯୋଗ୍ୟତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା ସହିତ ମୋଟର, ଗିଅରବକ୍ସ ଏବଂ ସହାୟକ ସିଷ୍ଟମର ଜୀବନ ବୃଦ୍ଧି କରିବ ଏବଂ ଯଥେଷ୍ଟ ଶକ୍ତି ସଞ୍ଚୟ କରିବ ବୋଲି ଆଶା କରାଯାଉଛି।

ଏହା ଉଲ୍ଲେଖନୀୟ ଯେ, ସମଗ୍ର ପ୍ରକଳ୍ପଟି ନିଜସ୍ୱ ବିଶେଷଜ୍ଞତା ଏବଂ ସମ୍ବଳ ବିନିଯୋଗରେ କାର୍ଯ୍ୟକାରୀ କରାଯାଇଥିଲା। ପିଏଲସି କାର୍ଡଗୁଡ଼ିକ ଇ ଆଣ୍ଡ ଏ ରୁ ଉତ୍ସ ପାଇଥିଲା ଏବଂ ପରୀକ୍ଷଣ କରାଯାଇଥିଲାବେଳେ ପ୍ଲେଟ୍ ମିଲ୍ ବିଭାଗର ଇଲେକ୍ଟ୍ରିକାଲ୍ ଦଳ ନିୟନ୍ତ୍ରଣ ପ୍ୟାନେଲଗୁଡ଼ିକୁ ନିର୍ମାଣ ଏବଂ ତାରଯୁକ୍ତ କରିଥିଲା। ବାହ୍ୟ ନିର୍ଭରଶୀଳତାକୁ ଏଡାଇ, ମିଲ୍ ଦୀର୍ଘକାଳୀନ ଶକ୍ତି ସଞ୍ଚୟକୁ ସୁନିଶ୍ଚିତ କରିବା ସହିତ ୫୦ଲକ୍ଷ ଟଙ୍କାର ଏକକାଳୀନ ସଞ୍ଚୟ ହାସଲ କରିଥିଲା।

ପ୍ଲେଟ୍ ମିଲ୍ ବିଭାଗର ସିଜିଏମ୍ ଏବଂ ବିଭାଗ ମୁଖ୍ୟ ଶ୍ରୀ ଏତୁଆ ଓରାମ ଏବଂ ଇଲେକ୍ଟ୍ରିକାଲ ବିଭାଗର ସିଜିଏମ୍ ତଥା ଆଇ ଆଣ୍ଡ ଏ ବିଭାଗର ମୁଖ୍ୟ ଶ୍ରୀ ଆର. କେ. ମୁଦୁଲିଙ୍କ ପ୍ରୋତ୍ସାହନ ଏବଂ ସକ୍ରିୟ ମାର୍ଗଦର୍ଶନ ସହିତ ଆଇଏଣ୍ଡଏ (ଅଟୋମେସନ୍) ଏବଂ ପିଏମ୍ (ଇଲେକ୍ଟ୍ରିକାଲ୍) ଦଳଗୁଡ଼ିକ ଦ୍ୱାରା ମିଳିତ ଭାବରେ ପିଏଲସି ସିଷ୍ଟମ୍ ବିନ୍ୟାସର ପରିକଳ୍ପନା, ଡିଜାଇନ୍ ଏବଂ ଅଫଲାଇନ୍‌ରେ ପରୀକ୍ଷଣ କରାଯାଇଥିଲା।

ଇଲେକ୍ଟ୍ରିକାଲ୍ ବିଭାଗର ଏଚ୍ଓଏସ୍ ଏବଂ ଜିଏମ୍ ଶ୍ରୀ ଦୀପ୍ତଙ୍କର ମହାପାତ୍ର, ଆଇ ଆଣ୍ଡ ଏ ବିଭାଗର ଜିଏମ ଶ୍ରୀ ଏ. କେ. ସୁରାନା, ଇ ଆଣ୍ଡ ଏ ବିଭାଗର ଜିଏମ ଶ୍ରୀ ସୁଶୀଲ କୁମାର ମିଶ୍ର, ଶ୍ରୀ ମନୀଷ କୁମାର ସିହ୍ନା, ଶ୍ରୀ ଅଭିନାଶ ପଟ୍ଟନାୟକ, ଶ୍ରୀ ଶୁଭଦର୍ଶନ ପାଠୀ, ଶ୍ରୀ ବିକାଶ କୁମାର, ଶ୍ରୀ ଏମ୍. ବାଳକୃଷ୍ଣ, ଶ୍ରୀ ଚୌଧୁରୀ ଈଶ୍ୱର ରାଜ, ଶ୍ରୀ ବି. ବାରିସାଲ, ଶ୍ରୀ ପି. କେ. ସାହୁ, ଶ୍ରୀ ଆର. କେ. ଦାସ ଏବଂ ଶ୍ରୀ ଏ. କେ. ବାରିକଙ୍କୁ ନେଇ ଏକ ପ୍ରତିବଦ୍ଧ ଦଳ ଏହି ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।

ଏହି ଉନ୍ନତିକରଣ ପ୍ଲେଟ୍ ମିଲ ବିଭାଗରେ ଉନ୍ନତ କାର୍ଯ୍ୟକ୍ଷମ ଦକ୍ଷତା, ଡାଉନଟାଇମ୍ ହ୍ରାସ ଏବଂ ଉତ୍ପାଦନ ସ୍ତର ବୃଦ୍ଧି ପାଇଁ ଏକ କ୍ଷେତ୍ର ପ୍ରସ୍ତୁତ କରିବା ସହିତ ଆରଏସପିରେ ସମ୍ବଳ ବିନିଯୋଗ, ଦଳଗତ କାର୍ଯ୍ୟ ଏବଂ ଆତ୍ମନିର୍ଭରଶୀଳତାର ଏକ ଜ୍ୱଳନ୍ତ ଉଦାହରଣ ଭାବରେ ମଧ ପ୍ରତିଫଳିତ ହୋଇଛି।

## ନୂତନ ଜିଲ୍ଲା ମଙ୍ଗଳ ଅଧିକାରୀ ଓ ସ୍ୱତନ୍ତ୍ର ଅଧିକାରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର, ୨୧/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ମଙ୍ଗଳ ବିଭାଗର ଶିକ୍ଷା ସହାୟକ ସେବକ ସେବିକା ସଂଘ ତରଫରୁ କେନ୍ଦୁଝର ଜିଲ୍ଲାରେ ନୂତନ ଭାବରେ ଜିଲ୍ଲା ମଙ୍ଗଳ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବିକାଶ କୁମାର ମହାନ୍ତି ଏବଂ ସ୍ୱତନ୍ତ୍ର ଅଧିକାରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିବା ସୁନା ରାମ ସିଂ ଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଜିଲ୍ଲାରେ ଥିବା ଅଶ୍ରାମ / ସେବାଶ୍ରମ ବିଦ୍ୟାଳୟ ଗୁଡିକରେ ରହିଥିବା ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ ଏବଂ ଯାହା ସମସ୍ୟା ରହିଛି, ତା'ର ସମାଧାନ ପାଇଁ ସମସ୍ତଙ୍କର ସହଯୋଗ କାମନା କଲେ । ଶିକ୍ଷା ସହାୟକ ସଂଘ ର ସରୋଜ କୁମାର ପୃଷ୍ଟି , ଶ୍ରୀକାନ୍ତ ଚନ୍ଦ୍ର ନାୟକ, ଶଶିଭୂଷଣ ଖିଲାର, ଚିତ ରଞ୍ଜନ ମହାନ୍ତ, ସମୀର ରଞ୍ଜନ ସାହୁ , ଜିତେନ୍ଦ୍ର କୁମାର ନାୟକ, ତ୍ରିନାଥ ବେହେରା , ସସ୍ମିତା ସେଠୀ, ନିଶିକାନ୍ତ କିସ୍କୁ, ତ୍ରିଲୋଚନ ମହାନ୍ତ, ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।




କିଛି ଜିନିଷ ଅଛି ଯାହା ଆମ ରୋଷେଇରେ ଖାଇବାକୁ ସ୍ୱାଦିଷ୍ଟ କରିବା ସହ ଆମ ସ୍ୱାସ୍ଥ୍ୟ ମଧ୍ୟ ଭଲ ରଖିଥାଏ । ସେଥିମଧ୍ୟରୁ ଭୃଶଙ୍ଗ ପତ୍ର ହେଉଛି ଅନ୍ୟତମ । ରୋଷେଇ ଘରେ ଅନେକ ପତ୍ର ବହୁଳ ଭାବରେ ବ୍ୟବହୃତ ହୁଏ । ଭୃସଙ୍ଗ ପତ୍ରର ବୈଜ୍ଞାନିକ ନାମ ମୁରାୟା କୋଏନିଗି । ଯାହାକୁ ଭୃସଙ୍ଗ ପତ୍ର ଏବଂ ମିଠା ନିମ ଭଳି ନାମରେ ମଧ୍ୟ ଜଣାଶୁଣା । ଇଂରାଜୀରେ ଏହାକୁ କରୀ ପତ୍ର ମଧ୍ୟ କୁହାଯାଏ । ଏଥିରେ ମ୍ୟାଗ୍ନେସିୟମ୍, କ୍ୟାଲସିୟମ୍, ଫସଫରସ୍, ଲୁହା, ତମ୍ବା ଏବଂ ଭିଟାମିନ୍ ଭଳି ଅନେକ ଗୁଣ ରହିଛି । ଯାହା ଶରୀରକୁ ଅନେକ ଲାଭ ଯୋଗାଇବାରେ ସହାୟକ । ଯଦି ଆପଣ ଭୃସଙ୍ଗ ପତ୍ରକୁ ପାଣିରେ ଫୁଟାଇ ପ୍ରତିଦିନ ସକାଳେ ଖାଲି ପେଟରେ ପିଅନ୍ତି, ତେବେ ଆପଣ ଶରୀରକୁ ଅନେକ ସମସ୍ୟାରୁ ରକ୍ଷା କରିପାରିବେ । ତେଣୁ ବିଳମ୍ବ ନକରି ଆସନ୍ତୁ ଜାଣିବା କେଉଁମାନେ ଏହାକୁ ସେବନ କରିବା ଉଚିତ ।

***ମଧୁମେହ :*** ଭୃସଙ୍ଗ ପତ୍ରରେ ହାଇପୋଗ୍ଲାଇସେମିକ୍ ଗୁଣ ଥାଏ । ଯାହା ରକ୍ତରେ ଶର୍କରା ସ୍ତର କମ କରିବାରେ ସାହାଯ୍ୟ କରେ । ଭୃସଙ୍ଗ ପତ୍ର ପାଣି ପିଇବା ମଧୁମେହ ରୋଗୀଙ୍କ ପାଇଁ ଲାଭଦାୟକ ହୋଇପାରେ ।

***ପାଚନ :*** ଯେଉଁମାନଙ୍କର ପାଚନ ସମସ୍ୟା ଅଛି ସେମାନଙ୍କ ପାଇଁ ଭୃସଙ୍ଗ ପତ୍ର ପାଣି ପିଇବା ବହୁତ ଲାଭଦାୟକ ହୋଇପାରେ ।

***ଚର୍ମ :*** ଭୃସଙ୍ଗ ପତ୍ର ପାଣି ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ହୋଇଥିବାରୁ, ଏହା ତ୍ୱଚାକୁ ମୁକ୍ତ ରାଡିକାଲ୍ସ ଦ୍ୱାରା ହେଉଥିବା କ୍ଷତିରୁ ରକ୍ଷା କରିପାରିବ ।

***ହୃଦୟ :*** ଭୃସଙ୍ଗ ପତ୍ର ପାଣି ସୁସ୍ଥ ହୃଦୟ ବଜାୟ ରଖିବାରେ ସାହାଯ୍ୟ କରିପାରେ । ଏହା ସହିତ, ଏହା ହୃଦୟ ସମ୍ବନ୍ଧୀୟ ସମସ୍ୟାର ଆଶଙ୍କାକୁ ହ୍ରାସ କରିପାରେ ।

***ଭୃସଙ୍ଗ ପତ୍ର ପାଣି କିପରି ତିଆରି କରିବେ:***
ଭୃସଙ୍ଗ ପତ୍ର ପାଣି ତିଆରି କରିବା ପାଇଁ, ପ୍ରଥମେ ତାଜା ଭୃସଙ୍ଗ ପତ୍ରକୁ ଭଲ ଭାବରେ ଧୋଇ ଦିଅନ୍ତୁ । ତାପରେ, ଏକ ପ୍ୟାନରେ ଏକ ଗ୍ଲାସ ପାଣି ଢାଳନ୍ତୁ, ୫-୬ ଟି ଭୃସଙ୍ଗ ପତ୍ର ପକାଇ ଫୁଟାନ୍ତୁ । କିଛି ମିନିଟ୍ ପରେ, ଏହାକୁ ଛାଣି ଚା ପରି ପିଅନ୍ତୁ ।

# ରୋଗିଣା କରିଦେବ ମୋବାଇଲ୍ ନୋଟିଫିକେସନ୍: ସକାଳୁ ଉଠୁ ଉଠୁ ଓ ରାତିରେ ଶୋଇବା ପୂର୍ବରୁ ମୋବାଇଲ୍ ଦେଖୁଥିଲେ ସାବଧାନ

ମୋବାଇଲ୍ ଫୋନ୍ ଆମ ସମସ୍ତଙ୍କ ଜୀବନରେ ଏକ ଜରୁରୀ ସାମଗ୍ରୀ ପାଲଟିଗଲାଣି । ସକାଳୁ ଉଠିବା ଠାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ଆମେ ମୋବାଇଲ ଫୋନ୍ ବ୍ୟବହାର କରିଥାଉ । ଫୋନର ଅତ୍ୟଧିକ ବ୍ୟବହାର ଜୀବନଶୈଳୀ ଉପରେ ନକାରାତ୍ମକ ପ୍ରଭାବ ପକାଉଛି । ଶୋଇବା ସମୟରେ କିମ୍ବା ସକାଳୁ ଉଠିବା ସମୟରେ ମୋବାଇଲ୍ ଧରିବା ଅଭ୍ୟାସ ଆମ ଶରୀର ପ୍ରତି କ୍ଷତିକାରକ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି । ତେବେ ଆପଣମାନେ ଜାଣି ରଖିବା ଉଚିତ କି କେବଳ ଫୋନ୍ ନୁହେଁ, ଏଥିରେ ଆସୁଥିବା ନୋଟିଫିକେସନ୍ ମଧ୍ୟ ଆପଣଙ୍କୁ ଅସୁସ୍ଥ କରିପାରେ । ଆସନ୍ତୁ ଜାଣିବା ଏହାର ପାର୍ଶ୍ୱ ପ୍ରତିକ୍ରିୟା...

୧. ସକାଳୁ ଉଠିବା ମାତ୍ରେ ହାତରେ ଫୋନ ଧରିବା ଚିନ୍ତାର କାରଣ ହୋଇପାରେ । ଏହା ମଣିଷକୁ ଉଚ୍ଚ ରକ୍ତଚାପର ଶିକାର କରିପାରେ ।

୨. ବାରମ୍ବାର ମୋବାଇଲ୍ ସ୍କ୍ରିନ୍ ଦେଖିବା ଦ୍ୱାରା ଚିନ୍ତା ବଢ଼ିଥାଏ । ଏତଦ ଦ୍ୱାରା ଶରୀରର ଶକ୍ତି ହ୍ରାସ ପାଏ । କ୍ଳାନ୍ତ ଏବଂ ଆଳସ୍ୟ ଅନୁଭବ ହୋଇଥାଏ ।

୩. ସକାଳୁ ଉଠିବା ମାତ୍ରେ ଇମେଲ୍ କିମ୍ବା ବିଜ୍ଞପ୍ତି ଦେଖିବା ଦ୍ୱାରା ଆପଣଙ୍କୁ କିଛି ଜିନିଷ ବିଷୟରେ ଚିନ୍ତିତ କରିପାରେ, ଯାହା ଆପଣଙ୍କ ହୃଦୟ ଏବଂ ମନକୁ ଅସ୍ଥିର କରିପାରେ ।

୪. ଯଦି ଆପଣଙ୍କ ମୋବାଇଲରେ ସକାଳୁ ସକାଳୁ ବହୁତ ନୋଟିଫିକେସନ୍, ମେସେଜ୍, ଇମେଲ୍, ଫେସବୁକ୍, ହ୍ୱାଟ୍ସଆପ୍, ଇନଷ୍ଟାଗ୍ରାମ୍ ଆସିଥାଏ, ତେବେ ଏହା ଆପଣଙ୍କ ଚିନ୍ତା କରିବା ଏବଂ ବୁଝିବାର ଶକ୍ତିକୁ ଛଡ଼ାଇ ନେଇପାରେ ।

୫. ଫୋନ୍ ଏବଂ ସୋସିଆଲ ମିଡିଆରେ ବାରମ୍ବାର ନୋଟିଫିକେସନ ଆସିବା ଯୋଗୁଁ ମଣିଷ ଚିଡ଼ଚିଡ଼ା ସ୍ୱଭାବର ହୋଇପାରେ । ଏହା ଆପଣଙ୍କ ମନୋଭାବ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ ।




ଜନ୍ମଦିନ ହେଉ କି ବିବାହ ବାର୍ଷିକୀ ଆମେ ପ୍ରତିଟି ସେଲିବ୍ରେସନର ମୁହୂର୍ତ୍ତରେ କେକ୍ କାଟିବାକୁ ପସନ୍ଦ କରୁ । ଏପରି କୌଣସି ବ୍ୟକ୍ତିବିଶେଷ ନାହାନ୍ତି ଯାହାଙ୍କୁ କେକ୍ ଖାଇବାକୁ ଭଲ ନ ଲାଗେ । ଆଜିକାଲି ବଜାରରେ ଅନେକ ଭେରାଇଟିର କେକ୍ ମିଳୁଛି ଯେମିତିକି ରଙ୍ଗୀନ କେକ୍ , ଆଇସ୍ କେକ୍ ଏବଂ କଷ୍ଟମାଇଜ୍ କେକ୍ । ନିଜ ପସନ୍ଦ ଅନୁସାରେ ଗ୍ରାହକ ଏହି କେକ୍ ସବୁକୁ କିଣି ନିଅନ୍ତି । କିନ୍ତୁ ନିକଟରେ ଏହି ରଙ୍ଗବେରଙ୍ଗର କେକ୍ ବିଷୟରେ ଏକ ଚକିତ କରିଦେଲା ଭଳି ରିପୋର୍ଟ ସାମ୍ନାକୁ ଆସିଥିଲା । କର୍ଣ୍ଣାଟକ ସରକାରଙ୍କ ଖାଦ୍ୟ ମନ୍ତ୍ରଣାଳୟର ଏକ ରିପୋର୍ଟ ଅନୁସାରେ , ୨୩୫ ଟି କେକ୍ ନମୁନାରୁ ୧୨ ଟି ନମୁନାରେ କ୍ଷତିକାରକ ରାସାୟନିକ ପଦାର୍ଥ ଚିହ୍ନଟ କରାଯାଇଥିଲା । ଯାହା କର୍କଟ ରୋଗର କାରଣ ହୋଇଥାଏ । ଏହି ୧୨ ଟି ନମୁନାରୁ ଅଲୁରା ରେଡ୍ , ସନସେଟ୍ ୟେଲୋ ଏଫସିଏଫ୍ , ପୋନସ୍ୱେ ୪ ଆର୍ , ଟାର୍ଟ୍ରାଜିନ୍ ଏବଂ କାର୍ମୋଏସିନ୍ ଭଳି କୃତ୍ରିମ ରଙ୍ଗ ମିଳିଥିଲା । ଦୁର୍ଭାଗ୍ୟର କଥା ହେଉଛି ଏହି ରାସାୟନିକ ପଦାର୍ଥ ସବୁ କେକରେ ଥିବା ସହ ଏହାର ମାତ୍ରା ମଧ୍ୟ ଅଧିକ ପଡ଼ିଥିଲା । ପ୍ୟାକେଟ୍ କେକ୍ ଏବଂ ବେକ୍ ହୋଇଥିବା କେକରେ ଟ୍ରାନ୍ସ ଫ୍ୟାଟ୍ ବ୍ୟବହାର କରାଯାଏ । ଯାହା ସୁସ୍ଥ ଶରୀର ପାଇଁ ସ୍ଲୋ ପଏଜନ୍ ସଦୃଶ । ଟ୍ରାନ୍ସ ଫ୍ୟାଟ୍ ଶରୀରରେ ହୃଦରୋଗ ଏବଂ କର୍କଟ ରୋଗର ଆଶଙ୍କା ବଢ଼ାଇଥାଏ । ଏଭଳି କଲରଫୁଲ୍ କେକ୍ ଖାଇବା ଦ୍ୱାରା ଶରୀରରେ ବିଭିନ୍ନ ପ୍ରକାରର ରୋଗ ସୃଷ୍ଟି ହୁଏ । ବଜାରରେ ମିଳୁଥିବା ଅଧିକାଂଶ କେକରେ କୃତ୍ରିମ ରଙ୍ଗ ଏବଂ ଫ୍ଲେଭର୍ ବ୍ୟବହାର କରାଯାଏ । ଯେତେବେଳେ ଦୀର୍ଘ ସମୟ ଧରି ରଙ୍ଗୀନ କେକ୍ ସେବନ କରାଯାଏ, ଏହାର ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡ଼େ ଏବଂ କର୍କଟ ଭଳି ଗମ୍ଭୀର ରୋଗର କାରଣ ମଧ୍ୟ ହୋଇଥାଏ । କେକ୍‌କୁ ଦୀର୍ଘ ସମୟ ଧରି ତାଜା ଏବଂ ନରମ ରଖିବା ପାଇଁ ଏଥିରେ ହାଇଡ୍ରୋଜେନେଟେଡ୍ ତେଲ ବ୍ୟବହାର କରାଯାଏ, ଯାହା ଶରୀରରେ ଟ୍ରାନ୍ସ-ଫ୍ୟାଟ୍ସର ସ୍ତର ବଢ଼ାଏ । ହାଇଡ୍ରୋଜେନେଟେଡ୍ ତେଲର ବ୍ୟବହାର ଶରୀରରେ ଫୁଲା ସମସ୍ୟା ସୃଷ୍ଟି କରିପାରେ । ଏହା ହୃଦୟ ପାଇଁ ମଧ୍ୟ ବିପଜ୍ଜନକ ହୋଇଥାଏ । ଏଭଳି କେକରେ ଚିନିର ମାତ୍ରା ମଧ୍ୟ ଅଧିକ ଥାଏ । ଯାହାର ଅଧିକ ସେବନ କରିବା ଦ୍ୱାରା ମୋଟାପଣ, ମଧୁମେହ ଏବଂ ହୃଦରୋଗର ଆଶଙ୍କା ବଢ଼ିଯାଏ । ଅଧିକାଂଶ କେକରେ ସିନ୍‌ଥେଟିକ୍ ରଙ୍ଗ ବ୍ୟବହାର କରାଯାଏ, ଯାହା ପାଚନ ତନ୍ତ୍ରକୁ କ୍ଷତି ପହଞ୍ଚାଏ । ଏହି କାରଣରୁ ପେଟ ଯନ୍ତ୍ରଣା, ଗ୍ୟାସ୍, ଅଜୀର୍ଣ୍ଣ ଏବଂ ଆଲର୍ଜି ଭଳି ସମସ୍ୟା ମଧ୍ୟ ସୃଷ୍ଟି ହୁଏ । ଅନେକ ଥର ଏହି ରଙ୍ଗଗୁଡ଼ିକ ଅନ୍ତନଳୀର ପରସ୍ତକୁ ମଧ୍ୟ କ୍ଷତି ପହଞ୍ଚା'ନ୍ତି । କୃତ୍ରିମ ରଙ୍ଗ ଥିବା କେକ୍ ?ରୁ ଚର୍ମରେ ଦାଗ, କୁଣ୍ଡାଇ ହେବା, ଫୁଲିବା ଭଳି ସମସ୍ୟା ମଧ୍ୟ ଆରମ୍ଭ ହୋଇଥାଏ । ପ୍ରକୃତରେ ସନସେଟ୍ ୟେଲୋ ଏବଂ କାର୍ମୋଏସିନ୍ ରଙ୍ଗ ଆଲର୍ଜି ପ୍ରତିକ୍ରିୟାର ମୁଖ୍ୟ କାରଣ ହୋଇଥା'ନ୍ତି । ସିନ୍‌ଥେଟିକ୍ ଫୁଡ୍ କଲର୍ ଥିବା କେକ୍ ଇମ୍ୟୁନିଟି ସିଷ୍ଟମକୁ ଦୁର୍ବଳ କରେ । ଯେଉଁ କାରଣରୁ ଭାଇରାଲ୍, ବ୍ୟାକ୍ଟେରିଆଲ୍ ସଂକ୍ରମଣର ଆଶଙ୍କା ବହୁତ ବଢ଼ିଯାଏ । କିଛି ସିନ୍‌ଥେଟିକ୍ ରଙ୍ଗ ନ୍ୟୁରୋଟକ୍ସିନ୍ ଭଳି ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥା'ନ୍ତି , ଯାହା ମାନସିକ ବିକାଶକୁ କମ୍ କରିଥାଏ । ଏହା ଦ୍ୱାରା ଲୋକଙ୍କର ଶିଖିବା-ବୁଝିବା କ୍ଷମତା ଦୁର୍ବଳ ହେବା ସହ ସ୍ମରଣ ଶକ୍ତି ଉପରେ ମଧ୍ୟ ଖରାପ ପ୍ରଭାବ ପଡ଼େ ।

**ତଟକା ପରିବା ସମସ୍ତଙ୍କୁ ଖାଇବାର ଆବଶ୍ୟକତା ରହିଛି । ଏହା ଶରୀରରେ ଶକ୍ତି ଯୋଗାଇବାର କାମ କରେ । ଖାଲି ଶକ୍ତି ଯୋଗାଏ ନାହିଁ ଶରୀରରେ ଲୁକ୍କାୟିତ ଅନେକ ରୋଗକୁ ଧୀରେ ଧୀରେ ମାରିବାର କାମ ମଧ୍ୟ କରେ ଏହି ପରିବା ।**




# ବିପି , ହୃଦରୋଗୀଙ୍କ ପାଇଁ ଭାରି ବଢ଼ିଆ ଗୁଆଁରଛୁଇଁ

ପ୍ରାୟତଃ ଲୋକ ଖାଇବା ସମୟରେ ପାଟି ସୁଆଦ ଖୋଜିଥା'ନ୍ତି । ସ୍ୱାସ୍ଥ୍ୟ ପ୍ରତି ଅହିତକର ହେଲେ ଚଳିବ କିନ୍ତୁ ପାଟିକୁ ନ ରୁଚିଲେ ଖାଇବା ଯେମିତି ତଣ୍ଟିରୁ ତଳକୁ ଯିବନି । ଆପଣ ଖାଇବା ସମୟରେ ଅନେକ ଲୋକଙ୍କୁ କହିଥିବାର ଶୁଣିଥିବେ ଯେ ଆମେ ଏ ପରିବା ଖାଉନୁ । ତଟକା ପରିବା ସମସ୍ତଙ୍କୁ ଖାଇବାର ଆବଶ୍ୟକତା ରହିଛି । ଏହା ଶରୀରରେ ଶକ୍ତି ଯୋଗାଇବାର କାମ କରେ । ଖାଲି ଶକ୍ତି ଯୋଗାଏ ନାହିଁ ଶରୀରରେ ଲୁକ୍କାୟିତ ଅନେକ ରୋଗକୁ ଧୀରେ ଧୀରେ ମାରିବାର କାମ ମଧ୍ୟ କରେ ଏହି ପରିବା । ତେବେ ଆପଣ ଜାଣିଛନ୍ତି କି ଗୁଆଁରଛୁଇଁ ମଧ୍ୟ ଦେହ ପାଇଁ ଭାରି ଭଲ । ଏହା ୮ ପ୍ରକାରର ସମସ୍ୟାକୁ ସମୂଳେ ନାଶ କରିବାର କ୍ଷମତା ରଖେ । ତେବେ ଆସନ୍ତୁ ଗୁଆଁରଛୁଇଁ ଖାଇଲେ କ'ଣ କ'ଣ ଲାଭ ମିଳେ ଜାଣିବା ।



ଗୁଆଁରଛୁଇଁରେ ଗ୍ଲାଇକୋନ୍ୟୁଟ୍ରିଏଣ୍ଟସ୍ ଥାଏ, ଯାହା ଶରୀରରେ ବ୍ଲଡ୍ ସୁଗାର୍ ସ୍ତରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଏହାକୁ ସେବନ କରିବା ଦ୍ୱାରା ବ୍ଲଡ୍ ସୁଗାର୍ ସ୍ତରରେ ଦ୍ରୁତ ପରିବର୍ତ୍ତନ ହୁଏ ନାହିଁ । ଏଥିରେ ପର୍ଯ୍ୟାପ୍ତ ପରିମାଣରେ କ୍ୟାଲସିୟମ୍ ଥାଏ, ଯାହା ହାଡ଼କୁ ମଜବୁତ କରିବାରେ ସାହାଯ୍ୟ କରେ । ଏହା ହାଡ଼କୁ କ୍ଷତିରୁ ମଧ୍ୟ ରକ୍ଷା କରେ । ଏଥିରେ ଥିବା ଫସଫରସ୍ ହାଡ଼କୁ ମଜବୁତ କରିବାରେ ସାହାଯ୍ୟ କରେ । ଗୁଆଁର ଶରୀରରେ ଖରାପ କୋଲେଷ୍ଟ୍ରଲ୍ ସ୍ତରକୁ କମ୍ କରି ହୃଦୟକୁ ସୁସ୍ଥ ରଖେ । ଏହି ପରିବାରେ ଫାଇବର, ପଟାସିୟମ୍ ଏବଂ ଫୋଲେଟ୍ ର ଭରପୂର ମାତ୍ରା ଅନେକ ପ୍ରକାରର ହୃଦ୍ ରୋଗରୁ ରକ୍ଷା କରେ । ଖାଲି ଏତିକି ନୁହେଁ ଗୁଆଁରଛୁଇଁର ହାଇପୋଗ୍ଲାଇସେମିକ୍ ଏବଂ ହାଇପୋଲିପିଡେମିକ୍ ଗୁଣ ଉଚ୍ଚ ରକ୍ତଚାପରେ ପୀଡ଼ିତ ଲୋକଙ୍କ ପାଇଁ ଏକ ପ୍ରାକୃତିକ ଉପଚାର ହୋଇଥାଏ । ମଧୁମେହ ଏବଂ ହୃଦରୋଗରେ ପୀଡ଼ିତ ଥିବା ଲୋକଙ୍କୁ ଉଚ୍ଚ ରକ୍ତଚାପର ବିପଦ ଅଧିକ ଥାଏ, ଏପରି ପରିସ୍ଥିତିରେ ଗୁଆଁରଛୁଇଁ ସେବନ ଲାଭଦାୟକ ହୋଇପାରେ ।

ଏଥିରେ ଥିବା ଆଇରନ୍ ଏବଂ କ୍ୟାଲସିୟମ୍ ଗର୍ଭବତୀ ମହିଳାମାନଙ୍କ ଶରୀରରେ ଖଣିଜ ପଦାର୍ଥର ଅଭାବ ପୂରଣ କରେ । ଏହି ପରିବା ଫୋଲିକ୍ ଏସିଡରେ ଭରପୂର, ଯାହା ଭ୍ରୁଣକୁ ଅନେକ ଜଟିଳତାରୁ ରକ୍ଷା କରିପାରେ ଏବଂ ଏଥିରେ ଥିବା ଭିଟାମିନ୍ କ ହାଡ଼ ପାଇଁ ଲାଭଦାୟକ । ଜନ୍ମ ହେବାକୁ ଥିବା ଶିଶୁର ଉତ୍ତମ ବିକାଶରେ ସାହାଯ୍ୟ କରେ ଗୁଆଁରଛୁଇଁ । ଏହି ପରିବାରେ ଥିବା ଆଇରନ୍ ହିମୋଗ୍ଲୋବିନ୍ ଉତ୍ପାଦନକୁ ବଢ଼ାଏ, ଯାହା ଶରୀରରେ ରକ୍ତର ଅଭାବ ପୂରଣ କରେ । ଏଥିରେ ଫାଇଟୋକେମିକାଲ୍ସ ଥାଏ, ଯାହା ରକ୍ତରେ ଅମ୍ଳଜାନର କ୍ଷମତାକୁ ବଢ଼ାଏ ଏବଂ ରକ୍ତ ସଞ୍ଚାଳନ ଭଲ ହୁଏ । ଗୁଆଁରଛୁଇଁ ହଜମ ଶକ୍ତି ପାଇଁ ମଧ୍ୟ ଲାଭଦାୟକ । ଏହା ପେଟରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ମଧ୍ୟ ସାହାଯ୍ୟ କରେ ଏବଂ ହଜମ ସମ୍ବନ୍ଧୀୟ ସମସ୍ୟାକୁ ରୋକିଥାଏ । ଏଥିରେ ଥିବା ହାଇପୋଗ୍ଲାଇସେମିକ୍ ଗୁଣ ସ୍ନାୟୁକୁ ଆରାମ ଦେବାରେ ସାହାଯ୍ୟ କରେ ଏବଂ ଚିନ୍ତା,ମାନସିକ ଚାପକୁ କମ୍ କରି ବ୍ୟକ୍ତିକୁ ମାନସିକ ସ୍ତରରେ ଶାନ୍ତ କରିବାରେ ସାହାଯ୍ୟ କରିପାରେ ।




**ଆପଣଙ୍କ ନଖରେ ଛୋଟ ଦାଗ, ଧଳା ରେଖା, କିମ୍ବା ଦୁର୍ବଳ ଦାଗ ଦେଖାଯାଉଛି କି ? ଏହି ଲକ୍ଷଣଗୁଡ଼ିକ ଆମ ସ୍ୱାସ୍ଥ୍ୟ ସହିତ ଗଭୀର ଭାବରେ ଜଡ଼ିତ । ନଖ କେବଳ ଆପଣଙ୍କ ହାତର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ନୁହେଁ, ଏହା ଆମ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ସ୍ୱାସ୍ଥ୍ୟ ବିଶେଷଜ୍ଞ କୁହନ୍ତି, ନଖରେ ବିଭିନ୍ନ ଦାଗ କିମ୍ବା ରେଖା କେତେକ ସମୟରେ ଭିଟାମିନ ଅଭାବ କିମ୍ବା ଏକ ଗୁରୁତର ରୋଗର ଲକ୍ଷଣ ହୋଇପାରେ ।**

ନଖରେ ପ୍ରାୟତଃ ଛୋଟ ଧଳା ଦାଗ ଦେଖାଯାଏ । ଏଗୁଡ଼ିକ ପ୍ରାୟତଃ ଜିଙ୍କ୍ କିମ୍ବା କ୍ୟାଲସିୟମ୍ ଅଭାବର ଲକ୍ଷଣ ।

ଯଦି ଏହି ଦାଗଗୁଡ଼ିକ ବାରମ୍ବାର ଦେଖାଯାଏ, ତେବେ ଏହା ପୁଷ୍ଟିକର ଅଭାବକୁ ସୂଚାଇପାରେ ।

ଦୀର୍ଘ ସମୟ ଧରି ଏଗୁଡ଼ିକୁ ଅଣଦେଖା କରିବା ଦ୍ୱାରା କେଶ ଝଡ଼ିବା, ଥକ୍କାପଣ ଏବଂ ଦୁର୍ବଳ ହାଡ଼ ପରି ସମସ୍ୟା ହୋଇପାରେ ।

ନଖରେ ସିଧା ରେଖା କିମ୍ବା ଖାଲ ପ୍ରାୟତଃ ଆଇରନ ଅଭାବକୁ ସୂଚାଇଥାଏ ।

ଏହା ରକ୍ତହୀନତାର ଲକ୍ଷଣ ସହିତ ଜଡ଼ିତ ହୋଇପାରେ ।

ଯେତେବେଳେ ନଖ ହଳଦିଆ ହେବା ଆରମ୍ଭ କରେ, ଏହା କେବଳ ଫଙ୍ଗାଲ ସଂକ୍ରମଣ ନୁହେଁ ବରଂ ଭିଟାମିନ ଇ ଅଭାବ କିମ୍ବା ଶ୍ୱାସକ୍ରିୟା ସମସ୍ୟାକୁ ମଧ୍ୟ ସୂଚାଇପାରେ ।

ଧୂମପାନକାରୀଙ୍କ କ୍ଷେତ୍ରରେ ଏହି ସମସ୍ୟା ଅଧିକ ଦେଖାଯାଏ ।

ଲଗାତର ହଳଦିଆ ନଖ ଦୀର୍ଘକାଳୀନ ରୋଗର ମଧ୍ୟ ଲକ୍ଷଣ ହୋଇପାରେ ।

ଯଦି ନଖରେ ନୀଳ କିମ୍ବା କଳା ଚିହ୍ନ ଦୀର୍ଘ ସମୟ ଧରି ରହିଥାଏ, ତେବେ ଏହା ଅକ୍ସିଜେନ ଅଭାବ ଏବଂ ଖରାପ ରକ୍ତ ସଞ୍ଚାଳନକୁ ସୂଚାଇପାରେ ।

କେତେକ ସମୟରେ, ଏହା ହାର୍ଟ ସମସ୍ୟା ପାଇଁ ମଧ୍ୟ ହୋଇପାରେ ।

ଏପରି ପରିସ୍ଥିତିରେ ଆପଣଙ୍କୁ ତୁରନ୍ତ ଡାକ୍ତରଙ୍କ ସହିତ ପରାମର୍ଶ କରିବା ଉଚିତ ।

ଯଦି ଦୀର୍ଘ ସମୟ ଧରି ଚିହ୍ନ ଲାଗି ରହେ, ତେବେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।

ନଖରେ ହଠାତ୍ ଦାଗ, ରେଖା କିମ୍ବା ରଙ୍ଗ ବିବର୍ଣ୍ଣକୁ ଅଣଦେଖା କରନ୍ତୁ ନାହିଁ । ଏପରି ଲକ୍ଷଣ ଶରୀରରେ ଭିଟାମିନ ଅଭାବ ଏବଂ କିଛି ରୋଗକୁ ସୂଚାଇଥାଏ, ଯାହାକୁ ଶୀଘ୍ର ଚିହ୍ନଟ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୨ ସେପ୍ଟେମ୍ବର ୨୦୨୫, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆମେରିକୀୟ ସ୍ୱପ୍ନ ଉପରେ ଟ୍ରମ୍ପଙ୍କ ପ୍ରହାର

ଆମେରିକା, ଅନେକ ଭାରତୀୟଙ୍କ ପାଇଁ କେବଳ ଏକ ଦେଶ ନୁହେଁ, ଏହା ଏକ ସ୍ୱପ୍ନର ନାମ । ପିଢ଼ି ପରେ ପିଢ଼ି ଧରି ଭାରତର କୋଣ ଅନୁକୋଣରୁ ମେଧାବୀ ଛାତ୍ରଛାତ୍ରୀ ଓ କୁଶଳୀ ପେସାଦାରମାନେ ଏହି 'ଆମେରିକୀୟ ସ୍ୱପ୍ନ'କୁ ସାକାର କରିବା ପାଇଁ ନିଜର ସର୍ବସ୍ୱ ପଣ କରିଛନ୍ତି । ଏହି ସ୍ୱପ୍ନର ସେତୁ ପାଲଟିଥିଲା H1-B ଭିସା, ଯାହା ଭାରତୀୟ ପ୍ରତିଭାକୁ ବିଶ୍ୱ ମଞ୍ଚରେ ନିଜର ଦକ୍ଷତା ପ୍ରତିପାଦନ କରିବାର ସୁଯୋଗ ଦେଇଥିଲା। କିନ୍ତୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଦ୍ୱାରା H1-B ଆବେଦନ ପାଇଁ ୧,୦୦,୦୦୦ ଡଲାରର ଏକକାଳୀନ ଶୁଳ୍କ ଲାଗୁ କରିବାର ନିଷ୍ପତ୍ତି ଏହି ସ୍ୱପ୍ନ ଉପରେ ଏକ ନିର୍ମମ ପ୍ରହାର ସଦୃଶ । ଏହା କେବଳ ଏକ ଆର୍ଥିକ ନିଷ୍ପତ୍ତି ନୁହେଁ, ବରଂ ଏହା ଲକ୍ଷ ଲକ୍ଷ ଭାରତୀୟଙ୍କ ଆଶା ଓ ଆକାଂକ୍ଷା ଉପରେ ଏକ ଶକ୍ତ ଆଘାତ ।

ପ୍ରଥମତଃ, ଏହି ନିଷ୍ପତ୍ତି ସିଧାସଳଖ ଭାରତର ସେହି ଯୁବପିଢ଼ିଙ୍କ ଭବିଷ୍ୟତକୁ ଅନ୍ଧକାରମୟ କରିଦେଇଛି, ଯେଉଁମାନେ ନିଜର ବୁଦ୍ଧି, ପରିଶ୍ରମ ଓ ମେଧା ବଳରେ ଆମେରିକାରେ ଏକ ଉଜ୍ଜ୍ୱଳ କ୍ୟାରିୟର ଗଢ଼ିବାକୁ ଲକ୍ଷ୍ୟ ରଖିଥିଲେ । ଭାରତର ଛୋଟ ସହରରୁ ଆରମ୍ଭ କରି ମହାନଗର ପର୍ଯ୍ୟନ୍ତ, ପିତାମାତାମାନେ ନିଜର ଜୀବନ ସାରାର ସଞ୍ଚୟକୁ ପିଲାମାନଙ୍କ ଉଚ୍ଚଶିକ୍ଷା ପାଇଁ ଖର୍ଚ୍ଚ କରିଥାନ୍ତି, ଏହି ଆଶାରେ ଯେ ଦିନେ ସେମାନେ ଆମେରିକାରେ ଏକ ଭଲ ଚାକିରି ପାଇ ନିଜ ପରିବାରକୁ ଏକ ଉନ୍ନତ ଭବିଷ୍ୟତ ଦେବେ । ଏହି ନୂତନ ଶୁଳ୍କ ସେହି ମଧ୍ୟବିତ୍ତ ଓ ଉଚ୍ଚ-ମଧ୍ୟବିତ୍ତ ପରିବାରଗୁଡ଼ିକ ପାଇଁ ଏକ ଅଭେଦ୍ୟ ପ୍ରାଚୀର ଭଳି ଠିଆ ହୋଇଛି। ଏହା ଦକ୍ଷତା ଓ ଯୋଗ୍ୟତା ପରିବର୍ତ୍ତେ କେବଳ ଆର୍ଥିକ ସ୍ୱଚ୍ଛଳତାକୁ ମାପଦଣ୍ଡ ଭାବରେ ଗ୍ରହଣ କରୁଛି, ଯାହା H1-B ଭିସାର ମୂଳ ଉଦ୍ଦେଶ୍ୟର ପରିପନ୍ଥୀ । ଏହା ଏକ ସ୍ପଷ୍ଟ ସନ୍ଦେଶ ଦେଉଛି ଯେ ଆମେରିକାର ଦ୍ୱାର ଏବେ କେବଳ ଅତି ଧନୀକ ଶ୍ରେଣୀ ପାଇଁ ଖୋଲା, ସାଧାରଣ ମେଧାବୀଙ୍କ ପାଇଁ ନୁହେଁ ।

ଦ୍ୱିତୀୟତଃ, ଏହି ନୀତି ଭାରତୀୟ ସୂଚନା ପ୍ରଯୁକ୍ତି (ଆଇଟି) ଶିଳ୍ପର ମେରୁଦଣ୍ଡ ଦୋହଲାଇ ଦେବାର ଆଶଙ୍କା ସୃଷ୍ଟି କରିଛି । ଟିସିଏସ୍, ଇନଫୋସିସ୍, ଓ୍ୱିପ୍ରୋ ଭଳି ଭାରତର ପ୍ରମୁଖ ଆଇଟି କମ୍ପାନୀଗୁଡ଼ିକ H1-B ଭିସାର ସର୍ବବୃହତ ଉପଯୋଗକାରୀ । ସେମାନେ ଏହି ଭିସା ମାଧ୍ୟମରେ ନିଜର କୁଶଳୀ କର୍ମଚାରୀଙ୍କୁ ଆମେରିକାରେ ଥିବା ଗ୍ରାହକଙ୍କ ନିକଟରେ ନିୟୋଜିତ କରି ବିଶ୍ୱସ୍ତରୀୟ ସେବା ଯୋଗାଇଥାନ୍ତି । ଏହି ଅତ୍ୟଧିକ ଶୁଳ୍କ ସେମାନଙ୍କର ପରିଚାଳନାଗତ ବ୍ୟୟକୁ ଆକାଶଛୁଆଁ କରିଦେବ, ଯାହାଫଳରେ ଆମେରିକୀୟ ବଜାରରେ ସେମାନଙ୍କର ପ୍ରତିଯୋଗିତା କରିବାର କ୍ଷମତା ହ୍ରାସ ପାଇବ । ଏହାର ପରିଣାମ କେବଳ କମ୍ପାନୀର ଲାଭାଂଶ ଉପରେ ସୀମିତ ରହିବ ନାହିଁ, ବରଂ ଏହା ଭାରତରେ ନିଯୁକ୍ତି ସୃଷ୍ଟି ପ୍ରକ୍ରିୟାକୁ ମଧ୍ୟ ବାଧାପ୍ରାପ୍ତ କରିବ । ଯଦି ଭାରତୀୟ କମ୍ପାନୀଗୁଡ଼ିକ ଆମେରିକାରେ ସେମାନଙ୍କର କାର୍ଯ୍ୟକଳାପ ହ୍ରାସ କରନ୍ତି, ତେବେ ଏହାର ପ୍ରଭାବ ସମଗ୍ର ଭାରତୀୟ ଅର୍ଥନୀତି ଉପରେ ଅନୁଭୂତ ହେବ ।

ତୃତୀୟତଃ, ଏହି ପଦକ୍ଷେପ ଭାରତ-ଆମେରିକା ମଧ୍ୟରେ ବଢ଼ୁଥିବା ରଣନୈତିକ ସମ୍ପର୍କ ଓ ବିଶ୍ୱାସ ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଗୋଟିଏ ପଟେ ଆମେରିକା ଭାରତକୁ ଏକ ପ୍ରମୁଖ ସହଯୋଗୀ ଭାବରେ ଦେଖୁଛି, ଅନ୍ୟପଟେ ଏଭଳି ଏକପାଖିଆ ନିଷ୍ପତ୍ତି ନେଇ ଭାରତୀୟଙ୍କ ସ୍ୱାର୍ଥକୁ କୁଠାରାଘାତ କରୁଛି । ଭାରତୀୟ ପ୍ରତିଭା ଆମେରିକାର ସିଲିକନ୍ ଭ୍ୟାଲି ଠାରୁ ଆରମ୍ଭ କରି ନାସା ପର୍ଯ୍ୟନ୍ତ, ପ୍ରତ୍ୟେକ କ୍ଷେତ୍ରରେ ନିଜର ଅବଦାନ ଦେଇ ଆମେରିକାର ଅଭିବୃଦ୍ଧିରେ ସହାୟକ ହୋଇଛି । ଭାରତୀୟମାନେ କେବଳ ଶ୍ରମିକ ନୁହଁନ୍ତି, ସେମାନେ ନବସୃଜନ, ଉଦ୍ୟୋଗ ଏବଂ ଜ୍ଞାନର ବାହକ । ଏଭଳି ପରିସ୍ଥିତିରେ, ସେମାନଙ୍କୁ କେବଳ ଏକ ଆର୍ଥିକ ସ୍ରୋତ ଭାବରେ ଦେଖିବା ଏବଂ ସେମାନଙ୍କ ଉପରେ ଏତେ ବଡ଼ ବୋଝ ଲଦିଦେବା, ଦୁଇ ଦେଶ ମଧ୍ୟରେ ଥିବା ସଦ୍‌ଭାବନାକୁ ଗଭୀର ଭାବରେ ଆହତ କରୁଛି । ଏହା ଏକ ପ୍ରକାରର ବିଶ୍ୱାସଘାତକତା, ଯେଉଁଠାରେ ଭାରତୀୟଙ୍କ ଅବଦାନକୁ ସମ୍ମାନ ଦେବା ପରିବର୍ତ୍ତେ ସେମାନଙ୍କୁ ନିରୁତ୍ସାହିତ କରାଯାଉଛି ।

ଏଭଳି ସ୍ଥିତିରେ ଭାରତ ଚୁପ୍ ରହିବା ଉଚିତ୍ ନୁହେଁ । ଭାରତ ସରକାରଙ୍କୁ ଏହି ପ୍ରସଙ୍ଗରେ ଦୃଢ଼ କୂଟନୈତିକ ପଦକ୍ଷେପ ନେବାକୁ ପଡ଼ିବ । ଆମେରିକାକୁ ଏହା ସ୍ପଷ୍ଟ ଭାବରେ ଜଣାଇଦେବାକୁ ହେବ ଯେ H1-B କେବଳ ଆମେରିକାର ଆବଶ୍ୟକତା ନୁହେଁ, ଏହା ଦୁଇ ଦେଶ ମଧ୍ୟରେ ଥିବା ପ୍ରତିଭାର ଆଦାନପ୍ରଦାନ ଏବଂ ପାରସ୍ପରିକ ଲାଭର ଏକ ମାଧ୍ୟମ । ଏହି ନୀତି କିପରି ଉଭୟ ଦେଶର ଅର୍ଥନୀତି ପାଇଁ କ୍ଷତିକାରକ, ତାହା ଯୁକ୍ତି ସହ ଉପସ୍ଥାପନ କରିବା ଜରୁରୀ ।

ପରିଶେଷରେ, ଏହି ସଙ୍କଟ ଆମ ପାଇଁ ଏକ ଆତ୍ମସମୀକ୍ଷାର ସୁଯୋଗ ମଧ୍ୟ ଆଣିଛି । କାହିଁକି ଆମର ଶ୍ରେଷ୍ଠ ପ୍ରତିଭାମାନେ ଦେଶ ଛାଡ଼ିବାକୁ ବାଧ୍ୟ ହେଉଛନ୍ତି ? ଆମେ କ'ଣ ନିଜ ଦେଶରେ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିପାରୁନାହୁଁ? 'ଆମେରିକୀୟ ସ୍ୱପ୍ନ'ର ମୋହରୁ ବାହାରି ଆସି 'ଭାରତୀୟ ସ୍ୱପ୍ନ'କୁ ସାକାର କରିବାର ସମୟ ଆସିଛି । ଯଦି ଆମେ ନିଜ ଦେଶରେ ଅନୁସନ୍ଧାନ, ନବସୃଜନ ଏବଂ ଉଦ୍ୟୋଗ ପାଇଁ ଏକ ଉନ୍ନତ ବାତାବରଣ ସୃଷ୍ଟି କରିପାରିବା, ତେବେ ଆମର ମେଧାବୀମାନଙ୍କୁ ଅନ୍ୟ କୌଣସି ଦେଶର ଅପମାନଜନକ ନୀତିର ଶିକାର ହେବାକୁ ପଡ଼ିବ ନାହିଁ । ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଯେତିକି ଯନ୍ତ୍ରଣାଦାୟକ, ସେତିକି ଆହ୍ୱାନପୂର୍ଣ୍ଣ ମଧ୍ୟ । ଏହା ଆମକୁ ଏକ ନୂତନ ଦିଗରେ ଚିନ୍ତା କରିବାକୁ ଏବଂ ଆତ୍ମନିର୍ଭରଶୀଳ ହେବାକୁ ବାଧ୍ୟ କରୁଛି ।

## ଛଗୋସ୍‌ରେ ଭାରତ



**ସୌମେନ୍ଦ୍ର ଜେନା**

ଚଳିତ ସେପ୍ଟେମ୍ବର ମାସ (୨୦୨୫) ଦ୍ୱିତୀୟ ସପ୍ତାହରେ ମରିସସର ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମଗୁଲାମ ଭାରତ ଗସ୍ତରେ ଆସିଥିଲେ। ଏଥର ତାଙ୍କ ପ୍ରବାସ ଓ ଆଲୋଚନା ନୂଆଦିଲ୍ଲୀରେ ନହୋଇ ବାରାଣାସୀ ଠାରେ ହୋଇଥିଲା । ଦୁଇଦେଶ ମଧ୍ୟରେ ଏହି ଆଲୋଚନା ପାଇଁ ବାରାଣାସୀକୁ ପ୍ରସ୍ତୁତ କରାଯାଇଥିଲା । ଦୁଇ ଦେଶ ମଧ୍ୟରେ ରହିଆସିଥିବା ସାଂସ୍କୃତିକ ସଂପର୍କକୁ ଦୃଷ୍ଟିରେ ରଖି ଏଥିପାଇଁ ବନାରସକୁ ବଛାଯାଇଥିଲା । ୧୧ ସେପ୍ଟେମ୍ବର ଦିନ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବନାରସର ସାଂସଦ ଭାବରେ ସବୁ ବ୍ୟବସ୍ଥା କରିବା ସହ ନିଜେ ଆଲୋଚନାପାଇଁ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଏହି ଖୁସିର ସମୟକୁ ବାଣ୍ଟିବା ପାଇଁ ଯେଉଁ କଥା ନିଜ ସୋସିଆଲ ମିଡିଆରେ ଲେଖିଥିଲେ ତାହା ବେଶ୍ ଉଲ୍ଲେଖଯୋଗ୍ୟ । ପ୍ରଧାନମନ୍ତ୍ରୀ ଲେଖିଥିଲେ "ଆମ ସଂସ୍କୃତି ଓ ସଂସ୍କାର ଶହେ ବର୍ଷ ପୂର୍ବରୁ ଭାରତରୁ ଯାଇ ମରିସସ୍‌ରେ ପହଞ୍ଚିଥିଲା, ସେଠାକାର ଜୀବନ ଧାରାରେ ସାମିଲ ହୋଇଯାଇଥିଲା। ବନାରସ ଠାରେ ଗଙ୍ଗାର ଅବିରଳ ପ୍ରବାହ ସଦୃଶ ଭାରତୀୟ ସଂସ୍କୃତିର ସତତ ପ୍ରବାହ ମରିସସ୍‌କୁ ସମୃଦ୍ଧ କରିଆସିଛି । ଆଜି ଆମେ ମରିସସ୍‌ର ବନ୍ଧୁମାନଙ୍କୁ କାଶୀରେ ସ୍ୱାଗତ କରୁଛୁ । ଏହା କେବଳ ଔପଚାରିକ ନୁହେଁ, ଅଧିକନ୍ତୁ ଆତ୍ମାର ମିଳନ । ତେଣୁ ମରିସସ କେବଳ ଭାରତର ସହଯୋଗୀ ନୁହେଁ, ଗୋଟିଏ ପରିବାର । ଏକଥା ମୁଁ ଗର୍ବର ସହ କହୁଛି ।

ମରିସସ ଭାରତର ପଡୋଶୀ ପ୍ରଥମ ନୀତି ଓ ମହାସାଗର ଦୃଷ୍ଟିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ । ଛଗୋସ ବୁଝାମଣା ସଂପନ୍ନ ହୋଇଥିବା ହେତୁ ମୁଁ ମରିସସ୍‌ର ପ୍ରଧାନମନ୍ତ୍ରୀ ଓ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଏହା ମରିସସ୍‌ର ସାର୍ବଭୌମତ୍ୱର ଐତିହାସିକ ବିଜୟ । ଭାରତ ସବୁବେଳେ ମରିସସ୍‌ର ଉପନିବେଶବାଦରୁ ମୁକ୍ତି ଏବଂ ସାର୍ବଭୌମତ୍ୱର ପୂର୍ଣ୍ଣ ମାନ୍ୟତା ପ୍ରଦାନକୁ ସମର୍ଥନ କରିଆସିଛି । ଏଥିରେ ମରିସସ୍ ସହ ଦୃଢତାର ସହ ଭାରତ ଛିଡା ହୋଇଛି ମରିସସର ବିକାଶରେ ଏକ ବିଶ୍ୱାସଯୋଗ୍ୟ ସହଯୋଗୀ ଓ ପ୍ରାଥମିକ ଅଂଶୀଦାର ହେବା ଭାରତ ପାଇଁ ଗର୍ବର ବିଷୟ ।

ଆମେ ଆଜି ମରିସସର ଆବଶ୍ୟକତା ଓ ପ୍ରାଥମିକତାକୁ ଦୃଷ୍ଟି ଦେଇ ଏକ ସ୍ୱତନ୍ତ୍ର ଆର୍ଥିକ ସହଯୋଗ ବିଷୟରେ ନିଷ୍ପତ୍ତି ନେଇଛୁ । ଏହା ସେଠାକାର ଢାଞ୍ଚାଗତ ନିର୍ମାଣକୁ ମଜଭୁତ କରି ରୋଜଗାର ପାଇଁ ନୂଆ ସୁଯୋଗ ସୃଷ୍ଟି କରି ଓ ସ୍ୱାସ୍ଥ୍ୟସେବାକୁ ସୁଦୃଢ କରିବ । ଗତବର୍ଷ ମରିସସ୍‌ରେ ୟୁପିଆଇ ଏବଂ ରୁପେ କାର୍ଡର ପ୍ରଚଳନ ଆରମ୍ଭ ହୋଇଥିଲା । ଏବେ ଆମେ ସ୍ଥାନୀୟ ମୁଦ୍ରାରେ ବ୍ୟବସାୟକୁ ସକ୍ଷମ କରିବା ଦିଗରେ କାର୍ଯ୍ୟ କରିବୁ । ଭାରତର ଆଇଆଇଟି ମାଡ୍ରାସ ଏବଂ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପ୍ଲାଣ୍ଟେସନ ମ୍ୟାନେଜମେଣ୍ଟ ସହ ମରିସସ ବିଶ୍ୱବିଦ୍ୟାଳୟର ବୁଝାମଣା ହୋଇଛି । ଏହି ବୁଝାମଣା ଗବେଷଣା, ଶିକ୍ଷା ଓ ନବସର୍ଜନରେ ପରସ୍ପର ମଧ୍ୟରେ ଅଂଶୀଦାରୀକୁ ଆହୁରି ଆଗକୁ ନେବ । ମରିସସର ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ରର ସୁରକ୍ଷା ଓ ସାମୁଦ୍ରିକ ଦକ୍ଷତା ବୃଦ୍ଧିକୁ ଅଧିକ ସଶକ୍ତ କରିବା ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ ରହିଛି । ଭାରତ ସବୁବେଳେ ପ୍ରଥମ ସୁରକ୍ଷା ପ୍ରଦାନକାରୀ ଭାବେ କାର୍ଯ୍ୟକରି ଆସିଛି । ଭାରତ ଓ ମରିସସ ଦୁଇଟି ରାଷ୍ଟ୍ର ହେଲେ ହେଁ ଆମର ସ୍ୱପ୍ନ ଓ ମାର୍ଗ ସମାନ।"

ବାରଣାସୀଠାରେ ହୋଇଥିବା ଦ୍ୱିପାକ୍ଷିକ ଆଲୋଚନାରେ ଦୁଇରାଷ୍ଟ୍ରର ପ୍ରଧାନମନ୍ତ୍ରୀ ଏବଂ ପ୍ରତିନିଧିମଣ୍ଡଳୀ ରହିଥିଲେ । ଏଥିରେ କିଛି ବୁଝାମଣା ଏବଂ କିଛି ଘୋଷଣାନାମା ସ୍ଥାନ ପାଇଥିଲା । ବିଜ୍ଞାନ ଏବଂ ବୈଷୟିକଜ୍ଞାନ କ୍ଷେତ୍ରରେ ସହଯୋଗ ପାଇଁ ଭାରତର ସାଇନ୍ସ ଏଣ୍ଡ ଟେକ୍ନୋଲୋଜୀ ବିଭାଗ ସହ ମରିସସର କ୍ଷେତ୍ରୀୟ ଶିକ୍ଷା, ବିଜ୍ଞାନ ଓ ଗବେଷଣା ବିଭାଗ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । କର୍ମଚାରୀଙ୍କ ପ୍ରଶିକ୍ଷଣ ଏବଂ ଦକ୍ଷତା ବୃଦ୍ଧିପାଇଁ କର୍ମଯୋଗୀ ଭାରତ କାର୍ଯ୍ୟକ୍ରମର ପ୍ରସାର ମରିସସ୍‌ରେ କରାଯିବାଲାଗି ଭାରତର କର୍ମଚାରୀ ପ୍ରଶିକ୍ଷଣ ବିଭାଗ ଏବଂ ମରିସସ୍‌ର ସାଧାରଣ ସେବା ଓ ପ୍ରଶାସନିକ ସଂସ୍କାର ବିଭାଗ ମଧ୍ୟରେ ବୁଝାମଣା ହୋଇଥିଲା । ଶକ୍ତି କ୍ଷେତ୍ରରେ ସହଯୋଗ, ଦ୍ୱିତୀୟ ପର୍ଯ୍ୟାୟ କ୍ଷୁଦ୍ର ବିକାଶମୁଖୀ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଭାରତର ଅନୁଦାନ ପ୍ରଦାନ ନିମନ୍ତେ ବୁଝାମଣା ହୋଇଥିଲା । ସାମୁଦ୍ରିକ ସର୍ବେକ୍ଷଣ ନିମନ୍ତେ ପୂର୍ବର ବୁଝାମଣାକୁ ନବୀକରଣ କରାଯାଇଥିଲା । ମରିସସ୍‌ରେ ଟେଲିଯୋଗାଯୋଗ କେନ୍ଦ୍ର ସ୍ଥାପନ, ଉପଗ୍ରହ ଉଦ୍‌କ୍ଷେପଣ କେନ୍ଦ୍ର ସହ ଉପଗ୍ରହ ନିରୀକ୍ଷଣ କେନ୍ଦ୍ର ସ୍ଥାପନ, ମହାକାଶ ଗବେଷଣା ନିମନ୍ତେ ଦୁଇଦେଶ ମଧ୍ୟରେ ବୁଝାମଣା ହୋଇଥିଲା । ଏହାଛଡା କେତେକ ଘୋଷଣାନାମା ଜାରି କରାଯାଇଥିଲା । ତନ୍ମଧ୍ୟରେ ଆଇଆଇଟି ମାଡ୍ରାସ ଏବଂ ମରିସସ ବିଶ୍ୱବିଦ୍ୟାଳୟ ମଧ୍ୟରେ ସହଯୋଗ, ବେଙ୍ଗାଲୁରସ୍ଥିତ ଆଇଆଇପିଏମ୍ ଏବଂ ମରିସସ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ସହଯୋଗ, ୧୭.୫ ମେଗାଓ୍ୱାଟର ଭାସମାନ ଶକ୍ତି ପ୍ରକଳ୍ପ ମରିସସର ତାମାରିଣ୍ଡ ଜଳପ୍ରପାତଠାରେ କାର୍ଯ୍ୟକାରୀ କରିବା ପାଇଁ ଦୁଇରାଷ୍ଟ୍ରର ସରକାରଙ୍କ ମଧ୍ୟରେ ସହଯୋଗ ଆଦି ପ୍ରଧାନ । ନିକଟରେ ଏନ୍‌ଟିପିସିର ଅଧିକାରୀମାନେ ଖୁବ୍ ଶିଘ୍ର ମରିସସ୍ ଗସ୍ତକରି ଏହାକୁ କାର୍ଯ୍ୟକାରୀ କରାଇବେ । ଭାରତ ୬୮୦ ମିଲିଅନ ଡଲାର ସହାୟତା ମରିସସ୍‌କୁ ଭିନ୍ନ ଭିନ୍ନ ପ୍ରକଳ୍ପପାଇଁ ପ୍ରଦାନ କରିଛି । ସେପ୍ଟେମ୍ବର ୯ରୁ ୧୬ ପର୍ଯ୍ୟନ୍ତ ମରିସସ ପ୍ରଧାନମନ୍ତ୍ରୀ ଭାରତର ଭିନ୍ନ ଭିନ୍ନ ପ୍ରଦେଶକୁ ଗସ୍ତ କରିବାରେ କାର୍ଯ୍ୟକ୍ରମ ରହିଥିଲା । ୨୦୧୪ରେ ରାମଗୁଲାମ ଭାରତ ଗସ୍ତରେ ଆସିଥିଲେ । ମରିସସ୍ ପ୍ରଧାନମନ୍ତ୍ରୀଙ୍କ ଗସ୍ତକାଳରେ ସେ ଭାରତର ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ସହ ଦୁଇରାଷ୍ଟ୍ର ମଧ୍ୟରେ ରଣନୀତିକ ସହଯୋଗକୁ ଅଧିକ ସକ୍ରିୟ ଏବଂ ଶକ୍ତିଶାଳୀ କରିବାକୁ ଆଲୋଚନା କରିଥିଲେ । ଏହାଛଡା ବାରାଣାସୀ, ଅଯୋଧ୍ୟା, ତିରୁପତି ପରି ସ୍ଥାନକୁ ଧର୍ମସ୍ଥଳୀ ଗସ୍ତରେ ମରିସସ ପ୍ରଧାନମନ୍ତ୍ରୀ ଯାଇଥିଲେ । ମୁମ୍ବାଇଠାରେ ବ୍ୟାବସାୟିକ ଆଲୋଚନା ହୋଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଚଳିତବର୍ଷ ମାର୍ଚ୍ଚ ମାସରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମରିସସ ଗସ୍ତରେ ଯାଇଥିଲେ । ଭାରତ ମହାସାଗର କ୍ଷେତ୍ରରେ ମରିସସ୍ ହେଉଛି ଭାରତର ସବୁଠୁ ଅଧିକ ନିକଟତର ସହଯୋଗୀ ରାଷ୍ଟ୍ର ଯିଏକି ଭାରତର ମହାସାଗର, ପଡୋଶୀ ପ୍ରଥମ ଏବଂ ଦକ୍ଷିଣ ବିଶ୍ୱ ନୀତି ମଧ୍ୟରେ ରହିଆସିଛି । ମରିସସ୍ ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ଆଲୋଚନା ପାଇଁ ବାରାଣାସୀ ବିମାନବନ୍ଦରରେ ପହଞ୍ଚିବା ପରେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ତାଙ୍କୁ ସ୍ୱାଗତ କରିଥିଲେ । ଉତ୍ତର ପ୍ରଦେଶର ରାଜ୍ୟପାଳଙ୍କୁ ସେ ସାକ୍ଷାତ କରିଥିଲେ । ମରିସସ୍ ପ୍ରଧାନମନ୍ତ୍ରୀଙ୍କୁ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା । ଭାରତର ବିଦେଶ ସଚିବ ବିକ୍ରମ ମିଶ୍ରି ମରିସସ୍ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ ।

ମରିସସ୍ ପ୍ରଧାନମନ୍ତ୍ରୀ ସସ୍ତ୍ରୀକ ଅଯୋଧାର ନଗରୀ ଗସ୍ତରେ ଯାଇ ବାରାଣାସୀ ବିମାନ ବନ୍ଦରଠାରେ ପହଞ୍ଚିଥିଲେ । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, କୃଷିମନ୍ତ୍ରୀ ସୂର୍ଯ୍ୟ ପ୍ରତାପ ଶାହି ତାଙ୍କୁ ମହର୍ଷି ବାଲ୍ମିକୀ ବିମାନବନ୍ଦରରେ ସ୍ୱାଗତ କରିଥିଲେ । ମରିସସ୍ ପ୍ରଧାନମନ୍ତ୍ରୀ ଡକ୍ଟର ନବୀନ ଚନ୍ଦ୍ର ରାମଗୁଲାମ୍ ଅଯୋଧ୍ୟା ଶ୍ରୀରାମ ମନ୍ଦିରରେ ଆରତୀ ଏବଂ ପୂଜା କରିଥିଲେ । ମନ୍ଦିର ପରିସରରେ ସେ ପ୍ରାୟ ୪୫ମିନିଟ୍ ରହି ଡେରାଡୁନକୁ ଯାତ୍ରା କରିଥିଲେ । ସେଠାରୁ ମରିସସ୍ ପ୍ରଧାନମନ୍ତ୍ରୀ ଆନ୍ଧ୍ରପ୍ରଦେଶର ତିରୁପତିକୁ ଯାତ୍ରା କରିଥିଲେ । ସେଠାରେ ବାଲାଜୀଙ୍କୁ ଦର୍ଶନ କରି ମୁମ୍ବାଇ ଯାତ୍ରା କରିଥିଲେ । ସେଠାରୁ ଦିଲ୍ଲୀକୁ ଫେରି ରାଜଘାଟ ଏବଂ ସଦୈବ ଅଟଳ ସ୍ମୃତିପିଠରେ ପୁଷ୍ପମାଲ୍ୟ ଅର୍ପଣ କରି ମହାତ୍ମା ଗାନ୍ଧି ଏବଂ ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ନୂଆଦିଲ୍ଲୀରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନଙ୍କୁ ସେ ସାକ୍ଷାତ କରିଥିଲେ । ବିମାନବନ୍ଦରଠାରେ କେନ୍ଦ୍ର ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ ଉପସ୍ଥିତ ରହି ମରିସସ୍‌ର ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ ।

ପୂର୍ବରୁ ଭାରତ ମରିସସ୍‌ର ଅଗଲେଗା ଦ୍ୱୀପରେ ଏୟାରଷ୍ଟ୍ରିପ ସହ ଜେଟି ନିର୍ମାଣ କରିଛି । ଛଗୋସ ଦ୍ୱୀପ ମରିସସ୍‌ର ଅଧିକାର ଭିତରକୁ ଆଣିବାରେ ଭାରତର ଭୂମିକା ବଡ ଗୁରୁତ୍ୱପୂର୍ଣ୍ଣ ରହିଆସିଛି । ମରିସସ୍ ନିକଟସ୍ଥ ଡିଆଗୋଗାର୍ସିଆ ଦ୍ୱୀପଟିକୁ ଆମେରିକାକୁ ଦେବାପରେ ବ୍ରିଟେନ ଛଗୋସ ଦ୍ୱୀପକୁ ମଧ୍ୟ ନିଜ ହାତରେ ରଖିବାକୁ ଚାହୁଁଥିଲା, ଯାହାକୁ ମରିସସ ମୂଳରୁ ବିରୋଧକରି ଆସୁଥିଲା । ମରିସସ୍‌ର ପ୍ରୟାସକୁ ଭାରତ ବିଶ୍ୱମଞ୍ଚରେ ବାରମ୍ବାର ସମର୍ଥନ ଦେଇଆସୁଥିଲା । ଯାହା ଫଳରେ ମରିସସ୍ ହାତରେ ଛଗୋସକୁ ଦେବାକୁ ବ୍ରିଟେନ ବାଧ୍ୟ ହୋଇଥିଲା । ଆନ୍ତର୍ଜାତିକ ଚାପ ଯୋଗୁ ବ୍ରିଟେନ ସରକାର ରାଜ୍ୟଗୋଷ୍ଠୀର ଦେଶଗୁଡିକୁ ଅଧିକ ଅସନ୍ତୁଷ୍ଟ କରିବାକୁ ଚାହିଁଲେ ନାହିଁ । କାରଣ ମରିସସ ସହ ଭାରତ ଥିବା ହେତୁ ଏହି ମାମଲାରେ ବ୍ରିଟେନ ସରକାର ନିଜର କ୍ଷତି ହେବାର ସମ୍ଭାବନା ଦେଖିଲେ । ତେଣୁ ଅକ୍ଟୋବର ୨୦୨୪ରେ ସରକାର ଛଗୋସକୁ ମରିସସର ସରକାରଙ୍କୁ ହସ୍ତାନ୍ତରିତ କରିବେ ବୋଲି ଘୋଷଣା କଲେ । ୨୨ ମଇ ୨୦୨୫ରେ ବ୍ରିଟେନ ସରକାର ମରିସସ୍ ସହ ଛଗୋସ ହସ୍ତାନ୍ତରଣ ଚୁକ୍ତିରେ ସ୍ୱାକ୍ଷର କଲେ । କିନ୍ତୁ ବ୍ରିଟେନ ହାତରେ ଆଗାମୀ ୯୯ ବର୍ଷ ପାଇଁ ଡିଆଗୋଗାର୍ସିଆ ରହିବ ବୋଲି ମଧ୍ୟ ଲେଖାଇନେଲେ । ପ୍ରତିବର୍ଷ ୧୩୬ ମିଲିଅନ ଡଲାର ଏଥିପାଇଁ ମରିସସ୍‌କୁ ବ୍ରିଟେନ ସରକାର ଦେବେ । କାରଣ ଡିଆଗୋଗାର୍ସିଆରେ ବ୍ରିଟେନ ଓ ଆମେରିକାର ସାମରିକ ଘାଟୀ ରହିଛି, ଯେଉଁଠାରେ ବୋମାବର୍ଷକ ବିମାନଠାରୁ ଯୁଦ୍ଧପୋତ ସବୁ ରଖାଯାଇଛି । ୧୯୬୮ରେ ମରିସସ ବ୍ରିଟେନଠାରୁ ମୁକ୍ତ ହେବା ପରେ ମଧ୍ୟ ଛଗୋସକୁ ଛାଡିବାକୁ ପ୍ରସ୍ତୁତ ନଥିଲା । ୬୦ଦଶକରେ ବ୍ରିଟେନ ଛଗୋସ ଦ୍ୱୀପପୁଞ୍ଜର ବଡ ଦ୍ୱୀପ ଡିଆଗୋଗାର୍ସିଆଠାରେ ସାମରିକଘାଟୀ ନିର୍ମାଣ ପାଇଁ ଆମେରିକାକୁ କହିବାପରେ ସେଠାରେ ଆମେରିକା ଘାଟୀ ନିର୍ମାଣ କରିବା ସହ ଛଗୋସର ସ୍ଥାନୀୟ ବାସିନ୍ଦାମାନଙ୍କୁ ବଳପୂର୍ବକ ତଡି ଦେଇଥିଲା । ଏବେ ଏହି ଦ୍ୱୀପପୁଞ୍ଜ ଉପରେ ମରିସସର ପୂର୍ଣ୍ଣ ଅଧିକାର ରହିବ । ପୂର୍ବରୁ ଛଗୋସ ଦ୍ୱୀପପୁଞ୍ଜଗୁଡିକୁ ଯେପରି ବ୍ରିଟେନ ଏବଂ ଆମେରିକା ନିଜ ଅକ୍ତିଆରକୁ ନେବାକୁ ପ୍ରୟାସ କରିଥିଲେ ତାହା ଏବେ ଅନ୍ତତଃ ବନ୍ଦ ହେଲା । ଏହା ଫଳରେ ଭାରତ ମହାସାଗର କ୍ଷେତ୍ରରେ ଛଗୋସ ଦ୍ୱୀପପୁଞ୍ଜର ଅଗଲେଗାଠାରେ ଭାରତର ନିର୍ମାଣକାର୍ଯ୍ୟ ବୃଦ୍ଧିପାଇବ । ସାମରିକ ଦୃଷ୍ଟିରୁ ଦେଖିଲେ ପୂର୍ବ ଆଫ୍ରିକାର ଏହି ଦେଶରୁ ଭାରତ ମହାସାଗର ଉପରେ ନଜର ରଖିପାରିବ । ମରିସସ୍ ମଧ୍ୟ ଛଗୋସ ଦ୍ୱୀପପୁଞ୍ଜର ବିକାଶ କାର୍ଯ୍ୟରେ ଭାରତର ଅର୍ଥ ବିନିଯୋଗ କରିବାକୁ ସକ୍ଷମ ହେବ । ଆଗାମୀ ଦିନରେ ମରିସସ୍‌ର ଦ୍ୱିପାକ୍ଷିକ ସହଯୋଗ ଭିନ୍ନ ଏକ ମାଇଲଖୁଣ୍ଟ ସ୍ଥାପନ କରିବ, ଏଥିରେ ସନ୍ଦେହ ନାହିଁ ।

> ବାରଣାସୀଠାରେ ହୋଇଥିବା ଦ୍ୱିପାକ୍ଷିକ ଆଲୋଚନାରେ ଦୁଇରାଷ୍ଟ୍ରର ପ୍ରଧାନମନ୍ତ୍ରୀ ଏବଂ ପ୍ରତିନିଧିମଣ୍ଡଳୀ ରହିଥିଲେ । ଏଥିରେ କିଛି ବୁଝାମଣା ଏବଂ କିଛି ଘୋଷଣାନାମା ସ୍ଥାନ ପାଇଥିଲା । ବିଜ୍ଞାନ ଏବଂ ବୈଷୟିକଜ୍ଞାନ କ୍ଷେତ୍ରରେ ସହଯୋଗ ପାଇଁ ଭାରତର ସାଇନ୍ସ ଏଣ୍ଡ ଟେକ୍ନୋଲୋଜୀ ବିଭାଗ ସହ ମରିସସର କ୍ଷେତ୍ରୀୟ ଶିକ୍ଷା, ବିଜ୍ଞାନ ଓ ଗବେଷଣା ବିଭାଗ ମଧ୍ୟରେ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା ।


+ଭାରତୀୟ ସମ୍ବାଦ ସେବା
(ଭାସ୍)
ଭୁବନେଶ୍ୱର-୭୫୧୦୦୩


## ସାରା ରାଜ୍ୟରେ ୩୦ ଭାଗ ବ୍ଲକରେ ବି.ଇ.ଓ ପଦବୀ ଖାଲି ପଡ଼ିଛି



**ସୁବ୍ରତ କର**

ଆମ ରାଜ୍ୟରେ ବ୍ଲକ ସଂଖ୍ୟା ୩୧୪ । ସେଥି ମଧ୍ୟରୁ ପ୍ରାୟ ୧୦୫ ବ୍ଲକରେ ବ୍ଲକ ଶିକ୍ଷା ଅଧିକାରୀ ପଦବୀ ଖାଲି ପଡ଼ିଛି । ଏହି ଖବର ଦେଇଛନ୍ତି ଖୋଦ୍ ବିଦ୍ୟାଳୟ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଏ ସରକାର ଶିକ୍ଷା ପ୍ରତି କେତେ ଚିନ୍ତା କରୁଛନ୍ତି ଜଣା ପଡୁଛି । ପ୍ରଥମତଃ ପ୍ରାୟ ସବୁ ସ୍କୁଲରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ପ୍ରଚୁର ପରିମାଣରେ ଅଭାବ । ଏହା ପରେ ଯେଉଁମାନେ ସ୍କୁଲ ପରିଚାଳନା ଦାୟିତ୍ୱରେ ରହିଛନ୍ତି ସେମାନଙ୍କ ମଧ୍ୟ ଅଭାବ ଉପଲବ୍ଧ ହୋଇଛି । ଏହି ବ୍ଲକ୍ ମଧ୍ୟରୁ ସର୍ବାଧିକ ମୟୂରଭଞ୍ଜ ଜିଲ୍ଲାରେ ଏବଂ ଏଇଠି ପ୍ରାୟ ୯ଟି ରହିଛି । ଏହାଠୁ ଯଥେଷ୍ଟ ବେଶି ରହିଛି ଆମ ନିଜ ଜିଲ୍ଲାରେ ବାଲେଶ୍ୱରରେ । ଏହି ଜିଲ୍ଲାରେ ସର୍ବମୋଟ ୧୨ଟି ବ୍ଲକ ଅଛି ଏବଂ ସେଥିରୁ ୬ଟି ବ୍ଲକରେ ବ୍ଲକ ଶିକ୍ଷା ଅଧିକାରୀ ପଦବୀ ଖାଲି ପଡ଼ିଛି । ଆପଣମାନେ ଶୁଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଜଣେ ଜଣେ ବ୍ଲକ ଶିକ୍ଷା ଅଧିକାରୀ ଏବଂ ଜିଲ୍ଲାରେ ୪ଟି ପଦବୀର ଦାୟିତ୍ୱ ତୁଲାଉଛନ୍ତି । ସେ ଭଦ୍ରଲୋକ ସହରର ଭଲ ସ୍କୁଲର ପ୍ରଧାନ ଶିକ୍ଷକ ପଦବୀରେ ଅଛନ୍ତି ଏବଂ ସେଇଟା ତାଙ୍କର ମୂଳ ପଦବୀ । ଏହାଛଡ଼ା ଗୋଟାଏ ବ୍ଲକରେ ଶିକ୍ଷା ଅଧିକାର ପଦବୀ ଏବଂ ଏହାଛଡ଼ା ଆହୁରି ଦୁଇଟା ସ୍କୁଲର ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଅଛନ୍ତି । ଗୋଟାଏ ଅନୁଷ୍ଠାନରୁ ଅନ୍ୟ ଅନୁଷ୍ଠାନ ଖୁବ୍ କମରେ ୨୦-୨୫ କିମି ରାସ୍ତା । ଗୋଟାଏ ଜାଗାରୁ ଅନ୍ୟ ଜାଗାକୁ ଯିବାକୁ ହେଲେ ତାଙ୍କ ପାଇଁ କୌଣସି ସରକାରୀ ଗାଡ଼ିର ବ୍ୟବସ୍ଥା ନାହିଁ । ନିଜ ବ୍ୟବସ୍ଥାରେ ପ୍ରତି ୬ଦିନରେ (ସପ୍ତାହ ମଧ୍ୟରେ) ଏହି ୪ଟି ସ୍ଥାନକୁ ଯିବାକୁ ପଡ଼େ ଏବଂ ସେହି ସବୁ ଅନୁଷ୍ଠାନ କିପରି ସୁରୁଖୁରୁରେ ଚାଲିବ ତାର ମଧ୍ୟ ବ୍ୟବସ୍ଥା କରିବାକୁ ପଡ଼ିଥାଏ । ଏହା କାହା ପାଇଁ ସମ୍ଭବପର ନୁହଁ କେବଳ ସରକାରଙ୍କ ପାଇଁ ସମ୍ଭବ । ଏହା ପାଇଁ ମଧ୍ୟ ଏମାନଙ୍କ ପାଇଁଭ ବିଶେଷ ଦରମାର ବ୍ୟବସ୍ଥା କରା ହୋଇନାହିଁ ସରକାରଙ୍କ ତରଫରୁ । ଯଦି ଜଣେ ପ୍ରଧାନ ଶିକ୍ଷକ ସପ୍ତାହରେ ଗୋଟାଏ ଦିନ ସ୍କୁଲକୁ ଆସିବେ ସେ ସରକାରୀ ସ୍କୁଲର ଅବସ୍ଥା କଣ ହେବ? ଯଦି କୌଣସି ପିଲାଙ୍କ ବାପାମାଆ ନିଜ ପିଲାଙ୍କ ବିଷୟରେ କିଛି ବିଷୟରେ ବୁଝିବାକୁ ଯିବେ ଅନ୍ୟ ଶିକ୍ଷକ ବା ଶିକ୍ଷୟତ୍ରୀ ଜଣେ ସିଧା କହୁଛନ୍ତି 'ଆମେ ଏ ବିଷୟରେ କିଛି କହି ପାରିବୁ ନାହିଁ', ଆପଣ ପ୍ରଧାନ ଶିକ୍ଷକ ଆସିଲେ ତାଙ୍କୁ ଦେଖା କରିଲେ ସେ ଆପଣଙ୍କୁ କହି ପାରିବେ । ସେ ପ୍ରଧାନ ଶିକ୍ଷକ ଭଦ୍ରଲୋକ ଚାରଟି ଅନୁଷ୍ଠାନର ଦାୟିତ୍ୱରେ ଥାଇ କାହା କଥା ବୁଝିବେ ? ପିଲାଙ୍କ କଥା ନା ଶିକ୍ଷକ ଶିକ୍ଷୟିତ୍ରୀଙ୍କ କଥା ନା ସ୍କୁଲର କଥା । ଏହିଥିରୁ ଆପଣମାନେ ଚିନ୍ତା କରନ୍ତୁ ପିଲାମାନଙ୍କ ପାଠପଢ଼ା କେଉଁ ପ୍ରକାରର ହେଉଥିବ ଏବଂ ସେଥିରେ ପୁଣି ପିଲାଙ୍କୁ ଗୀତା ପାଠ କରାଇବାକୁ ହେବ, ଯୋଗ କ୍ଲାସ ମଧ୍ୟ କରିବାକୁ ପଡ଼ିବ । ମୂଳ ବିଦ୍ୟାକୁ ଶିକ୍ଷକ, ଶିକ୍ଷୟିତ୍ରୀ ନାହାନ୍ତି ଏହା ଉପରେ ଏହିସବୁ ବିଷୟରେ ପାଠପଢ଼ା, ଯୋଉ ସରକାରୀ ଉପରିସ୍ଥ ଅଫିସର ଏବଂ ଶିକ୍ଷା ମନ୍ତ୍ରୀଙ୍କ ବିଶେଷ ଅନୁରୋଧ ଆଉ ବିଶେଷ କିଛି ନକରି ଯେତେ ଶିଘ୍ର ପାରୁଛନ୍ତି ଶିକ୍ଷକ ଶିକ୍ଷୟିତ୍ରୀ ପଦବୀକୁ ପୂରଣ କରନ୍ତୁ ଏବଂ ସବୁ ବ୍ଲକ ଶିକ୍ଷା ଅଧିକାରୀଙ୍କ ଥଇଥାନ କରନ୍ତୁ, ପିଲାମାନଙ୍କୁ ଶାନ୍ତିର ସହିତ ପାଠ ପଢ଼ିବାକୁ ଦିଅନ୍ତୁ ଯେମିତି ଭବିଷ୍ୟତରେ ପିଲାଟି ଭଲ ମଣିଷ ହୋଇ ବାହାରିବ ।




## ଏଇ ସେ ଅଭିଶପ୍ତ ଜୀବନ

**ପ୍ରତିଭା ଦାଶ**



ଦେହଟି ପୁଙ୍ଗୁଳା ଜୀର୍ଣ୍ଣଶୀର୍ଣ୍ଣ
ରହିଛି ମୁହଁରେ ବିଷାଦର ଚିହ୍ନ
ନାହିଁ ପେଟରେ ମୁଠିଏ ଦାନା
ଆଉଟୁପାଉଟୁ ହେଉଛି
ଗଣ୍ଡେ ଖାଇବାକୁ
ଏଇତ ସେ ଅଭିଶପ୍ତ ଜୀବନ ।
କାଖରେ ଧରି ଦୟନୀୟ ଶିଶୁ
ଦ୍ୱାର ଦ୍ୱାର ବୁଲୁଛି ଭିକ୍ଷା ପାଇଁ
କାହା ପାଖରେ ନାହିଁ ସମୟ
ଟିକେ ଅନେଇକି ବୁଝିବା ଲାଗି
ସେ ପିଲା ଦି' ଟିର ଦୁଃଖ କାହାଣୀ
ଏଇତ ସେ ଅଭିଶପ୍ତ ଜୀବନ ।

ବାପାମା ଛେଉଣ୍ଡ ହେଲା ଦିନୁ
ଅନବରତ ଚାଲିଛି ଏପରି ଦୁର୍ଦ୍ଦଶା
ନା ମିଳୁଛି ଆଶ୍ରୟ ନା ଉଦ୍ଦିଷ୍ଟ ବିଶ୍ରାମ
ଅନାଦର ଜୀବନ ବିତାଉଛନ୍ତି
ସଂସାରେ
ଏଇତ ସେ ଅଭିଶପ୍ତ ଜୀବନ ।

ନୂଆ ଆଶା ନେଇ ବଞ୍ଚିଛି ସେ
କାଳେ କିଏ କେବେ ସାହା ହେବେ
ଦେବେ ସ୍ନେହର ହାତ ବଢ଼ାଇ
ଅନାବିଳ ସ୍ନେହ ଟିକକ ଲାଗି
ଭୁଲି ଯାଇଛି ବର୍ତ୍ତମାନର ସବୁ ଯନ୍ତ୍ରଣା
ଏଇତ ସେ ଅଭିଶପ୍ତ ଜୀବନ ।


+ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ,
ଡୁମେରପାଣି
ଜିଲ୍ଲା - ନୂଆପଡ଼ା
ମୋ: ୭୮୯୪୫୨୮୪୯୩


## ମଧ୍ୟାହ୍ନ ସୂର୍ଯ୍ୟରେ ମେଘ...

**ପ୍ରଶ୍ନ କୁମାର ଶତପଥୀ**



ଶରତ କାଳ ମଧ୍ୟାହ୍ନ ବେଳ
ବାଦଳ ଆକାଶେ ଖେଳେ,
ମେଘ ପାଖରୁ ବରଷା ପାଣି
ପୃଥ୍ୱୀ ଉପରେ ତରଳେ ।

ମେଘ ତରଳି କ୍ରୀଡଇ କେତେ
ମଧ୍ୟାହ୍ନ ସୂର୍ଯ୍ୟ ନିକଟେ,
ବର୍ଷା ବିରତେ ଥଣ୍ଡା ଅଭାବ
ଦେହ ଜଳଇ ସଙ୍କଟେ ।

ଝାଳ ଝରଣା ଶରୀରପରେ
ବିସ୍ତାରେ ଅତି ସନ୍ତାପେ,
ପବିତ୍ର ଦେହ ମେଘ ଦିବସେ
ସ୍ନାନ କରଇ ଉତ୍ତାପେ ।


+ଦୁମାଡିହି, ଜାମଦା, ମୟୂରଭଞ୍ଜ

# କଇଁ

ରତିକାନ୍ତ ବିଶ୍ୱାଳ





ପୂର୍ଣ୍ଣମୀର ଜହ୍ନ । ପୁଣି କୁମାରପୂର୍ଣ୍ଣମୀ । ନବଯୁବତୀଙ୍କ ଆଶା ଆକାଂକ୍ଷାର ଦିନ । ବାରଟି ପୂର୍ଣ୍ଣିମା ମଧ୍ୟରୁ ଶରତ ପୂର୍ଣ୍ଣିମାର ଜହ୍ନ ଷୋହଳକଳା ସମ୍ପନ୍ନ । ପ୍ରକୃତିର ଶୋଭା ବି ବେଶ୍ ମଧୁର ଓ ଆକର୍ଷଣୀୟ । କାଶତଣ୍ଡିର ଶରତଙ୍କ ସହ ଗଭୀର ସମ୍ପର୍କ, ସତେ ଯେମିତି ଜଣେ ଅନ୍ୟ ଜଣକ ପାଇଁ । ଜଳାତିର ଆଗମନକୁ ସ୍ଥିର ଚକ୍ଷୁରେ ଅନେଇ ବସିଥାନ୍ତି ଚାମରପୁଷ୍ପ , ପୋଖରୀ ହୁଡ଼ାରେ ଆଉ ନଈପଠାରେ । ଶରତଙ୍କ ପଦ ଯୁଗଳ ସ୍ପର୍ଶରେ ଇକ୍ଷୁଗନ୍ଧା ହୁଏ ପୂର୍ଣ୍ଣଗର୍ଭା । ବିଜ୍ଞାନ କହେ, କୁମାର ପୂର୍ଣ୍ଣିମା ହିଁ ଶ୍ରେଷ୍ଠ ପୂର୍ଣ୍ଣିମା । ଏହି ଦିନ ଚନ୍ଦ୍ର ପୃଥିବୀର ବେଶ୍ ନିକଟତର ହୁଅନ୍ତି । ମାଟି ଓ ଆକାଶର ଦୂରତା କମିବାରୁ ଜହ୍ନର ଶୀତଳ ଜୋଛନା ମାନବର ସ୍ୱାସ୍ଥ୍ୟ ଓ ଚିନ୍ତନ ଉପରେ ସକାରାତ୍ମକ ପ୍ରଭାବ ପକାଏ । ପୁରାଣର ମତ ଅନେକ,ତଥାପି ବି ଧନର ଦେବୀ ମାତା ଲକ୍ଷ୍ମୀଙ୍କ ଜନ୍ମଦିନ ଓ ତେଜଦିପ୍ତ କୁମାର ଏହି ପୁଣ୍ୟ ତିଥିରେ ତାରକାସୁର ସହ ଯୁଦ୍ଧ ଆରମ୍ଭ କରିଥିଲେ ।

ଦୂରରୁ ଭାସି ଆସୁଥାଏ ଅପୂର୍ବ ସ୍ୱରରେ ,'କୁଆଁର ପୁନେଇ ଜହ୍ନଲୋ ଫୁଲ ବଉଳ ବେଣୀ....', । ଦେବତାଙ୍କ ସେନାପତି କୁମାର ପରି ସୁନ୍ଦର୍ , ସୁଠାମ, ତେଜଦିପ୍ତ, ଶୌର୍ଯ୍ୟବନ୍ତ ଓ ବିଭବବନ୍ତ ସ୍ୱାମୀଟିଏ ପାଇବାର ଅଭିଳାଷ । ନାରୀଟିଏ ସିନା ବିବାହ ପରେ ସ୍ୱାମୀଙ୍କ ପାଇଁ ବିଭିନ୍ନ ବ୍ରତ ରଖନ୍ତି , କିନ୍ତୁ କୁଆଁରୀ ମାନେ ପାଦରେ ଅଳତା ପିନ୍ଧି ଅହିସୁଲକ୍ଷଣୀ ହେବାକୁ ସ୍ୱପ୍ନ ଦେଖନ୍ତି । ଅଳତା ହିଁ ଅହିସୁଲକ୍ଷଣୀର ପ୍ରତୀକ । ଚଳଚଞ୍ଚଳ ଆଜି ପ୍ରୀତିପୁର । ଗାଁର ଚାରିଛକର ମଧ୍ୟ ଭାଗରେ ଏକ ବିରାଟ ଚଉରା । କେଉଁ ଅନାଦିକାଳରୁ ଗାଁର ଯୁବତୀମାନେ ସେଇଠି ଚାନ୍ଦପୂଜା କରନ୍ତି । ପାଖାପାଖି ଶହେ ଘର ହେବ । ବର୍ଷକ ଭିତରେ ଯେତେ ସବୁ ପର୍ବପର୍ବାଣୀ ପାଳନ ହୁଏ, ସମସ୍ତେ ମିଳିମିଶି ମହା ଆଡମ୍ବରରେ ପାଳନ କରନ୍ତି । ଶାରଦୀୟ ପର୍ବ ଶରତ ପୂର୍ଣ୍ଣିମା । ପୂର୍ଣ୍ଣିମାରେ ଜହ୍ନିଫୁଲ ପରି କଇଁର ଭାରି ଆଦର । ଚଉଁରା ସଜେଇବାରେ କଇଁ ଫୁଲର ବ୍ୟବହାର ବେଶ୍ ପୁରୁଣା । ଜହ୍ନିଘରର ଜ୍ୟାମିତିରେ ଇନ୍ଦୁମତିର ଶୁଭ୍ର ପାଖୁଡ଼ାର ଭିତ୍ତି । ସତେ ଯେମିତି ଲାଗୁଛି ଆକାଶର ତାରାଗୁଡ଼ିକ କିଞ୍ଜଳରୂପରେ ମାଟି ଉପରେ ଧାଡ଼ି ଧାଡ଼ି ହୋଇ ବସିଛନ୍ତି । ଗାଁର ଝିଅମାନେ ନୂତନ ପୋଷାକ ପରିଧାନ କରିଛନ୍ତି , ବିଭିନ୍ନ ଅଙ୍ଗରେ ରୂପା ଓ ସୁନାର ଆଭୂଷଣ । ଲାଗୁଥାଏ କି କେଉଁ ଏକ ସ୍ୱର୍ଗରୁ ପରୀମାନେ ଓହ୍ଲାଇ ଆସିଛନ୍ତି ଏହି ପ୍ରିତିପୁରକୁ । ମାଆ ବୃନ୍ଦାବତୀ ପ୍ରତି ଘରର ପ୍ରତ୍ୟକ୍ଷ ଦେବୀ । ପୂର୍ଣ୍ଣମୀ ଉପଲକ୍ଷେ ମା' ବୃନ୍ଦାଙ୍କୁ ନିଖୁଣ ଭାବରେ ସଜାଇ ଥାନ୍ତି ନବ ଯୁବତୀ ମାନେ । ତରୁଣୀଙ୍କ ମଧ୍ୟରେ ଅହେତୁକ ଆନନ୍ଦ, ସମସ୍ତେ ଖୁସିରେ ବିଭୋର ।

ମୁହଁ ସଞ୍ଜ । ଖଣ୍ଡେ ବଡ ବାଦଲ ଚନ୍ଦ୍ରମାକୁ ଢାଙ୍କି ଦେଲା । ଦଲକାଏ ଜୋର୍ ପବନ ବି ପଶି ଆସିଲା ଗାଁ ଭିତରକୁ । ଚଉଁରା ମୂଳେ ଜଳୁଥିବା ଦିପ ସବୁ ଲିଭିଗଲା । ଝିପି ଝିପି ବର୍ଷା ବି ଲାଗି ରହିଲା । ଉଡ଼ି ଗଲା କଇଁ ପାଖୁଡ଼ା ସବୁ । ଶକ୍ତିଶାଳୀ ପବନ ଆଗରେ ତାର ବା ଶକ୍ତି କେତେ । କୁଆଁରୀ ମାନଙ୍କ ମନରେ ଥିବା ଉଦ୍ଦାମତା, ଉତ୍ସାହ ସବୁ ଭାଙ୍ଗିଗଲା ବର୍ଷାର ପ୍ରଭାବରେ । ସୁନ୍ଦରୀ କଇଁ । କଇଁର ସ୍ନେହାବୋଳା କଥା ସମସ୍ତଙ୍କୁ ସାହସ ଦେଉଥାଏ । ସାଙ୍ଗ ମାନଙ୍କୁ ବୁଝାଉ ଥାଏ,'ଆରେ ମନ ଦୁଃଖ କାହିଁକି କରୁଚ, ବର୍ଷା କଣ ସେମିତି ହେଉଥିବ କି,ଏବେ ଛାଡ଼ି ଯିବନି' । ସତକୁ ସତ ଅଳ୍ପ ସମୟ ଭିତରେ ବର୍ଷା ଛାଡ଼ି ଗଲା । ହରିଣୀ ଆଖି ପରି ଆଖି କଇଁର , ଉର୍ମିଳ କେଶ । ଅନିନ୍ଦିତ ମୁଖ ମଣ୍ଡଳ । ଉନ୍ନତ ସୁସଂଗଠିତ ବକ୍ଷ ଯୁଗଳ ଓ କ୍ଷୀଣକଟି । ନୀଳ ଉତ୍ପଳ ପାଖୁଡ଼ା ଆକୃତିର ଲୋହିତ ଓଠ ଯୁଗଳ । ଶରୀରରେ ଲହଡ଼ି ଭାଙ୍ଗୁଛି ଢ଼ଳ ଢ଼ଳ ଯୌବନ । ସର୍ବୋପରି ଅପୂର୍ବ ଲାବଣ୍ୟମୟୀ । କଇଁର ବ୍ୟବହାର ସମସ୍ତଙ୍କଠୁ ନିଆରା । ଅତିଅଳ୍ପ ସମୟ ମଧ୍ୟରେ ସାତ ପରକୁ ଆପଣାର କରିନିଏ ସେ । କୁନି ପିଲା ମାନଙ୍କର କଇଁ ହେଉଛି ମାଆ । କାଖରେ ଛୁଆଟିଏ ଦେଖିଲେ ଥୟ ହେଇ ରହିପାରିବନି । ମୋଟାମୋଟି କହିଲେ ଛୁଆ ରଙ୍କୁଣି । ବର୍ଷା ଆଉ ନ ଥିଲା । ପୂର୍ଣ୍ଣ ଯୌବନା ସୁନ୍ଦରୀ କଇଁ ସମସ୍ତଙ୍କ ମଧ୍ୟରେ ଭରି ଦେଲା ଉତ୍ସାହ ଓ ଉଦ୍ଦୀପନା । ପବନ ଓ ବର୍ଷାର ପ୍ରଭାବରେ ପୂଜା ସ୍ଥଳ କିଛି ମାତ୍ରାରେ ନଷ୍ଟ ହେଇ ଯାଇଥିଲା । ବୃନ୍ଦାବତୀଙ୍କ ସାଜସଜ୍ଜାରେ ଓ ଜହ୍ନିଘରରେ ବ୍ୟବହୃତ ପାଖୁଡ଼ା ଗୁଡ଼ିକର ସାମାନ୍ୟ ଚିହ୍ନ ନ ଥାଏ । ତରୁଣୀ ମାନେ ପୁଣି ଥରେ ସାଜସଜ୍ଜାରେ ଲାଗି ପଡ଼ିଲେ । ପାଖ ଗାଁ ମାଣିକପାଟଣାରୁ ଭାସି ଆସୁଥିଲା,'କୁଆଁରୀ ଝିଅଙ୍କ ଅପୂର୍ବ ଆନନ୍ଦ ପୁଚି ଖେଳିବାକୁ ମନ ଲୋ ଫୁଲ ବଉଳ ବେଣୀ ....' ।

ଚନ୍ଦ୍ରଙ୍କର ପ୍ରିୟ ଫୁଲ କଇଁ । ଚନ୍ଦ୍ରପୂଜା ପାଇଁ ଜହ୍ନି ଆଉ ଇନ୍ଦୁର ଆବଶ୍ୟକତା ଅନିର୍ବାଯ୍ୟ । ତରୁଣୀମାନେ ଲାଗିପଡିଲେ ବିଭିନ୍ନ କାର୍ଯ୍ୟରେ । କେହି କେହି ଆଲୁଅଟେ ଧରି ବାହାରି ଆସିଲେ ଫୁଲ ତୋଳିବାକୁ । ମଝିରେ ମଝିରେ ଚନ୍ଦ୍ର ଓ ବାଦଲ ମଧ୍ୟରେ ଲୁଚକାଳି ଖେଳ ଚାଲିଥାଏ । ନିର୍ମଳ ଆକାଶରେ କଳାମେଘ ଖଣ୍ଡମାନ ଯେବେ ଅପସରି ଯାଉ ଥାଏ,ଜ୍ୟୋତ୍ସ୍ନା ମାଟିକୁ ଛୁଇଁ ଯାଉଥାଏ । ଥଣ୍ଡା ପବନରେ ଦେହ ବି ଶୀତେଇ ଉଠୁ ଥାଏ । ସମସ୍ତେ ସାଜସଜ୍ଜାରେ ବ୍ୟସ୍ତ । ଏଯାଏ ଚାନ୍ଦ ଚକଟା ଭୋଗ ଓ ଚାନ୍ଦମଣ୍ଡା ପୂଜା ମଣ୍ଡପକୁ ଆସିନି । ଚନ୍ଦ୍ରପୂଜା ହେବ । ସୁନ୍ଦରୀ କଇଁକୁ ଖୋଜା ପଡ଼ିଲା । କଇଁ କାହିଁକି ଫେରୁନି । ସମସ୍ତେ ବ୍ୟସ୍ତ ବିବ୍ରତ । ରାତି ହେଇ ଯାଉଛି । ପୂଜାର ସମସ୍ତ ବିଧି ସାରିବାକୁ ହେବ ।

କଇଁକୁ ଖୋଜିବାକୁ ହାତରେ ଲଣ୍ଠନ ଧରି ଗାଁ ଲୋକେ ବାହାରି ଆସିଲେ । କଇଁକୁ ଖୋଜା ଚାଲିଲା ପୋଖରୀ, ଗାଡିଆ, ନାଳନର୍ଦ୍ଦମାରେ, ମାତ୍ର କଇଁ ମିଳୁ ନ ଥିଲା । କଇଁ ଅନିନ୍ଦ୍ୟ ସୁନ୍ଦରୀ, ଯେକେହି ବି ଆକର୍ଷିତ ହେଇଯାଇପାରେ । କଇଁର ରୂପରେ ସ୍ୱଂୟ ଚନ୍ଦ୍ରମା ବି ...। କେହି ଜଣେ ଜୋର୍‌ରେ ଚିତ୍କାରକରି କହିଲା,'କଇଁ ଅପାର କାନ ଝୁମୁକା' । ଅପରୂପା କଇଁର କାନରେ ଝୁମୁକାଟି ସବୁବେଳେ ଝୁମୁଥାଏ ତାର ରୂପଗୁଣରେ । ସମସ୍ତେ ଆଶା ଆଉ ଆଶଙ୍କାରେ । ଦୂରରୁ ପୁଣି ଏକ ଜୋର୍ ଚିତ୍କାର କାନ୍ଦକାନ୍ଦ ସ୍ୱରରେ । ଦୌଡିଗଲେ ସମସ୍ତେ ଆମ୍ବତୋଟାର ଗହିରିମାଳ ପୋଖରୀ ଆଡକୁ । ପ୍ରିତିପୁରର ଗାଁ ଲୋକେ ଆଶ୍ଚର୍ଯ୍ୟ, ଚକିତ । କଳ୍ପନାର ବାହାରେ ସେ ଦୃଶ୍ୟ । ପବିତ୍ର ତିଥିରେ ଅପବିତ୍ର ହେଇ ଯାଇଛି କଇଁ, ମଉଳି ଯାଇଛି ତାର ମନ ଆଉ ଶରୀର । ତରୁଣୀ କଇଁ ଲଟକି ଯାଇଛି ଆମ୍ବ ଗଛର ଏକ ଶୁଖିଲା ଡାଳରେ, ନିଜର ଧଳା ଓଢଣୀରେ ....। ଅଧରରୁ ଝରି ଆସୁଛି ଟୋପା ଟୋପା ରକ୍ତ । ଗାଲରେ କାମୁଡ଼ା ଚିହ୍ନ, କୁଞ୍ଚିତ କେଶ ମୁକୁଳି ଯାଇଛି । ଶାଢ଼ୀଟି କାନ୍ଧରୁ ଖସି ମାଟିକୁ ଛୁଇଁଛି । ଓଃ କି ବିଭତ୍ସ ! ବାମ ପାଦରୁ ଖସି ଯାଇଛି ଦିନ ସାରା ରଣଝୁଣ ହେଇଥିବା ରୂପା ପାଉଁଜି ଖଣ୍ଡିକ । କାମ ପିପାସୁଙ୍କ କାମନା ଯଜ୍ଞରେ ବଳି ପଡ଼ି ଯାଇଛି ସୁନାନାକି କଇଁ । ସତେ ଯେମିତି ଲାଗୁଛି କି ପ୍ରିତିପୁରର ପ୍ରୀତି ବାଣ୍ଟୁଥିବା କଇଁ ସମସ୍ତଙ୍କ କଳିଜାର ତାର ସବୁକୁ ଗୋଳମାଳ କରି ଦେଇଛି । ସବୁ ହୃଦୟର ରାଣୀ ଆଜି ସମାଧିସ୍ଥ ହେଇଯାଇଛି ଆମ୍ବତୋଟାରେ । ଗହିରୀ ମାଳ ପୋଖରୀରେ ଅଧାଫୁଟା କଇଁ ଗୁଡ଼ିକ ଲାଜରେ ମଥାନତ କରୁଥିଲେ,ହୃଦୟରୁ ଧିକାର୍ କରୁଥିଲେ ଏଇ ରକ୍ତପିପାସୁ ଦାନବ ମାନଙ୍କୁ । ଅଧାଖୋଲା ପାଖୁଡ଼ା ସବୁ ଧିରେ ଧିରେ ବୁଜି ହେଇ ଯାଉଥିଲା । କଇଁର ଏପରି ଅବସ୍ଥାର ମୂକସାକ୍ଷି ଥିଲେ ଗହିରିମାଳ ପୋଖରୀର ଦରଫୁଟା କଇଁ । କଢଥିବା କଇଁ ଗୁଡ଼ିକ ମାଆର ପଣତ ତଳେ ମୁହଁ ଲୁଚାଉଥିଲେ । ରାତି ବଢିବା ସଙ୍ଗେ ସଙ୍ଗେ ଆମ୍ବତୋଟାର କିଆବୁଦାରୁ ଭାସି ଆସୁଥିଲା ଶ୍ୱାନଶାପଦ ଓ ଝିଙ୍କାରିର ବିକଟାଳ ରଡି । ଆଶିନ୍ନର ପୁନେଇଜହ୍ନ ଲାଜେଇ ପ୍ରେମିକା କଇଁର ସ୍ୱାଭିମାନକୁ ସଲାମ କରୁଥିଲା ସତ , କିନ୍ତୁ ଅନ୍ତରରୁ ଏହି ନରରୁପି ରାକ୍ଷସମାନଙ୍କୁ ଧିକାର କରୁଥିଲା । ସେହିଦିନଠୁ ଗହୀରିମାଳ ଆମ୍ବ ତୋଟାର ପୋଖରୀରେ କଇଁ ଫୁଟିବାର କେବେ କେହି ଦେଖିନି । ସୁନ୍ଦରୀ କଇଁ ମାଟି ମାଆ କୋଳରୁ ବିଦାୟ ନେବା ପରେ ପ୍ରିତିପୁରରେ କେହି କେବେ ଶୁଣିନି 'ଜହ୍ନକୁ ଟେକିବା ଜହ୍ନି ଆଞ୍ଜୁଳି ,ଚଉରା ମୂଳରେ ହେଇକି ମେଳ.......ଫୁଲ ବଉଳବେଣୀ' ।

+ପ୍ରଧାନଶିକ୍ଷକ
ଜୁଲିଆ ଉଚ୍ଚ ବିଦ୍ୟାଳୟ
ବାସୁଦେବପୁର ,ଭଦ୍ରକ

# ବାହାରେ ବର୍ଷା

ମମତା ଜେନା



ସେତିକି କଷ୍ଟ ନହେଲେ ବୋଧହୁଏ ଆଖିରୁ ଲୁହ ଆସେନି । ଆସେ ବୋଲିତ କୋହ ସବୁ ବନ୍ଧ ବାଡ଼ ମାନନ୍ତିନି । କିଛି କହିନଥିଲି ଚୁପଚାପ ଶୁଣୁଥିଲି ଆଘାତର ପ୍ରତିଶବ୍ଦ ଗୁଡିକୁ.. । ଲହଡେଇ ଲହଡେଇ ସନ୍ଦୀପ କହୁଥିଲେ ତାଙ୍କର ସେ କ୍ରୋଧିତ ଶବ୍ଦ ଗୁଡିକ । ଅନ୍ଧାରି ଆକାଶ ତଳେ ନିଜକୁ ମାପୁନଥିଲି ବରଂ ଏକ ଲୁହର ବୈତରଣୀ ହୋଇ ବହୁଦୂରକୁ ବହିଯାଉଥିଲି । ଯେଉଁଠି ସନ୍ଦୀପ ପରି ସଂଦେହୀ ମନ ଆଉ ନଥିବ । ମନେ ମନେ ଭଗବାନଙ୍କୁ ଡାକୁଥିଲି । ଏଇନା ଶବ ହେଇଯାଆନ୍ତିନି, କେଇଟା ମୁହୂର୍ତ୍ତରେ ଜୁଇ ହୋଇ ଜଳିଯାଆନ୍ତି । ମୋତେ ଆଉ ବୁଝିବାକୁ ବାକିନଥିଲା.. ବିନ୍ଦୁଏ ମାତ୍ର ଭଲ ପାଇବା ମୋ ଉପରେ ତାଙ୍କର ନଥିଲା, ଥିଲା ଏକ ସଂଦେହୀ ମନର ଅନେକ ଅସଜଡ଼ା କଥା । ମୁଁ ତାଙ୍କୁ ଆଉ ବୁଝାଇ ପାରୁନଥିଲି ଯେ.. ଫୁଲକୁ ଟିକି ଟିକି କରି ଦଳି ମକଚି ସେଥିରୁ ମହୁ ବାହାର କଲେ ହେବନି, ତାହେଲେ ଭଅଁର ମାନେ ଅଛନ୍ତି କାହିକି । କାହିଁକି ତାହେଲେ ଏତେ କଟକଣା । ସବୁ ଦୁଃଖ ଗୁଡା ବିରହ ରାଗିଣୀ ହୋଇ ମୋତେ କନ୍ଦେଇ ଦେଉଥିଲା ।

ଅନେକ ସମୟ ଅପେକ୍ଷା ପରେ ତାଙ୍କୁ ଦେଖି ଖୁସି ହୋଇଯାଇଥିଲି । ମୋ ଖୁସି ସବୁ ବାଇଆଣିର ନମୁନାରେ ପରିଣତ ହୋଇଥିଲା କିଏ ମୋତେ କେତେ ବୁଝିଛନ୍ତି ସେଇଟା ବଡ଼ କଥା ନୁହେଁ ବଡ଼ କଥା ନିଜକୁ ସଂଶୋଧିତ କରିବା ।

ଦୂର ଆକାଶକୁ ଚାହିଁଲି ମେଘମୁକ୍ତ ଆକାଶ ପରି ସନ୍ଦୀପଙ୍କ ମନ ଦେଖାଗଲା, ସେଇ ହସ ଚୋରା ଚାହାଣୀ ହସର ଏକ ସୁନ୍ଦର ପରିବେଶ, ମୁହଁ ଫେରାଇନେଲି ଆଉ ନୁହେଁ.. ବ୍ୟବହାର ଆଉ ଆଚାରଣରେ ସେ ଯେ ମୋର ନୁହନ୍ତି ମୁଁ ଏଇମାତ୍ର ଅନୁମାନ କଲି ।

କାହା ଉପରେ ଅଭିମାନ କରି ନୁହେଁ ଅଭିଯୋଗ କରି ବି ବଞ୍ଚିହୁଏନି, ଯାହା ସମ୍ଭବ ହୁଏ ଜଣେ ସଚ୍ଚା ପ୍ରେମିକ ପାଖରେ । ମୁଁ ତ ଆଉ ତାଙ୍କ ପାଖରେ ନିଜକୁ ବୁଝାଇ ଦେଇ ପାରିବିନି କି ହଜେଇଦେଇପାରିବିନି । ସତ ଯେ ଆଉ କାହା ପାଖରେ ହଜି ସାରିଛନ୍ତି ତା ମୋତେ ଆଉ ବୁଝିବାକୁ ବାକି ନଥିଲା..

କାନ୍ଦିଲି ଆଖିରୁ ସବୁତକ ଲୁହ ଝରିପଡୁଥିଲା , ମନକୁ ବୁଝାଇ ପଛକୁ ଫେରିଚାହିଁଲି ଖାଲି ଅନ୍ଧାର ଦିଶିଲା... ଧୋକା ଖାଇଥିବା ମନଟା ବାରମ୍ବାର ତାଙ୍କୁ ଖୋଜୁଥିଲା, ହସିହସେଇ ମଜେଇଥିବା ମନଟି ଆଜି ଆଉ କାହାକଥା କହି ଆଘାତ ଦେଉଥିଲା... । ଦେଖିଲି ପୂର୍ବ ଆକାଶ ଅନ୍ଧାର କରି ଆସିଛି ନିଶ୍ଚୟ ବରଷିବ । ମୋ ଆଖି ଓଦା ହୋଇସାରିଥିଲା, କାହିଁକି ତାହେଲେ ସେଦିନ ତାଙ୍କର ସବୁ ଲୋଭିଲା ପଣ ଭିତରେ ହଜିଯାଇ ଆଖି ବୁଜିଦେଇଥିଲି । ଆଜି ନିଜକୁ ବୁଝେଇ ହୁଏନି କି ଭୁଲେଇ ହୁଏନି. ପଛକୁ ଫେରି ପାରେନି କି ଆଗକୁ ଯାଇପାରେନି, ତାଙ୍କ ପରି ଯଦି ହୋଇପାରନ୍ତି କେତେ ବି ବଦଳିଯାଆନ୍ତି, ଏଇ ଜନ୍ମରେ ତାଙ୍କୁ ଭୁଲିବା ସମ୍ଭବ ନୁହେଁ । ସବୁ ନିସ୍ୱ ଅନ୍ଧାର ଅନ୍ଧାର ଲାଗୁଥିଲା, ପୃଥିବୀ ସାରା ସବୁ ଲୋକ ମୋତେ ମିଛୁଆ ଲାଗୁଥିଲେ, ଯେତେ ଚେଷ୍ଟା କଲେବି ତାଙ୍କୁ ପଛ କରି ଆଉ ଭାବି ପାରୁନଥିଲି.. ମୁଁ ପଛକ ତାଙ୍କ ମନରେ ନଥାଏ ସେଯେ ମୋ ଭିତରେ ଏମିତି ସଦାବେଳେ ରହିଥାନ୍ତୁ...। ମନେ ମନେ କହିଥିଲି ତମେ ଯେଉଁଠି ଥାଅ ଭଲରେ ଥାଅ ସନ୍ଦୀପ....। ଆଉ କେବେ ତମ ଜୀବନ ଇଲାକାରେ ମୁଁ ଆସିବିନି । ମୋ ଆଖିର ଲୁହ ସବୁ ମୋତେ ଅଂଧୁଣି କରିଦେଉଥିଲା.. ବାହାରେ ଭୀଷଣ ବର୍ଷାର ତାଣ୍ଡବ... ମୁଁ ଚୁପ ଚାପ ଠିଆ ହୋଇ ମେଘକୁ ଦେଖୁଥିଲି ।



+କଳାପଥର କଲେଜ
(ଓଡ଼ିଆ ଅଧ୍ୟାପିକା)
ବାଙ୍କି, କଟକ

# ଅନିଶ୍ଚିତ ସମୟ

ପଦ୍ମାଳୟା ସାମଲ



ସବୁକିଛି ଦିଶୁଛି ଅନ୍ଧାର, ଅନିଶ୍ଚିତ । ବଢିଯାଉଛି ହୃତସ୍ପନ୍ଦନ । ମନେହେଉଛି କୌଣସି ମୁହୂର୍ତ୍ତରେ ବନ୍ଦ ହୋଇଯିବ ମୋର ନିଶ୍ୱାସ । ଅବଶ ଲାଗୁଛି ଦେହ । ଯେମିତି ଚାରିଆଡୁ ମାଡିଆସୁଛି ବିପଦ । ଛିନଛତ୍ର ହୋଇଯାଉଛି ସବୁକିଛି । ଭୟରେ ଥରୁଛି ହାତଗୋଡ଼ । ଛାତି ଭିତରୁ ବାହାରିଆସିଲା ଦୀର୍ଘଶ୍ୱାସ ।



କାନ୍ଥଘଣ୍ଟାକୁ ଚାହିଁଲି । ଦଶଟା ବାଜିଲାଣି । କୁଆଡେ ଗଲା ସୌରଭ ? ଏଯାଏଁ ଫେରିଲାନାହିଁ । ଦିନ ଦଶଟାରୁ ବାହାରି ଯାଇଛି କଲେଜ । ମୋବାଇଲ ସ୍ୱିଚଅଫ ଦେଖାଉଛି । ତାର ସାଙ୍ଗମାନଙ୍କୁ ଫୋନ କରି ନିରାଶ ହେଲିଣି । କେହି ତାର ଖବର ରଖିନାହାନ୍ତି । ଫାଟକ ପାଖରେ ଠିଆ ହୋଇ ତାକୁ ଚାହିଁରହିଛି । ବାହାରେ ଅନ୍ଧାରର ରାଜୁତି । ସେଥିରେ ଦିଶୁଛି କିଛି ବୁଲାକୁକୁରଙ୍କ ଭୀତିପ୍ରଦ ଆଖି । ହେଲେ ଦିଶୁନାହିଁ ସୌରଭର ମୁହଁ ।

ସୋଫା ଉପରେ ବସି ଦୁଇହାତ ଯୋଡି ଠାକୁରଙ୍କୁ ଡାକୁଛି ରୁବି । ଉଦାସ ଦିଶୁଛି ମୁହଁ । ଠାକୁର କଣ ତା 'ଗୁହାରି ଶୁଣିବେ ? ପିଣ୍ଡରେ ପ୍ରାଣ ନଥିବା ପରି ଅନ୍ୟମନସ୍କ ହୋଇ ବସିରହିଛି ରୁବି । ସାଙ୍ଗସାଥି ବନ୍ଧୁବାନ୍ଧବ ସମସ୍ତଙ୍କୁ ପଚାରି ଉଦାସରେ ଭରି ଯାଇଛି ତା 'ମନ । କଲେଜରୁ ନିର୍ଦ୍ଧିଷ୍ଟ ସମୟରେ ଫେରୁଥିବା ପିଲାଟି କୋଉଠି ଅଟକିଯାଇଛି, କେହି ଜାଣିନାହାନ୍ତି । ନା ସାଙ୍ଗସାଥି, ନା ପ୍ରିୟଜନ । ଦୁଃଖରେ ଆଚ୍ଛନ୍ନ ହୋଇ ରୁବିର ମୁହଁ କଳାକାଠ ପଡ଼ିଗଲାଣି ।

ରୁବି ମୋ ପାଖକୁ ଆସିଲା ଆଉ ଧୀରସ୍ୱରରେ କହିଲା, "ଚାଲ ଏଥର ଯିବା । ଆଉ ଧୈର୍ଯ୍ୟ ନାହିଁ । " ତା କଥା ଶୁଣି ଚକିତ ହେଲି ଆଉ ତାକୁ ପଚାରିଲି, "କୁଆଡେ ଯିବା ?"ସେ ଚିଡିଉଠି କହିଲା, ଏଇଠି ଏମିତି ବସି ରହିଲେ କଣ ହେବ ?"

ଅବଶ ଲାଗୁଥାଏ ଦେହ । ଅଫିସରୁ ଫେରି ଚା କପେ ବି ପିଇ ନଥାଏ । ତଥାପି ଟେବୁଲ ଉପରୁ ପାଣି ବୋତଲ ଆଣି ଦି 'ଢ଼ୋକ ପାଣି ପିଇଲି । ରୁବିକୁ କହିଲି ପାଣି ବୋତଲ ଗୋଟେ ଧରି ଆସ ମୁଁ ଗାଡି ବାହାର କରୁଛି । ଚାରିଆଡ଼ ଶୂନଶାନ୍, ନିର୍ଜନ । ଅସହାୟ ଆଖିରେ ଆମେ ପରସ୍ପରକୁ ଦେଖୁଥିଲୁ ଗାଡି ଭିତରେ । କିଛି ସମୟ ବିତିଗଲା ମଶାଣିର ନିରବତାରେ । ତା ପରେ ରୁବିକୁ ପଚାରିଲି, "କୁଆଡେ ଯିବା ?" କୌଣସି ଉତ୍ତର ନ ଦେଇ ରୁବି ଚାହିଁଲା ମତେ । ବେଶି ସମୟ ନୁହେଁ, ପ୍ରାୟ ପନ୍ଦର ମିନିଟ ପରେ ଆମେ ଉଠିଗଲୁ ଜାତୀୟ ରାଜପଥ ଉପରକୁ । ତଟସ୍ଥ ହୋଇ ରାସ୍ତାର ଦୁଇ କଡ଼କୁ ଚାହିଁରହିଛି ରୁବି । ବିକଳାଙ୍ଗ ଦିଶୁଛି ସମୁଦାୟ ପରିବେଶ । ଚାରିଆଡ଼ ଅନ୍ଧକାରମୟ । ଅନତିଦୂରରେ ତ୍ରିଶୂଳିଆ ପୋଲ । ରୁବିର ଆଖିରୁ ଝରିପଡୁଛି ଲୁହ । ମୋ ଆଡକୁ ନ ଚାହିଁ ସେ ପାପୁଲିରେ ଆଖିଲୁହକୁ ପୋଛିଲା । କହିଲା, "ଏଇଠି ଗାଡି ରଖ " । ରୁବିର ମୁହଁରେ ରେଖାଙ୍କିତ ଚିହ୍ନ । ସେ କଣ ଭାବୁଛି ? ସୌରଭ ଏଇଠୁ ତଳକୁ ଡେଇଁ ପଡିଛି ! ପୋଲ ଉପରୁ ତଳକୁ ଚାହିଁ କିଛି ସମୟ ଗୁମସୁମ୍ ରହିଲା । କାହିଁ କେଉଁଠି କିଛି ନାହିଁ । ଆତଙ୍କିତ ହେବାର ଚିହ୍ନ ଟିକେ ହେଲେ ନାହିଁ ଏଠି । ବିକଳ ହୋଇ କହିଲା ରୁବି, "କଲେଜ ନିକଟକୁ ଚାଲ, ସେଇଠି ଖୋଜିବା । "

ଆଖିରୁ ଆଉ ଲୁହ ବହୁନାହିଁ ରୁବିର । ନିଜକୁ ଯେତେ ବୁଝେଇଲେ ବି ବୁଝୁନାହିଁ ମନ । ଅସମ୍ଭାଳ ହେଉଛି ଦୁଃଖ । କଲେଜ ସାମ୍ନାରେ ଅଟକାଇଲି ଗାଡି । ରୁବି ଗାଡି ଭିତରୁ ବାହାରି ଠିଆହେଲା ଖୁଣ୍ଟଟା ପରି କଲେଜ ଆଗରେ । ଦୁଇ ଚାରି ପାହୁଣ୍ଡ ଆଗେଇ ଯିବା ପରେ ଭେଟିଲା ଦରୁଓ୍ୱାନକୁ । ଦୁଇ ପଦ କଥା ହେଲା ତା ସହିତ । ମୋ ନିକଟକୁ ଫେରି ଆସି କାନ୍ଦକାନ୍ଦ ଦିଶିଲା ତାର ମୁହଁ । ମନ ତାର ବୁଝିଲା ନାହିଁ । କଲେଜ ଚାରିପଟେ ମତେ ସାଙ୍ଗରେ ଧରି ଖୋଜିବାକୁ ଲାଗଲା ଆଉ କହିଲା, "ଟିକେ ଭଲକି ଦେଖ, ଏଇଠି କୋଉଠି ଶୋଇପଡିଥିବ ।" କାନ୍ଦିବାକୁ ଲାଗିଲା ରୁବି । ହୃଦୟବିଦାରକ ସେ କାନ୍ଦ । ମୋ ପାଖରେ ନାହିଁ କୌଣସି ଆଶ୍ୱାସନା । କଣ କହି ତାକୁ ବୁଝେଇପାରିବି, ତାହା ବି ଜାଣିନାହିଁ । ଲୁହ ବତୁରା ମୁହଁରେ ଦୁଃଖର ଚିହ୍ନ ସ୍ପଷ୍ଟ ଦିଶୁଛି । ମୁଁ ନିଜେ ଭାଙ୍ଗି ପଡୁଥିଲି ନିଜ ଭିତରେ । ହଠାତ୍ ରୁବିକୁ କହିଲି, "ଏଫ. ଅଇ. ଆର. ଦେବା ଚାଲ । "ରୁବି ମୋ ହାତକୁ ଜାବୁଡି ଧରି କହିଲା, କଣ ଏଇଠୁ ଥାନାକୁ ଯିବା ?" ଆଉ କୌଣସି ଉପାୟ ଦିଶୁନାହିଁ । ରାତି ଅନେକ ହେଲାଣି । ଗାଡ଼ିରେ ବସ । ଧୀରେ ରୁବି ପଚାରିଲା, ଏଇଠୁ ଥାନା କେତେ ଦୂର ? କହିଲି - ଆଲୁଅ ଅନ୍ଧାରଠାରୁ କେତେ ଦୂର, ଏହାର ଉତ୍ତର କିଏ ଦେଇ ପାରିବ ? ଏତିକି କହୁ କହୁ ଭିଜିଗଲା ଆଖିପତା । ଲୁହ ପୋଛିଲି ରୁମାଲରେ । ଭାବିଲି ଥାନାରେ ପହଞ୍ଚିଗଲେ ଅଧିକ ସୁରକ୍ଷିତ ଲାଗିବ ଜୀବନ । ଗାଡିର ବେଗ ଦ୍ରୁତ ହେଲା । ଥାନା ଭିତରକୁ ପଶିଗଲୁ ଆମେ ଦୁହେଁ । ଆମକୁ ଦେଖି ଜଣେ ପୋଲିସ ଅଧିକାରୀ ବସିବା ଜାଗାରୁ ଉଠି ଆସି ପଚାରିଲେ, "କଣ ହୋଇଛି ? "ଆତୁର ହୋଇ କହିଲି, "ମୋ ପୁଅ କଲେଜରୁ ଘରକୁ ଫେରିନାହିଁ । କାହାକୁ ନ କହି କୁଆଡେ ଚାଲି ଯାଇଛି । ଅନେକ ଖୋଜିଲୁଣି ।"ସେ ଗମ୍ଭୀର ସ୍ୱରରେ କହିଲେ, "ଆପଣଙ୍କୁ ଗୋଟେ କଥା ପଚାରିବି ? ପାଠପଢାକୁ ନେଇ ଆପଣ ତା ଉପରେ ବିରକ୍ତ ହୋଇଥିଲେ କି ? ନହେଲେ, ପ୍ରେମ ବ୍ୟାପାରକୁ ନେଇ ? ଦେଖୁନାହାନ୍ତି ଏଇ ଦୁଇଟି କାରଣ ପାଇଁ ଆଜିକାଲି କେତେ ପିଲା ଆତ୍ମହତ୍ୟା କରୁଛନ୍ତି !

-'ଏଇ ଦୁଇବର୍ଷ ତଳେ କଲେଜ ଯାଇଛି । ପାଠପଢ଼ାରେ ତାର ମନ ଥାଏ ସବୁବେଳେ । କାହାକୁ ସେ ଭଲପାଇବ ! ସେ କଥା ନୁହେଁ । ଭାରି ସରଳ ପିଲା ।

ଆଉ କିଛି ପଚାରିବେ କି କଣ ପୋଲିସ ଅଧିକାରୀ, ତାଙ୍କ ମୁହଁକୁ ଚାହିଁଲି ନିରବରେ । ଟିକିଏ ରହିଯାଇ ପୁଣି ସେ ପଚାରିଲେ, "ଆପଣଙ୍କ ପାଖରେ ତା'ର ଫଟୋ ଅଛି ?" ମୋବାଇଲ ଖୋଲି ଫଟୋ ଦେଖେଇଲି । ସେ ଫଟୋଟିକୁ ତାଙ୍କ ହ୍ୱାଟ୍ସଆପରେ ପଠେଇବାକୁ କହିଲେ । ସାମ୍ନାରେ ଓ. ଆଇ. ସି. ବସିଥିଲେ । ଭରସା ଦେଲା ପରି କହିଲେ, ଆମେ ଏହି ଫଟୋକୁ ସବୁ ଥାନାକୁ ପଠେଇଦେବୁ । ଧୈର୍ଯ୍ୟ ଧରନ୍ତୁ । ସକାଳ ସୁଦ୍ଧା ଆପଣଙ୍କ ପୁଅ ମିଳିଯିବ । ଆପଣ ଏଫ. ଆଇ. ଆର. ଲେଖିଦିଅନ୍ତୁ ।" ମୋ ହାତରେ ଫର୍ଦ୍ଦେ କାଗଜ । ସେଥିରେ ଲେଖିବି ହଜିଥିବା ପୁଅର ସମୁଦାୟ ବିବରଣୀ । ଲେଖିବାକୁ ଆରମ୍ଭ କଲି - ପୁଅର ଉଚ୍ଚତା ପାଞ୍ଚଫୁଟ ଦଶଇଞ୍ଚ । ରଙ୍ଗ ଶ୍ୟାମଳ । ବୟସ କୋଡିଏ । ଘରୁ ଯିବାବେଳେ କଲେଜ ୟୁନିଫର୍ମ ପିନ୍ଧିଥିଲା, ଆକାଶୀ ରଙ୍ଗର ଫୁଲସାର୍ଟ ସାଙ୍ଗକୁ ନୀଳ ରଙ୍ଗର ଫୁଲପ୍ୟାଣ୍ଟ । ବାଁ ବେକରେ ଗୋଟେ କଳାଜାଇ ଅଛି । ଦିନ ଦଶଟାରେ ଘରୁ ଯାଇଛି ସ୍କୁଟିରେ । ତଳେ ଲେଖିଲି ମୋ' ନାଁ, ଘରର ଠିକଣା ଓ ମୋର ମୋବାଇଲ ନମ୍ବର । ସେଇଠୁ ଏକାମୁହାଁ ହୋଇ ଘରକୁ ଫେରିଲୁ । ଘରେ ପହଞ୍ଚିଲା ବେଳକୁ ରାତି ଗୋଟାଏ ପନ୍ଦର ମିନିଟ୍ । ରୁବି କବାଟ ଠେଲି ଠାକୁରଘର ଭିତରକୁ ପଶିଗଲା । ଚାହିଁବସିଛନ୍ତି ଠାକୁର ଯେମିତି । ହାତଯୋଡି ତାଙ୍କରି ଆଗରେ ତଳେ ବସିପଡିଲା । ଆଖିରୁ ବହିଚାଲିଥାଏ ଧାର ଧାର ଲୁହ । ବାଟଘର ସୋଫା ଉପରେ ମୁଁ ଆଉଜି ବସିଲି । ଚାରିଆଡ଼ ନିଃଶବ୍ଦ, ନିର୍ଜନ । ଆକାଶରେ ତୋଫା ଜହ୍ନ । ଚାହିଁରହିଲି ବିସ୍ମୟରେ । ମନ ଭିତରେ ଦ୍ୱନ୍ଦ୍ୱ । ଦୁଃଖ ଓ ଶୋକର ଅନ୍ଧକାର ମୁହୂର୍ତ୍ତ ଆଣିଦେଲା ଛାଇ ନିଦ । ରାତି ତିନିଟା ତିରିଶ ମିନିଟ୍ । ପୋଲିସ ଭ୍ୟାନ ଅଟକିଲା ଫାଟକ ସେପାଖେ । ମୋ ଛାଇନିଦ ଭାଙ୍ଗିଗଲା । କବାଟ ମେଲାହୋଇ ରହିଛି । ଲାଇଟ୍ ବି ଜଳୁଛି । ଜାଣିପାରିଲି କିଛିଲୋକ ଆସୁଛନ୍ତି ଘର ଭିତରକୁ । ମୋ ସାମ୍ନାରେ ଆସି ଠିଆହେଲେ ଓ. ଆଇ. ସି. ଓ ଅତି କ୍ଷୀଣ କଣ୍ଠରେ କହିଲେ, "ରାତିସାରା ଆମେ ସୌରଭକୁ ଖୋଜୁଛୁ । ତ୍ରିଶୂଳିଆ ପୋଲ ନିକଟ ଏକ ନିର୍ଜନ ସ୍ଥାନରେ ଅଚେତ୍ ହୋଇ ପଡିରହିଥିଲା ସେ । ତା 'ଠାରୁ ଜାଣିବାକୁ ପାଇଲୁ ତାର ତିନି ଜଣ ସାଙ୍ଗ ତାକୁ ସିନେମା ଦେଖେଇବାକୁ ଡାକି ନେଇଥିଲେ । ସେଠାରୁ ଫେରି ସନ୍ଧ୍ୟା ସମୟରେ ଏକ ରେସଟୁରାଣ୍ଟକୁ ନେଇଗଲେ । ସେଠାରେ ସେମାନେ ତାକୁ ପାନୀୟ ସହିତ କିଛି ପକୋଡା ଖାଇବାକୁ ଦେଇଥିଲେ । ସେଠାରୁ ସମସ୍ତେ ମିଶି ତ୍ରିଶୂଳିଆ ପୋଲ ନିକଟକୁ ଆସିଲେ । ତା 'ପରେ ସେ ଆଉ କିଛି ଜାଣିନାହିଁ । ତାକୁ ଆମେ ସେହି ପୋଲ ପାଖ ଏକ ନିର୍ଜନ ସ୍ଥାନରୁ ଉଦ୍ଧାରକଲୁ ଏବଂ ମାରିଜୁଆନା ଭଳି କିଛି ବିଦେଶୀ ନିଶାଦ୍ରବ୍ୟକୁ ସେଠାରୁ ପାଇଲୁ । ଆଉ ହଁ, ଖଣ୍ଡେ ଦୂରରେ ତାର ସ୍କୁଟି ପଡିଥିବାର ଦେଖିଲୁ । ସ୍କୁଟି ଆଣି ଥାନାରେ ରଖିଛୁ । ଥାନାକୁ ନେଇ କିଛି ସମୟ ପଚରାଉଚରା କରିବା ପରେ ତାକୁ ଆମ ସାଙ୍ଗରେ ଏଠାକୁ ଆଣିଆସିଛୁ । ପିଲାଲୋକ, କିଛି କହିବେ ନାହିଁ । କେବଳ ସେ ଦୁଷ୍ଟ ସାଙ୍ଗମାନଙ୍କ ସହିତ ସେ ଯେମିତି ମିଳାମିଶା ନକରେ, ସେଥିନେଇ ଟିକେ ନଜର ରଖିବେ । ତା 'ସହିତ ଥିବା ଆଉ ତିନିଜଣ ସାଙ୍ଗର ନମ୍ବର ତା ପାଖରୁ ନେଇଛୁ । ସେମାନଙ୍କୁ ଯୋଗାଯୋଗ କରିବୁ । ଏବଂ ସେମାନେ ଆମ ନଜରରେ ରହିବେ । ଆମର ଅନୁସନ୍ଧାନ ଜାରି ରହିବ । ଦରକାର ହେଲେ ଆମେ ଆପଣଙ୍କର ସାହାଯ୍ୟ ନେବୁ, ଆମେ ଏବେ ଆସୁଛୁ ।"

ସୌରଭ ତଳକୁ ମୁହଁ ପୋତି ଠିଆହୋଇଛି ଦୋଷୀ ଭଳି ଖଣ୍ଡେ ଦୂରରେ । ରୁବି ମୋ ମୁହଁକୁ ଚାହିଁରହିଛି । ମତେ କିନ୍ତୁ ଦିଶୁଛି ସବୁ ଯେମିତି ପରିପୂର୍ଣ୍ଣ ଓ ସମ୍ଭାବନାମୟ । ଘର ଭିତରେ ହଜିଯାଇଥିବା ଖୁସି ସବୁ ପୁଣି ଯେମିତି ଫେରି ଆସିଛି । ରୁବି ଦୌଡିଯାଇ ସୌରଭକୁ କୁଣ୍ଢାଇଧରିଲା ଏକ ପରିପୂର୍ଣ୍ଣ ଆବେଗରେ ଅଧୀର ହୋଇ । ମୁଁ ଅନୁଭବ କରୁଥିଲି ଚାରିଆଡେ ଉଲ୍ଲାସର ବାତାବରଣ ।

+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

# ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ସ୍ମରଣୋତ୍ସବ: ଦ୍ୱି-ଦିବସୀୟ ଜାତୀୟ ଆଲୋଚନାଚକ୍ର

ଜୟପୁର, ୨୧/୦୯ (ନି.ପ୍ର): ବିକ୍ରମଦେବ ବିଶ୍ୱବିଦ୍ୟାଳୟରେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ସ୍ମରଣୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ହରେକୃଷ୍ଣ ମହତାବ ସଂସାଧନ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଦ୍ୱିଦିବସୀୟ କାର୍ଯ୍ୟକ୍ରମର ଉଦ୍‌ଘାଟନ କାର୍ଯ୍ୟକ୍ରମକରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦେବୀପ୍ରସାଦ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ମୁଖ୍ୟଅତିଥି, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ ପ୍ରଫେସର ଆଲୋକ ବରାଳ ମୁଖ୍ୟବକ୍ତା, ବିଶ୍ୱବିଦ୍ୟାଳୟ କୁଳସଚିବ ମହେଶ୍ୱର ଚନ୍ଦ୍ର ନାୟକ, ହରେକୃଷ୍ଣ ମହତାବ ସଂସାଧନ କେନ୍ଦ୍ର ସଚିବ ପ୍ରଫେସର ଉପେନ୍ଦ୍ର ପାଢ଼ୀ ମଂଚାସୀନ ଥିଲେ। ଏଥିରେ କୁଳସଚିବ ଶ୍ରୀ ନାୟକ ଅତିଥି ପରିଚୟ ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ପାଢ଼ୀ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ଡ. ମନୋରଞ୍ଜନ ପ୍ରଧାନ ମଂଚ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟିନୀ ଉତ୍ସବରେ ବିଜେପିର ବରିଷ୍ଠ ନେତା ଗେ ?ତମ ସାମନ୍ତରାୟ, ବାଲା ରାୟ ପ୍ରମୁଖ ବହୁ ଜନପ୍ରତିନିଧିଙ୍କ ସହ ସହର ବୁଦ୍ଧିଜୀବୀ, ଅଧାପକଅଧାପିକା, ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏଲ-୨ଶ୍ରେଣୀ କକ୍ଷରେ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ସମ୍ପର୍କରେ ତିନୋଟି ଅଧିବେଶରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ'ଓଡିଆ ସାହିତ୍ୟର ମାର୍ଗଦର୍ଶକ : ଡ. ହରେକୃଷ୍ଣ ମହତାବ ଶୀର୍ଷକରେ ଆଲୋଚନା ହୋଇଥିଲା। ଏଥିରେ ଡ. ପ୍ରୀତିଧାରା ସାମଲ, ଡ. ଚିନ୍ମୟ କୁମାର ବେହେରା, ଡ. ପ୍ରଦୀପ କୁମାର ମିଶ୍ର ନିଜସ୍ୱ ବକ୍ତବ୍ୟ ରଖିଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ସ୍ୱାଧୀନତା ସଂଗ୍ରାମ : ଡ. ହରେକୃଷ୍ଣ ମହତାବ' ବିଷୟରେ ହୋଇଥିବା ଆଲୋଚନାରେ ଡ. ଭଗବାନ ସାହୁ, ହରିଶ ପରିଡା, ଶ୍ରୀରଙ୍ଗ ନାୟକ ପ୍ରମୁଖ ଆଲୋଚନା କରିଥିଲେ। ଆଜିର ତୃତୀୟ ଅଧିବେଶନରେ 'ସ୍ୱାଧୀନୋତ୍ତର ଓଡ଼ିଶା ରାଜନୀତି ଓ ଡ. ହରେକୃଷ୍ଣ ମହତାବ' ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ପ୍ରଫେସର ବିଷ୍ଣୁଚରଣ ଚୌଧୁରୀ, ଡ. ରାଧାନାଥ ବେହେରା, ମହେଶ୍ୱର ଦୁରିଆ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ଏଲ-୧ ଶ୍ରେଣୀକକ୍ଷରେ ଫଟୋଚିତ୍ର, ପ୍ରମାଣିକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ସନ୍ଧ୍ୟାରେ ମୁଖ୍ୟମଂଚରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିରେ ଓଡ଼ିଶୀ, ସମ୍ବଲପୁରୀ, ଢେମସା ଆଦି ବିଭିନ୍ନ ଲୋକ ନୃତ୍ୟ ଛାତ୍ରଛାତ୍ରୀମାନେ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ପ୍ରଥମ ଶକ୍ତିଶ୍ରୀ ମାନସୀ ରାଣୀ ମହାନ୍ତି ମଂଚ ପରିଚାଳନା କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଶାନ୍ତ ପାତ୍ର, ପରୀକ୍ଷା ନିୟନ୍ତ୍ରକ ରଞ୍ଜନ ପ୍ରଧାନ, ବିତ୍ତ ନିୟନ୍ତ୍ରକ ସଚିନ ନାୟକ, ବିକ୍ରମଦେବ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କ୍ୟାପଟେନ ଡ. ଲକ୍ଷ୍ମଣ ପାତ୍ର, ଡ. ଦେବଦତ୍ତ ଇଣ୍ଟୁରିଆ, ଡ. ସାଗରିକା ମିଶ୍ର, ଡ. ଅରୁଣ କୁମାର ରାଜ, ଡ.ବିଜୟ କୁମାର ସେଠୀ, ସୁକାନ୍ତି ସ୍ୱୟ, ଏସ ଜ୍ୟୋତ୍ସ୍ନା ରାଓ, ପଲ୍ଲବୀ ନାୟକ, ଡ. ବ୍ରଜବନ୍ଧୁନନ୍ଦ, ଋଷଭ କୁମାର ସାହୁ, ଡ. ସ୍ମିତସାଗର ଶତପଥୀ, ଫ୍ରାନସିସ ବାର୍ଲା, ମେହଶ୍ୱର ଦୁରିଆ ପରିଚାଳନା କରିଥିଲେ।

# ସେବା ପର୍ବ - ୨୦୨୫ ପାଳନ ଅବସରରେ ବିକଶିତ ଭାରତ ଥିମ ସମ୍ପର୍କରେ ଚିତ୍ରାଙ୍କନ ପ୍ରତିଯୋଗିତା

ଭବାନୀପାଟଣା, ୨୧/୦୯ (ନି.ପ୍ର): ସେବା ପର୍ବ – ୨୦୨୫ ପାଳନ ଅବସରରେ ଆଜି ସ୍ଥାନୀୟ ପି. ଏମ୍. ଶ୍ରୀ. ମ୍ୟୁନିସିପାଲିଟି ହାଇ ସ୍କୁଲ ଠାରେ ଜିଲ୍ଲା ସଂସ୍କୃତି ବିଭାଗ ତରଫରୁ ଜିଲ୍ଲା ସ୍ତରୀୟ ବୃତିଗତ ଚିତ୍ରକର, ବିଦ୍ୟାଳୟ , ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିକଶିତ ଭାରତ ଥିମ ସମ୍ପର୍କରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଏକ ଦିବସୀୟ ଚିତ୍ରାଙ୍କନ ପ୍ରତିଯୋଗିତା କର୍ମଶାଳାର ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଯୋଗଦେଇ ଏହାର ଶୁଭ ଉଦଘାଟନ କରି ଚିତ୍ରଙ୍କନ ପ୍ରତିଯୋଗିତାର ଶୁଭାରମ୍ଭ କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭି.ସି, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଡଃ ନିବେଦିତା ନାଥ, ଅତିରିକ୍ତ ଜିଲ୍ଲାପାଳ(ସା) ତନ୍ମୟ କୁମାର ଦରୱାନ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ପ୍ରୋବେସନ) ଅନିମେଷ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ପୌରପାଳିକା ଅଧିକାରୀ ପ୍ରମୋଦ କୁମାର ପାଢୀ, ଜିଲ୍ଲା ଭା.ଜ.ପା. ସଭାପତୀ ଯୁଗଳ କିଶୋର ପୋଢ, ଏମ୍.ପି. ଙ୍କ ପ୍ରତିନିଧି ଜୟଶଙ୍କର ନାଏକ, ମହାବୀର ସାଂସ୍କୃତିକ ଅନୁଷ୍ଠାନ ର ସଭାପତି ଶାନ୍ତନୁ କୁମାର ବେହେରା, ଡଃ. ଅଜୟ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଚିତ୍ରାଙ୍କନ ପ୍ରତିଯୋଗିତାରେ ୨୨୩ ଜଣ ଚିତ୍ର ଶିଳ୍ପୀ ଅଂଶ ଗ୍ରହଣ କରି ବିକଶିତ ଭାରତ ଥିମ ସମ୍ପର୍କରେ ସୁନ୍ଦର ଚିତ୍ର ଆଂକିଥିଲେ। ଏହି ପ୍ରତିଯୋଗିତାରେ ବିଦ୍ୟାଳୟ ସ୍ତରରେ ଶୁଭମ ଓମକାର, ଡ୍ରିମ ପବ୍ଲିକ ସ୍କୁଲ, ପ୍ରଥମ ସ୍ଥାନ ପାଇଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟର ସଂଦୀପ ଦୁବେ ଦ୍ୱିତୀୟ ଓ ବିକାଶ ହାୟର ସେକେଣ୍ଡାରୀ ସ୍କୁଲର ସ୍ମୃତି ପ୍ରଜ୍ଞା ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ ସେହିପରି କଲେଜ ସ୍ତରରେ ଉଦ୍ୟାନସୁ ବାଗ, କଳାହାଣ୍ଡି କଲେଜ ଅଫ ଆର୍ଟ ଏଣ୍ଡ ରିସର୍ଚ୍ଚ ପ୍ରଥମ, ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପ୍ରକାଶ ନାଏକ ଦ୍ୱିତୀୟ ଓ କଳାହାଣ୍ଡି କଲେଜ ଅଫ ଆର୍ଟ ଏଣ୍ଡ ରିସର୍ଚ୍ଚ ଶ୍ରୀଧର ରାଉତ ତୃତୀୟ ସ୍ଥାନ ପାଇଥିଲେ। ବୃତିଗତ ଚିତ୍ରାଙ୍କନ ପ୍ରତିଯୋଗିତା ବର୍ଗରେ ସଂଗ୍ରାମ ସରାଫ ପ୍ରଥମ, ତରୁଣ ମହାପାତ୍ର ଦ୍ୱିତୀୟ ଓ ଲିଙ୍ଗରାଜ ସାହୁ ତୃତୀୟ ସ୍ଥାନ ହାସଲ କରିଥିଲେ। ଏହି ତିନୋଟି ବର୍ଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ସମସ୍ତ ପେଂଟିଙ୍ଗକୁ ରାଜ୍ୟ ସ୍ତରକୁ ପଠାଯିବ ଏବଂ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ କର୍ମଶାଳା

ବଲାଙ୍ଗୀର, ୨୧/୦୯ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଲୋଇସିଂହାରେ ଶିଶୁ ବାଟିକା ବିଭାଗର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଏଥିରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ଶିଶୁ ବାଟିକା ପ୍ରମୁଖା ବବିତା ମହାଣା। ଅତିଥି ପରିଚୟ ପ୍ରଦାନ କରିଥିଲେ ପ୍ରଧାନ ଆଚାର୍ଯ୍ୟ ଶିବ ବାରିକ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ସରସ୍ୱତୀ ନନ୍ଦ ଯୋଗଦେଇ ଶିଶୁ ଶିକ୍ଷାରେ ମାଆଙ୍କ ଭୂମିକା ବିଷୟରେ ଆଲୋଚନା କରିଥିଲେ । ମାଆ ମାନଙ୍କର ଗୀତାଭିନୟ ମଧ ପରିବେଷଣ କରାଯାଇଥିଲା। ପରିଶେଷରେ ବିଦ୍ୟା ମନ୍ଦିର ପ୍ରମୁଖ ପ୍ରେମାନନ୍ଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଧଳା ଜହର ବେପାରୀଙ୍କୁ ଧରିଲା ନନ୍ଦିପଦା ପୋଲିସ

କେନ୍ଦୁଝର, ୨୧/୦୯ (ନି.ପ୍ର): ୯୭ ଗ୍ରାମ ବ୍ରାଉନ ସୁଗାର ସହ ଜଣେ ଗିରଫ। ଦୀର୍ଘଦିନ ଧରି ଧଳା ଜହର କାରବାରର ହବ ପାଲଟିଥିବା ହାଟଡିହି ଅଂଚଳରୁ ପୁଣି ଜଣେ ଧଳା ଜହର ବେପାରୀଙ୍କୁ ଧରିଲା ପୋଲିସ। ସୂଚନା ଅନୁଯାୟୀ କିଛି ଦିନ ବ୍ୟବଧାନରେ ଏହି ବେପାରରେ ଜଡ଼ିତ ଯୁବକମାନେ ଗିରଫ ହୋଇଛନ୍ତି। କିନ୍ତୁ ସମ୍ପୂର୍ଣ୍ଣ ଭାବରେ ମୂଳ ଶେଷ ହୋଇ ନଥିବାରୁ ଏବେ ଏହି କାରବାର ଚାଲିଥିବା ସୂଚନା ମିଳିଥିଲା। ପୋଲିସ ଭିତିରିଆ ଟ୍ରାକ ଆରମ୍ଭ କରି ପୁଣି ଜଣକୁ ଧରିବାରେ ସକ୍ଷମ ହୋଇଛି। ଯାହାକି ଆଗକୁ ପାର୍ବଣର ଋତୁ ଆରମ୍ଭ ହେବାକୁ ଯାଉଥିବାରୁ ଏହି ପରି ଘାଟଣା ଉପରେ ନଜର ରଖିବାକୁ କେନ୍ଦୁଝର ଏସ୍‌ପି ନୀତିନ କୁଷଲକର ଟାଗୁଡୁ ସୂଚନା ଦେଇଛନ୍ତି। ଧରାପଡ଼ିଥିବା ଯୁବକ ହେଲେ ଭଦ୍ରକ ଜିଲ୍ଲାର କଂଟାପଡ଼ା ଗାଁର ଯୁବକ କାଳନ୍ଦୀ ଦାସଙ୍କ ସାନପୁଅ ରତନ ଦାସ ବୟସ ୩୭। ତାଙ୍କ ନିକଟରୁ ୯୭ ଗ୍ରାମର ବ୍ରାଉନ ସୁଗାର ଜବତ ହୋଇଥିବାବେଳେ ନନ୍ଦିପଦା ପୋଲିସ ୨୭୮/୨୫ରେ ଏକ ମାମଲା ରୁଜୁକରି କୋର୍ଟ ଚାଲାଣ କରିଛନ୍ତି।

# ଭୀମ ଭୋଇ ସାମର୍ଥ୍ୟ ଶିବିରରେ ୨୮୨ ଭିନ୍ନକ୍ଷମ ପଞ୍ଜୀକୃତ

ଭୁବନ, ୨୧/୦୯ (ନି.ପ୍ର): ଭୁବନ ବ୍ଲକ ପ୍ରଶାସନ ତରଫରୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସିପ୍ରା ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ମାନସିକ ଅନଗ୍ରସର ୪୩ ଜଣ, ଅସ୍ଥିଶଲ୍ୟ ୧୦୬ ଜଣ, ଦୃଷ୍ଟି ବାଧକ ୩୭ ଜଣ, ଶ୍ରବଣ ବାଧକ ୪୯ ଜଣ, ଭେଷଜ ୧୬ ଜଣ ଓ ଅନ୍ୟାନ୍ୟ ୩୧ ଜଣ ସମୁଦାୟ ୨୮୨ ଜଣ ଙ୍କୁ ବିଶେଷଜ୍ଞ ଙ୍କ ଦ୍ୱାରା ପରୀକ୍ଷା କରାଯାଇଥିଲା। ବିଡିଓ ଆୟୁସୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର ଡାକ୍ତର ମାନେ ଭିନ୍ନକ୍ଷମ ମାନଙ୍କୁ ପରୀକ୍ଷା କରି ୧୮୮ ଜଣ ଙ୍କୁ ଭିନ୍ନକ୍ଷମ ଉପକରଣ, ଔଷଧ ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ।

# ଯୁବ ରେଡ଼କ୍ରସର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

କେନ୍ଦୁଝର, ୨୧/୦୯ (ନି.ପ୍ର): ଧରଣୀଧର ବିଶ୍ୱବିଦ୍ୟାଳୟ ଯୁବ ରେଡ଼କ୍ରସ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରର ତଥା ଯୁବ ରେଡ଼କ୍ରସ ଚେୟାରମ୍ୟାନ ସୁଶ୍ରୀ ପ୍ରତିଭା ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ବିଶ୍ୱବିଦ୍ୟାଳୟ ଆଇଡିପି ବିଲଡିଂ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମା' ତାରିଣୀ ଓ ହେନେରୀ ଡୁନାଣ୍ଟଙ୍କ ତୈଳଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ଜିଲ୍ଲା ଆବାହକ ସମ୍ପାଦକ ଡଃ ମମତା ମଞ୍ଜରୀ ପଣ୍ଡା ସ୍ୱାଗତ ଅଭିଭାଷଣ ଦେଇ ବୈଠକର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ, ଜିଲ୍ଲା ଯୁବ ରେଡ଼କ୍ରସ ସଂଯୋଜକ ହିମାଂଶୁ ଶେଖର ସାହୁ ବାର୍ଷିକ ବିବରଣୀ ପାଠ କରି ଜିଲ୍ଲା ଯୁବ ରେଡ଼କ୍ରସ ବାହିନୀର ତ୍ୟାଗପୁତ କାର୍ଯ୍ୟର ଆଲୋକପାତ କରିଥିଲେ। ବରିଷ୍ଠ କାଉନସିଲର ସୁରେଶ କୁମାର ଆଚାର୍ଯ୍ୟ ରେଡ଼କ୍ରସ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ, ଜିଲ୍ଲା ରେଡ଼କ୍ରସ ଯୁଗ୍ମ ସମ୍ପାଦକ ଶ୍ରୀ ଏଆର୍ ଖାନ ନିଜ ବକ୍ତବ୍ୟରେ ଆହ୍ୱାନ ଦେଇ କହିଲେ ଯେ ଯୁବ ରେଡ଼କ୍ରସ ନିଜର ସେବା ପରିସୀମାକୁ ଆହୁରି ବ୍ୟାପକ କରି ଜିଲ୍ଲାର ପ୍ରତିଟି କୋଣ ଅନୁକୋଣରେ ନିଜର ଉପସ୍ଥିତି ଜାହିର କରି ଯେ କୌଣସି ବିପର୍ଯ୍ୟୟରେ ସକ୍ରିୟ ରହି ସହାୟତା ଯୋଗାଇ ଦେବାକୁ ପ୍ରସ୍ତୁତ ରହିବା ସହିତ ଜିଲ୍ଲା କାର୍ଯ୍ୟାଳୟ ପକ୍ଷରୁ ଦିଆଯିବାକୁ ଥିବା ନିୟମିତ ତାଲିମ ଶିବିରରୁ ତାଲିମ ନେଇ ନିଜକୁ ଦକ୍ଷ ସ୍ୱେଚ୍ଛାସେବୀ ଭାବେ ପ୍ରତିପାଦନ କରିବା ଉଚିତ। ଏହାଦ୍ୱାରା ମାନବ କଲ୍ୟାଣ ସାଧୁତ ହୋଇପାରିବ, ମୁଖ୍ୟ ଅତିଥି ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଚେୟାରମ୍ୟାନ ଡଃ ପ୍ରଭୁପ୍ରସାଦ ଦାଶ ସମସ୍ତ କାଉନସିଲରମାନଙ୍କୁ କହିଲେ ଯେ ଦକ୍ଷ ଏବଂ ବ୍ୟାପକ ଯୁବ ସ୍ୱେଚ୍ଛାସେବୀ ଗଠନ ରେ କାଉନସିଲରମାନଙ୍କ ଯଥେଷ୍ଟ ଅବଦାନ ରହିବା ଉଚିତ ଏହାଦ୍ୱାରା ଯୁବକମାନଙ୍କ ମଧ୍ୟରେ ସେବା ଭାବନା ଉର୍ଦ୍ଧ୍ୱମୁଖୀ ହୋଇ ଜଗତ କଲ୍ୟାଣ ହୋଇପାରିବ। କାଉନସିଲର ଶୁକଦେବ ତିରିଆ ସମଗ୍ର ବୈଠକକୁ ସୁଚାରୁ ଭାବେ ସଂଚାଳନ କରିଥିଲେ। ଯୁବ ରେଡ଼କ୍ରସ କାଉନସିଲର ମନୀଷ ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱ ବିଦ୍ୟାଳୟ ସିଓଏଫ୍ ଜ୍ୟୋତିର୍ମୟ ମହାପାତ୍ର ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

## ଜିଲ୍ଲା ବିଜେପି ତରଫରୁ 'ସେବାପକ୍ଷ' ଅବସରରେ ବୁଦ୍ଧିଜୀବୀ ସମ୍ମିଳନୀ

କେନ୍ଦୁଝର, ୨୧/୦୯ (ନି.ପ୍ର): ରାଷ୍ଟ୍ରର ବିକାଶ ଓ ଅଖଣ୍ଡତତାଣ ବଜାୟ ରଖିବା ସହ ନାଗରିକ ମାନଙ୍କର ଭୂମିକା ସମ୍ବନ୍ଧରେ ଏକ ବୁଦ୍ଧିଜିବୀ ସମ୍ମିଳନୀ କେନ୍ଦୁଝର ନଗର ଭବାନ ଠାରେ ଅନୁଷ୍ଠିତ ହୋଇ ଯାଇଛି। ବିଜେପିର 'ସେବାପକ୍ଷ' ପାଳନ ଅବସରରେଦ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଦଳର ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ତଥା ଅନ୍ୟ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ। ଦଳର ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ମଂଚ ପରିଚାଳନା କରିଥିବା ବେଳେ ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ପୌରପାଳିକାର ଅଧକ୍ଷା ନିକୁ ସାହୁ ରାଷ୍ଟ୍ର ନିର୍ମାଣରେ ନାଗରିକ ମାନଙ୍କର କର୍ତ୍ତବ୍ୟ ସମ୍ପର୍କରେ ନିଜସ୍ୱ ମତ ପୋଷଣ କରିଥିଲେ। ରାଷ୍ଟ୍ରୀୟ ବୈଦିକ ଗଣିତ ଟୋଲିର ସଦସ୍ୟ ଅମରବର ଖଟୁଆ ପ୍ରଗତିର ମାନସିକତା ଜଣେ ଦେଶପ୍ରେମୀ ପାଇଁ ଯଥେଷ୍ଟ ବୋଲି କହିଥିଲେ। ଜିଲ୍ଲା ସଭାପତି ଶ୍ରୀ ମହାନ୍ତ କହିଲେଯେ, ବିଜେପି ଏକ ରାଜନୈତିକ ଦଳ ସତ;ମାତ୍ର ତାହାର ପ୍ରତିଟି ବିଚାର ସ୍ୱତନ୍ତ୍ର ଓ ରାଷ୍ଟ୍ରର ହିତ ପାଇଁ ଉଦ୍ଦିଷ୍ଟ।

# ଟୁନିଆମୁଣ୍ଡା ଗ୍ରାମରେ ବୃଦ୍ଧାଙ୍କୁ କବାଟରେ ଠେଲି ହତ୍ୟା : ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ସୁବର୍ଣ୍ଣପୁର, ୨୧/୦୯ (ନି.ପ୍ର): ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ଟୁନିଆମୁଣ୍ଡା ଗ୍ରାମରେ ଗତକାଲି ଏକ ବୃଦ୍ଧାଙ୍କୁ କବାଟରେ ଠେଲି ହତ୍ୟା କରାଯାଇଥିବା ଘଟଣା ଡୁଙ୍ଗୁରିପାଲି ଥାନାରେ ଅଭିଯୋଗ ହୋଇଥିଲା। ମିଳିଥିବା ସୂଚନା ଅନୁସାରେ ଉକ୍ତ ଗ୍ରାମର ଦୁଇ ଯୁଆଡ଼ି ପରିବାର ମଧ୍ୟରେ ଆଗରୁ ଜମିବାଡିକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ରହିଥିଲା। ଗତକାଲି ଏକ କୁକୁଡ଼ା ସାବିତ୍ରୀ ଯୁଆଡ଼ିଙ୍କ ବାଡିକୁ ଚାଲିଆସିଥିଲେ। ଏହି ସମୟରେ ଦାନ୍ତକାଠି କରୁଥିବା ସାବିତ୍ରୀ କୁକୁଡାକୁ ଘଉଡ଼ାଇ ଦେଇଥିଲେ। ଏହାକୁ ନେଇ ଗେଡି ଜୁଆଡିଙ୍କ ପରିବାରର ସଦସ୍ୟମାନେ ସାହିତ୍ରୀ ଘରକୁ ଚାଲି ଆସି ଗାଳି ଗୁଲଜ କରିଥିଲେ। ଝଗଡାକୁ ବନ୍ଦ କରିବାକୁ ଯାଇ ସାବିତ୍ରୀ କବାଟକୁ ବନ୍ଦ କରିଦେଇଥିଲେ। ଏହି ସମୟରେ ଗେଡି ଜୁଆଳି(୮୦) ତାଙ୍କ ପୁଅ ପ୍ରହଲ୍ଲାଦ ଜୁଆଳି(୪୫) କବାଟକୁ ଠେଲି ଦେଇଥିଲେ। କବାଟ ପଛରେ ଥିବା ସାବିତ୍ରୀ ଜୁଆଳି(୭୫) ତଳେ ପଡିଯାଇଥିଲେ। ସେ ସଂଜ୍ଞାହୀନ ହେବାରୁ ପରିବାର ଲୋକେ ଡୁଙ୍ଗୁରିପାଲି ଡାକ୍ତରଖାନା ଆଣି ଥିଲେ ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିପାଇଁ ମୃତ ସାବିତ୍ରୀର ପୁଅ ନିର୍ମଳ ସୁଆଡି ଗେଡି ଯୁଆଡ଼ି, ତାଙ୍କ ପୁଅ ପ୍ରହଲ୍ଲାଦ ଯୁଆଡ଼ି ଏବଂ ପରିବାରର ଅନ୍ୟମାନଙ୍କ ନାମରେ ଥାନା ରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତିକରି ଥାନା ଅଧିକାରୀ ରୋଜାଲିନ ପଟେଲ ୧୬୭/ ୨୦୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲେ। ଉଭୟ ବାପପୁଅ ଗେଡି ଏବଂ ପ୍ରହଲ୍ଲାଦକୁ ଥାନାରେ ଗତକାଲିଠାରୁ ଅଟକ ରଖିଥିଲେ। ଶବ ଜବତ କରି ଆଜି ବ୍ୟବଚ୍ଛେଦ ପାଇଁ ବିନିକା ପଠାଇଥିବା ବେଳେ ଉଭୟ ବାପପୁଅଙ୍କୁ ଆଜି ଡୁଙ୍ଗୁରିପାଲି ଗ୍ରାମନ୍ୟାୟାଳୟକୁ ପଠାଇଥିଲେ। ଜାମିନ ନାମଞ୍ଜୁର ହେବାରୁ ବିଚାର ବିରଗୀୟ କୋର୍ଟକୁ ପଠାଇ ଦିଆଯାଇଛି। ଆଗରୁ ଜମି ବାଡିକୁ ନେଇ ଉଭୟ ପରିବାର ମଧ୍ୟରେ ମନୋମାଳିନ୍ୟ ଠିକ୍ ନଥିବା ଜଣାଯାଏ।

# ମହିମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୩୫ତମ ପ୍ରତିଷ୍ଠା ଦିବସ ପାଳିତ

ବଲାଙ୍ଗୀର, ୨୧/୦୯ (ନି.ପ୍ର): ପୁଇଁତଲା ବ୍ଲକ ଅନ୍ତର୍ଗତ ମହିମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମହିମୁଣ୍ଡା ଗତକାଲି ତା ୧୯ ସେପ୍ଟେମ୍ବରରେ ତା'ର ୩୫ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଅନୁଷ୍ଠାନର ମୁଖ୍ୟ ଦୁର୍ଯ୍ୟୋଧନ ପ୍ରଧାନଙ୍କ ସଭାପତିତ୍ୱରେ ପ୍ରତିଷ୍ଠାତା ସଦସ୍ୟ ରମାରଞ୍ଜନ ପଧାନ, ଲୋକନାଥ ପ୍ରଧାନ, ରାମ ପ୍ରସାଦ ବିଶ୍ୱାଳ, ଛନ୍ଦା ଚରଣ ବିଶ୍ୱାଳ, ରାଜେନ୍ଦ୍ର ବିଶ୍ୱାଳ, ପୂର୍ବତନ କର୍ମଚାରୀ ଏବଂ ସ୍ଥାନୀୟ ସରପଂଚ ଶ୍ରୀମତୀ ରଞ୍ଜିତା ଭୋଇ ମଂଚାସୀନ ଥିଲେ। ଅତିଥିଗଣ ଅତୀତ ଗାଥାକୁ ସ୍ମୃତିଚାରଣ କରିବା ସହିତ ସାମ୍ପ୍ରତିକ ସ୍ଥିତିରେ ଶିକ୍ଷା ବ୍ୟବସ୍ଥାକୁ ନେଇ ମତବ୍ୟକ୍ତ କରିଥିଲେ। ପ୍ରତିଷ୍ଠାତା ସଦସ୍ୟ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଶଙ୍କର ପ୍ରସାଦ ବିଶ୍ୱାଳ ଅନୁଷ୍ଠାନରେ ବିଜ୍ଞାନ ବିଭାଗ ଖୋଲିବା ପାଇଁ ମତବ୍ୟକ୍ତ କରି ୫୦୦ ଟଙ୍କା ସହାୟତା ରାଶି ଭାବରେ ପ୍ରଦାନ କରିଥିଲେ। ଅଧାପକ ଡ. ଜଗନ୍ନାଥ ସାହୁ ସଭା ପରିଚାଳନା କରିଥିବା ବେଳେ ପି.ଜି. ଟି. ରାଜନୀତି ବିଜ୍ଞାନ ଶିକ୍ଷକ ସୁବ୍ରତ ସୁନା ଧନ୍ୟବାଦ୍ ଅର୍ପଣ କରିଥିଲେ। 'ମା କେ ନାମ ଏକ ପେଡ' କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଥିବା ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ କୃତି ହୋଇଥିବା ଛାତ୍ରଛାତ୍ରୀଙ୍କୁ ମଧ ଏ ଅବସରରେ ପୁରସ୍କୃତ କରାଯାଇଥିଲା। ସାମୂହିକ ଭୋଜନ ପରେ ସାଂସ୍କୃତିକ ବିଭାଗ ତରଫରୁ ପି.ଜି. ଟି. ଶିକ୍ଷୟତ୍ରୀ ରିଙ୍କି ସେଠ୍‌ଙ୍କ ତତ୍ତ୍ୱାବଧାନରେ ଏକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମସ୍ତ ଅଧାପକ, ଅଣ-ଅଧାପକ ତଥା ଛାତ୍ରଛାତ୍ରୀଙ୍କ ମିଳିତ ଉଦ୍ୟମରେ ପ୍ରତିଷ୍ଠା ଦିବସଟି ସାଫଲ୍ୟ ମଣ୍ଡିତ ହେଲା।

# ସେବାପର୍ବ- ୨୦୨୫ ଉପଲକ୍ଷେ ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା ତଥା ଚିତ୍ରାଙ୍କନ ପ୍ରତିଯୋଗିତା

କେନ୍ଦ୍ରାପଡ଼ା, ୨୧/୦୯ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ 'ସେବାପର୍ବ- ୨୦୨୫' ଉପଲକ୍ଷେ ଏକ ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା ତଥା ଚିତ୍ରାଙ୍କନ ପ୍ରତିଯୋଗିତା ବୃତିଗତ ଚିତ୍ରକରମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ସଦର ମହକୁମାସ୍ଥିତ କେନ୍ଦ୍ରାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅୟୋଜିତ ହୋଇଯାଇଛି । 'ବିକଶିତ ଭାରତ- ୨୦୪୭' ଶୀର୍ଷକରେ ଅୟୋଜିତ ହୋଇଥିବା ଉକ୍ତ ପ୍ରତିଯୋଗିତାରେ ଚିତ୍ରକରମାନେ ରଙ୍ଗ ତୁଳୀ ମାଧ୍ୟମରେ ନିଜ ସୃଜନଶୀଳତା ଏବଂ ପ୍ରତିଭା ପ୍ରଦର୍ଶନ କରାଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାର ମାନ୍ୟଗଣ୍ୟ ଚିତ୍ରକର ସୌମ୍ୟରଞ୍ଜନ ପଟ୍ଟନାୟକ ଏବଂ ରଘୁନାଥ ବେହେରା ବିଚାରକ ହିସାବରେ ଯୋଗଦାନ କରି କୃତି ପ୍ରତିଯୋଗୀଙ୍କୁ ଚୟନ କରିବା ସହିତ ଭବିଷ୍ୟତରେ କିପରି ନିଜର ସୃଜନଶୀଳତାକୁ ଆହୁରି ଦୃଢ଼ କରିପାରିବେ ସେ ଉପରେ ବକ୍ତବ୍ୟ ରଖିଥିଲେ। ବୃତିଗତ ଚିତ୍ରକର ବର୍ଗରେ ଶତାବ୍ଦୀ ରାଉତରାୟ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ପ୍ରଭଞ୍ଜନ ପଣ୍ଡା ଏବଂ ମହେଶ୍ୱର ଦାସ ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନଅଧିକାରକରିଥିଲେ । ସୂଚନାଯୋଗ୍ୟ, ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଚିତ୍ରକରମାନଙ୍କର ଚିତ୍ର ଆସନ୍ତା ୨୮ ସେପ୍ଟେମ୍ବରରେ ଅୟୋଜିତ ହେବାକୁଥିବା ରାଜ୍ୟସ୍ତରୀୟ କର୍ମଶାଳାରେ ପ୍ରଦର୍ଶନ କରାଯିବ। ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବେଳେ ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

# ଜାତୀୟ ସେବା ଯୋଜନା ତରଫରୁ ସ୍ୱତନ୍ତ୍ର ଶିବିର ଉଦ୍ଘାଟିତ

ବଲାଙ୍ଗିର, ୨୧/୦୯ (ନି.ପ୍ର): ସରକାରୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ତରଫରୁ ଏକ ସପ୍ତଦିନ ବ୍ୟାପୀ ସ୍ୱତନ୍ତ୍ର ଶିବିର ଉଦ୍ଘାଟିତ ହୋଇଥିଲା ଓ ଅଧ୍ୟକ୍ଷ ଡଃ ଅରବିନ୍ଦ କୁମାର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶାଖାର କାର୍ଯ୍ୟକ୍ରମ ଅଧିକାରୀ ଡଃ ମିନତୀ ଦେବତା ମଂଚ ପରିଚାଳନା କରିଥିଲେ ଓ ଅଧାପକ ଡଃ ଭୁବନ ମୋହନ ପଣ୍ଡା, ଡଃ ଅନୁରାଧା ମିଶ୍ର ପ୍ରମୁଖ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ ଓ ଶେଷରେ ଡଃ ସିଦ୍ଧେଶ୍ୱର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ଓ ଏହି ଉପଲକ୍ଷେ ଛାତ୍ରୀନିବାସ ଓ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା ଓ ଏହି ଶିବିର ସ୍ଥାନୀୟ ଗନ୍ଧରେଲ ଗ୍ରାମ ତଥା ମହାବିଦ୍ୟାଳୟ ପରିସରରେ ଦୀର୍ଘ ୭ ଦିନ ଧରି ଚାଲିବ ବୋଲି ସୂଚନା ଦିଆଯାଇଛି ।

# ସଇଁତଲା ବ୍ଲକର ଚଉଦ ବର୍ଷରୁ କମ ଓ ସତର ବର୍ଷରୁ କମ୍ ବାଳକ ବାଳିକାଙ୍କ ବିଦ୍ୟାଳୟସ୍ତରୀୟ ସ୍କୁଲ ସମୂହ କ୍ରୀଡ଼ା

ବଲାଙ୍ଗୀର, ୨୧/୦୯ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକର ଚଉଦ ବର୍ଷରୁ କମ୍ ଓ ସତର ବର୍ଷରୁ କମ ବାଳକ, ବାଳିକାଙ୍କ ବିଦ୍ୟାଳୟ ସ୍ତରୀୟ ସ୍କୁଲ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱ ଓ ବ୍ଲକ ସମ୍ପାଦିକା ଶ୍ରୀମତୀ ରଞ୍ଜିତା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅଥିତି ଭାବରେ ବିପିନ ବିହାରୀ ସାହୁ ଯୋଗଦେବା ସହ ବ୍ଲକ୍‌ର ଚାରୋଟି ଜୋନ୍‌ର ଜୋନାଲ ସଭାପତି କେରମେଲୀର ପ୍ରଧାନ ଶିକ୍ଷକ ତଥା ଜୋନ୍ ସଭାପତି ସରୋଜ କୁମାର ମିଶ୍ର, କଁସର ଜୋନ୍‌ର ସଭାପତି ତଥା ପ୍ରଧାନ ଶିକ୍ଷକ ଘନଶ୍ୟାମ ଦଣ୍ଡସେନା, ଟିକ୍ରାପଡ଼ା ଜୋନ୍‌ର ସଭାପତି ତଥା ପ୍ରଧାନ ଶିକ୍ଷକ ଭୀମସେନ ଦେହେରୀ ସମ୍ମାନୀୟ ଅଥିତି ଭାବରେ ମଂଚାସୀନ ଥିବାସହ ଏମାନଙ୍କୁ ବ୍ଲକର ଖେଳ ଶିକ୍ଷକମାନଙ୍କ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ତରଫରୁ ଜୋନ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ସହଯୋଗ କରି ବହୁତ ସୁନ୍ଦର ଭାବରେ ସବୁ ଖେଳକୁ ପରିଚାଳନା କରୁଥିବାରୁ ସମ୍ମାନିତ କରାଯାଇଥିଲା ସଭାରେ ସମସ୍ତ ଅତିଥି ଖେଳର ମହତ ଓ ଉପକାରିତା ବିଷୟରେ ଖେଳାଳିମାନଙ୍କୁ ବୁଝାଇଥିଲେ, ବ୍ଲକ ପତାକା ଉତୋଳନ କରି ଖେଳକୁ ଆରମ୍ଭ କରିଥିଲେ, ଏହି ଖେଳରେ ଚାରୋଟି ଜୋନରୁ ୧୦୦ ଖେଳାଳି ଓ ୨୫ ଜଣ ଖେଳ ଶିକ୍ଷକ ଓ ଶିକ୍ଷୟତ୍ରୀ ଯୋଗଦାନ କରିଥିଲେ। ଏଥିମଧ୍ୟରୁ ଅକ୍ଟୋବର ୧୫,୧୬,୧୭ ତାରିଖରେ ସଇଁତଲା ବ୍ଲକର ବେଲଗାଁରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଭାଗ ନେବାପାଇଁ ସବୁ ବିଭାଗରୁ ପଚିଶ ଜଣ ଖେଳାଳିଙ୍କୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବ୍ଲକର ସମସ୍ତ ଖେଳ ଶିକ୍ଷକ ଓ ଶିକ୍ଷୟତ୍ରୀ ପରିଚାଳନା କରିଥିବାବେଳେ ଘୁନସାର ବିଦ୍ୟାଳୟର ସମସ୍ତ ସହକର୍ମୀଙ୍କ ପରିଶ୍ରମ ଓ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା ବ୍ଲକ ସମ୍ପାଦିକା ରଞ୍ଜିତା ମିଶ୍ର ସ୍ୱାଗତ କରିବାବେଳେ ସ୍ଥାନୀୟ ବିଦ୍ୟାଳୟର ସହକାରୀ ଶିକ୍ଷକ ରାଜେନ୍ଦ୍ର ବେରିଆ ସାର ଧନ୍ୟବାଦ ଅର୍ପଣ କରିଥିଲେ।

# ଅବକାରୀ ବିଭାଗ ଏବଂ ପୋଲିସର ମିଳିତ ଚଢ଼ାଉ: ବ୍ୟାପକ ଦେଶୀ ମଦ ଜବତ, ୪ ଗିରଫ

ଚମ୍ପୁଆ, ୨୧/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ସିତାରାଣୀ ପଟାୟତଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ ଅବକାରୀ ଇନ୍ସପେକ୍ଟର ଓ ଜିଲ୍ଲା ଅବକାରୀ ମୋବାଇଲ ୟୁନିଟ ଇନ୍ସପେକ୍ଟର ଜଗା ରାଓ, ଯୋଡ଼ା ଅବକାରୀ ସବଇନ୍ସପେକ୍ଟର ପ୍ରଶାନ୍ତ ପରିଡା ଏବଂ ଯୋଡା ପୋଲିସ ମିଳିତ ଭାବେ ଶନିବାର ଦିନ ଯୋଡ଼ା ପୌରପାଳିକା ଅନ୍ତର୍ଗତ ୩ ଟି ପୃଥକ ସ୍ଥାନରେ ଚଢ଼ାଉ କରିଥିଲେ। ତେବେ ଚଢ଼ାଉ ବେଳେ ୫୦୦୦ କେଜି ଦେଶୀ ମହୁଲି ପୋଚ ଏବଂ ୩୮୯ ଲିଟର ଦେଶୀ ମଦ ଜବତ କରି ୨ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଦେଶୀ ମଦ ଏବଂ ନକଲି ମଦକୁ ରୋକିବା ପାଇଁ ରାଜ୍ୟବ୍ୟାପୀ ଅବକାରୀ ବିଭାଗ ର ସ୍ୱେସିଆଲ ଡ୍ରାଇଭ ଚାଲୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଯୋଡା ପୌରପାଳିକା ଅନ୍ତର୍ଗତ ଉଲି ହାଟିଂ, ବିଚାକୁଣ୍ଡି ଏବଂ ସହର ର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଏବଂ ପୋଲିସ ମିଳିତ ଚଢ଼ାଉ କରି ସଫଳ ହେଇଥିଲେ। ତେବେ ଅଭିଯୁକ୍ତ ମାନେ ହେଲେ ଯୋଡ଼ାସ୍ଥିତ ବିଚାକୁଣ୍ଡି ଅଂଚଳର ସୁରେଶ ମୁଣ୍ଡା(୨୫) ଏବଂ ଉଲି ହାଟିଂ ର ମିନା ସିଂ ବୟସ(୫୦ )ବୋଲି ଜଣାପଡିଛି।ସେହିପରି ଶନିବାର ଦିନ ଦିପ୍ରହରରେ ବସନ୍ତ ପୁର ରୁ ଯୋଡ଼ା କୁ ଦେଶୀ ମଦ ବାଇକ ନମ୍ବର (ଓଡ଼ି ୦୯ ଇଉ ୦୭୫୮) ଯୋଗେ ଚୋରା ଚାଲାଣ କରୁଥିବା ବେଳେ ଯୋଡ଼ା ଅବକାରୀ ଅଧିକାରୀ ପ୍ରଶାନ୍ତ କୁମାର ପରିଡା ୪୫ ଲିଟର ଦେଶୀ ମଦ ଏବଂ ବାଇକ କୁ ଜବତ କରି ୨ ଜଣ କୁ ଗୁରଫ କରି କୋର୍ଟ ଚାଲାଣ କରିଛନ୍ତି। ତେବେ ଅଭିଯୁକ୍ତ ମାନେ ହେଲେ ସୁରେନ୍ଦ୍ର ମୁଣ୍ଡ(୨୧) ଏବଂ ଜ୍ୟୋତି ମାଝୀ(୪୮) ବୋଲି ଜଣାପଡିଛି। ଅବୈଧ ମଦ ବ୍ୟବସାୟକୁ ନିୟନ୍ତ୍ରଣ କରିବା ପାଇଁ ଏପରି ଯୁକ୍ତ ଅଭିଯାନ ଆଗାମୀଦିନରେ ମଧ ଚାଲୁରହିବ ବୋଲି ଚମ୍ପୁଆ ଅବକାରୀ ଇନ୍ସପେକ୍ଟର ଜଗା ରାଓ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଜବ୍ ଫ୍ରଡ୍ ଷଡ଼ଯନ୍ତ୍ରରେ...

ସେପଟେମ୍ବର ୧୯ରେ ବଡ଼ଗଡ଼ ଥାନାରେ ପତ୍ନୀଙ୍କ ଏତଲା । ବଡ଼ଗଡ଼ ପୋଲିସ ବି ଜାରି ରଖିଥିଲା ଖୋଳତାଡ଼ । ତାହାରି ଭିତରେ ଶନିବାର ଚନ୍ଦକା ଅଞ୍ଚଳରୁ ମିଳିଥିଲା ବିଦ୍ୟାଧରଙ୍କ ଡେଡବଡ଼ି । ରାସ୍ତା ଉପରେ ଥୁଆ ହୋଇଥିଲା ଟାଙ୍କି । ଆଉ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁ କରୁ କାର୍ ଭିତରୁ ଜବତ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟସରୁ ବଡ଼ଗଡ଼ ପୋଲିସ ପାଇଲା ଚାକିରି ନାଁରେ କୋଟି କୋଟି ଟଙ୍କା ଚଳୁ କରିଥିବାର ସୁରାଗ୍ । ଯାହାର ମାଷ୍ଟରମାଇଣ୍ଡ ଜ୍ୟୋତ୍ସ୍ନା ନାମକ ଜଣେ ମହିଳା । ଯେଉଁ ଜ୍ୟୋତ୍ସ୍ନା ପାଖରେ ଡ୍ରାଇଭର ଭାବେ ବିଦ୍ୟାଧର କାମ କରିବା ସହ ଜ୍ୟୋତ୍ସ୍ନାଙ୍କ ବରମୁଣ୍ଡା ସ୍ଥିତ ଜବ୍ କନସଲଟାନ୍ସି ଫାର୍ମର ସାଜିଥିଲେ ଏଜେଣ୍ଟ । ଚାକିରି ଆଶାୟୀଙ୍କଠାରୁ ଜ୍ୟୋତ୍ସ୍ନା ଠକିଥିଲେ ୫ କୋଟିରୁ ଅଧିକ ଟଙ୍କା । କିନ୍ତୁ ନା ଚାକିରି ଦେଲେ, ନା ଫେରାଇଥିଲେ ଟଙ୍କା । ବରଂ ସଂସ୍ଥା ଛାଡ଼ି ଫେରାର୍ ହୋଇଯାଇଥିଲେ । ଶେଷରେ ଗଜପତି ଜିଲ୍ଲାର କିଛି ଚାକିରି ଆଶାୟୀ ବିଦ୍ୟାଧରଙ୍କୁ ଅପହରଣ କରିନେଇଗଲେ ଯାଜପୁର ଅଞ୍ଚଳକୁ । ଆଉ ଦାବି କରିଥିଲେ ଟଙ୍କା ଫେରାଅ, ନଚେତ ତମ ଜ୍ୟୋତ୍ସ୍ନା ମ୍ୟାଡାମଙ୍କୁ ଆଣ । ଏଥିରେ ବିଫଳ ହେବାରୁ ଓ ନିର୍ଯାତନା ସହିନପାରି ଶେଷରେ ଅପହରଣକାରୀଙ୍କ ହେପାଜତରେ ହିଁ ବିଦ୍ୟାଧର ଜୀବନ ହାରିଦେଇଥିବା କହିଛନ୍ତି ତାଙ୍କ ଭାଇ । ତେବେ କିଏ ଏହି ଜବ୍ ଫ୍ରଡ୍ କୁଇନ୍ ଜ୍ୟୋତ୍ସ୍ନା ?

### ପରୋକ୍ଷରେ ପାଣ୍ଡିଆନଙ୍କୁ ...

ପ୍ରଥମ ଦିନରୁ ହିଁ ରଣନୀତି କରିଛନ୍ତି । ଏପରିକି କଂଗ୍ରେସ ସାର ସଙ୍କଟ ନେଇ ମୁଲତବି ନୋଟିସ୍ ଦେଇଥିଲେ ବି ସେଥିରେ ଭାଗ ନନେଇ ଜାଣିଶୁଣି ହଟ୍ଟଗୋଳ କରି ଗୃହକୁ ବନ୍ଦ କଲେ । ଜୟନାରାୟଣ ଆହୁରି କହିଛନ୍ତି ଯେ ବିଜେଡି ଓ କଂଗ୍ରେସ ମଧ୍ୟରେ ସିଲଭର ମେଡାଲ ପାଇଁ ପ୍ରତିଯୋଗିତା ଚାଲିଛି । ବିଜେଡି କହିଛି ସରକାରୀ ଦଳ ବ୍ୟାକ୍ ଫୁଟରେ ଥିବାରୁ ଆଲୋଚନାକୁ ନଆସି ଗୃହକୁ ବନ୍ଦ କରୁଛନ୍ତି । ବିଜେଡି ବିଧାୟକମାନେ ଯେ କେତେ ନାଚାର ତାହା ଜୟନାରାୟଣଙ୍କ ମନ୍ତବ୍ୟରୁ ସ୍ପଷ୍ଟ । ଖୋଦ ବିଜେଡିର କିଛି ଆଗ ଧାଡିର ବିଧାୟକ ବି ହଟ୍ଟଗୋଳ ମାଧ୍ୟମରେ ବିଧାନସଭା ବନ୍ଦକୁ ନାପସନ୍ଦ କରିଛନ୍ତି । କିଛି ଦିନ ତଳେ ଦଳର ବରିଷ୍ଠ ବିଧାୟକ ଅରୁଣ ସାହୁ କିଛି ଯୁବ ବର୍ଗଙ୍କ ସହ ଆଲୋଚନାର ଭିଡିଓ ନିଜ ସୋସିଆଲ୍ ମିଡିଆରେ ଛାଡିଛନ୍ତି । ଯେଉଁଥିରେ ସେ ସଫା ସଫା କହୁଛନ୍ତି ହଟ୍ଟଗୋଳ ମାଧ୍ୟମରେ ବିଧାନସଭା ବନ୍ଦ ହେବା ଦ୍ୱାରା ନା ସରକାର ନା ବିରୋଧୀ କାହାର କାଣିଚାଏ ଲାଭ ହେଉନି । ସୁଯୋଗକୁ ଆମେ ଜନପ୍ରତିନିଧି ମାନେ ହାତଛଡା କରୁଛେ । ଲୋକଙ୍କ ପଇସା ଖର୍ଚ୍ଚ ହେଉଛି । ଏଠି ପ୍ରଶ୍ନ ସୋସିଆଲ୍ ମିଡିଆରେ ନୀତିବାଣୀ ଶୁଣାଉଥିବା ଅରୁଣ ଏବେ କାହିଁକି ଚୁପ୍ ? କାହିଁକି କହୁନାହାଁନ୍ତି ଯେ ଦଳ ଯାହା କରୁଛି ତା ଭୁଲ ବୋଲି ?

### ଚବିଶ ଘଂଟାରେ ଉତ୍ତର...

ଲଘୁଚାପ ୨୫ ସେପ୍ଟେମ୍ବର ବେଳକୁ ଦାନା ବାନ୍ଧୁଛି । ପୂର୍ବକେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହେବ ଲଘୁଚାପ । ପରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରି, ୨୬ ସେପ୍ଟେମ୍ବର ବେଳକୁ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଆଡ଼କୁ ମୁହାଁଇବ । ପରେ ଅଧିକ ଘନୀଭୂତ ହେଇ ଲଘୁଚାପ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗରରେ ଅ୍ୱପାତର ରୂପ ନେବ । ଏହା ୨୭ ସେପ୍ଟେମ୍ବରରେ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ଅଛି । ୨୫ରୁ ୨୭ ସେପ୍ଟେମ୍ବର ମଧ୍ୟରେ ଆନ୍ଧ୍ର ପ୍ରଦେଶ - ଓଡ଼ିଶା - ପଶ୍ଚିମବଙ୍ଗ ଉପକୂଳରେ ସମୁଦ୍ର ଅଶାନ୍ତ ରହିବ । ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି । ଏଥିପାଇଁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ନ ଯିବାକୁ ପରାମର୍ଶ ଦିଆଯାଇଛି । ସମୁଦ୍ରରେ ଥିବା ମତ୍ସ୍ୟଜୀବୀଙ୍କୁ ୨୪ ସେପ୍ଟେମ୍ବର ସୁଦ୍ଧା ଉପକୂଳକୁ ଫେରିବାକୁ ସତର୍କ କରାଯାଇଛି । ମାସ ଶେଷ ବେଳକୁ ଦକ୍ଷିଣ ଚୀନ ସାଗରରୁ ଏକ ବାତ୍ୟାର ଅବଶିଷ୍ଟାଂଶ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି କରିବା ସମ୍ଭାବନା ଅଛି । ଏବେ ମୌସୁମୀଜନିତ ନିମ୍ନଚାପରେଖା ଓ ଟ୍ରଫ୍‌ଲାଇନ ପାଇଁ ରାଜ୍ୟରେ ବର୍ଷା ଲାଗିରହିଛି ।

### ଆସନ୍ତା ବର୍ଷ ଆରମ୍ଭ...

ତାଙ୍କ ସମର୍ଥକମାନେ ବିଶ୍ୱାସ କରନ୍ତି ଯେ ଏହି ସମୟରେ ସେ ଭବିଷ୍ୟତ ଦେଖିବାର ଶକ୍ତି ପାଇଥିଲେ । ୩୦ ବର୍ଷ ବୟସ ସୁଦ୍ଧା, ବାବା ଭେଙ୍ଗା ତାଙ୍କର ଭବିଷ୍ୟବାଣୀ ଏବଂ ଆରୋଗ୍ୟ ପାଇଁ ଖୁବ୍ ପ୍ରସିଦ୍ଧ ହୋଇଯାଇଥିଲେ । ତେବେ ୨୦୨୬କୁ ନେଇ ଯେଉଁ ଭବିଷ୍ୟବାଣୀ କରାଯାଇଛି ତାହା କେତେ ସତ୍ୟ ହେବ ତାହା କହିବା କଷ୍ଟକର, କିନ୍ତୁ ସମର୍ଥକମାନେ ବିଶ୍ୱାସ କରନ୍ତି ଯେ ତାଙ୍କର ପୂର୍ବ ଭବିଷ୍ୟବାଣୀଗୁଡ଼ିକ ମଧ୍ୟରୁ ଅନେକ ସଠିକ୍ ପ୍ରମାଣିତ ହୋଇଛି, କିନ୍ତୁ ସମାଲୋଚକମାନ ଏହାକୁ କେବଳ ସଂଯୋଗ ବୋଲି ବିବେଚନା କରନ୍ତି ।

### ଆମେରିକାକୁ ମୁକାବିଲା...

ସମସ୍ୟାରେ ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ । ଏଥିପାଇଁ ବିଦେଶୀ ଆବେଦକମାନେ କୌଣସି ଲୋକାଲ ସ୍ପନ୍ସର କି ଚୀନ କମ୍ପାନୀର ଆବଶ୍ୟକତା ପଡ଼ିବ ନାହିଁ । ଅର୍ଥାତ କୌଣସି ବି ଯୋଗ୍ୟ ଆବେଦନକାରୀ ସିଧା ସଳଖ ଏହି ଭିସା ପାଇଁ ଆବେଦନ କରିପାରିବେ । ଏହି ଭିସା ଏବେ ପ୍ରଚଳିତ ୧୨ ଭିସା ସହ ଯୋଡି ହୋଇ ୧୩ ତମ କାଟାଗୋରିରେ ରହିଛି । ଏହି ଭିସା ପାଇବାକୁ ହେଲେ ଆବେଦନକାରୀଙ୍କୁ ମୁଖ୍ୟତ ସେମାନଙ୍କ ଯୋଗ୍ୟତା ଦାଖଲ କରିବାକୁ ପଡ଼ିବ । ଏହି ଭିସା ବିଶେଷ କରି ଯୁବ ବିଜ୍ଞାନ ଓ ଟେକ୍ନୋଲୋଜି ପ୍ରଫେସନାଲଙ୍କ ପାଇଁ ପ୍ରସ୍ତୁତ କରାଯାଇଛି । ବିଜ୍ଞାନ, ଟେକ୍ନୋଲୋଜି, ଇଂଜିନିୟରିଂ ଛାତ୍ର ଓ ପ୍ରଫେସନାଲକୁ ଏଥିରେ ପ୍ରାଥମିକତା ଦିଆଯିବ । ଏଥିରେ ସର୍ତ ରହିଛି କି, ଆବେଦନକାରୀ କୌଣସି ମାନ୍ୟତା ପ୍ରାପ୍ତ ବିଶ୍ୱବିଦ୍ୟାଳୟ କିମ୍ବା ରିସର୍ଚ୍ଚ ଇନଷ୍ଟିଚ୍ୟୁଟରୁ କୋର୍ସ ସମାପ୍ତ କରିଥିବେ । ଏହା ମାଧ୍ୟମରେ ଚୀନ ଆଶା କରୁଛି କି, ହଜାର ହଜାର ଟ୍ୟାଲେଣ୍ଟ ପ୍ରଫେସନାଲ ଆମେରିକାରୁ ବାହାରି ଚୀନ ମୁହାଁ ହେବେ ।

### ଗଞ୍ଜାମ ରଙ୍ଗେଇଲୁଣ୍ଡା ବଦଳରେ...

ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡ଼ିଶା ଗସ୍ତ ବାତିଲ ହୋଇପାରେ । ଖାଲି ସେତିକି ନୁହେଁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି କାର୍ଯ୍ୟକ୍ରମର ସ୍ଥାନ ବଦଳିପାରେ ବୋଲି ଚର୍ଚ୍ଚା ହେଉଛି । କୁହାଯାଉଛି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାରସୁଗୁଡ଼ାର ଅମୁଲିପାଲି ପଡ଼ିଆରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗ ଦେବେ । କିନ୍ତୁ ଏନେଇ କୌଣସି ବିଜେପି କିମ୍ବା ସରକାରୀସ୍ତରରେ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ । ଆସନ୍ତା ୨୭ ତାରିଖରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ପଛକୁ ପଛ ଲଘୁଚାପ ଥିବାରୁ କାର୍ଯ୍ୟକ୍ରମ ବାତିଲ ନେଇ ସୂଚନା ମିଳୁଛି । ପାଗ ଖରାପ ଯୋଗୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଓଡ଼ିଶା ଗସ୍ତ ବାତିଲ୍ ହୋଇପାରେ । ୨୭ରେ ବ୍ରହ୍ମପୁର ଆସିଥାନ୍ତେ ପ୍ରଧାନମନ୍ତ୍ରୀ । ଏନେଇ ଗତକାଲି ପୁଲିସ ଡିଜି ପ୍ରସ୍ତୁତିର ସମୀକ୍ଷା କରିଥିଲେ । ଏପଟେ ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମଧ୍ୟ ସମୀକ୍ଷା କରିଥିଲେ । ରଙ୍ଗେଇଲୁଣ୍ଡାରେ ଯେଉଁ ଟେଣ୍ଟ୍ ବନ୍ଧା ଯାଇଥିଲା, ତାକୁ ଖୋଲି ଦିଆଯାଉଛି । ଟେଣ୍ଟ୍ ଖୋଲିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଆସିଛି । କିନ୍ତୁ କୌଣସି ଅଫିସିଆଲ୍ ନିର୍ଦ୍ଦେଶ ଆସିନଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି ।

# ୨୭ ବର୍ଷରେ ବଙ୍ଗଳାଛକ ଦୁର୍ଗାପୂଜା କମିଟି



ବେତନଟୀ,୨୧/୯ (ନି.ପ୍ର) : ଆଉ କିଛିଦିନ ପରେ ବିଭିନ୍ନ ମଣ୍ଡପରେ ପୂଜା ପାଇବେ ମା' । ଏଥିପାଇଁ ଚଳଚଞ୍ଚଳ ହୋଇ ଉଠିଲାଣି ବେତନଟୀ ଅଞ୍ଚଳ । ବିଭିନ୍ନ ପୂଜା କମିଟି ବି ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । କିଏ କେତେ ସ୍ୱତନ୍ତ୍ର କରିପାରିବ ଏଥିପାଇଁ ଏକପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । କେଉଁ କମିଟି ତୋରଣକୁ ଗୁରୁତ୍ୱ ଦେଉଥିବା ବେଳେ କିଏ ମା'ଙ୍କ ପାରମ୍ପରିକ ପୂଜାକୁ ଗୁରୁତ୍ୱ ଦେଉଛନ୍ତି । ବେତନଟୀରେ ୫ଟି ମଣ୍ଡପରେ ମା ପୂଜା ପାଉଥିବା ବେଳେ ସେହିଭଳି ବଙ୍ଗଳାଛକ ଦୁର୍ଗାପୂଜା କମିଟି ୨୭ ବର୍ଷରେ ପର୍ଦାପଣ କରିଛି । ବେତନଟୀ ବଙ୍ଗଳାଛକ ଦୁର୍ଗାପୂଜାର କମିଟି ର ସମ୍ପାଦକ ଅନୁପ କୁମାର ଦଣ୍ଡପାଟଙ୍କ ସୂଚନା ମୁତାବକ, ଏଥର ତୋରଣ ୬୦ ଫୁଟ୍ ଉଚ୍ଚରେ ନିର୍ମାଣ ଚାଲିଥିବା ତୋରଣ ପୂଜାରେ ମୁଖ୍ୟ ଆକର୍ଷଣ ସାଜିବ । ଏହି ପୂଜା ପାଇଁ କମିଟି ପକ୍ଷରୁ ୯ ଲକ୍ଷ ଟଙ୍କା ବଜେଟ୍ କରାଯାଇଛି । ୧୪ ଫୁଟ୍‌ର ମା'ଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଚାଲିଛି । ସେହିପରି କମିଟି ପକ୍ଷରୁ ଖାଲି ତୋରଣ ନୁହେଁ, ସାଜସଜାକୁ ମଧ ଗୁରୁତ୍ୱ ଦିଆଯାଇଛି । ବିଭିନ୍ନ ପ୍ରକାର ଲାଇଟ୍‌ରେ ମଣ୍ଡପ ସଜ୍ଜିତ କରାଯିବ । ଅଷ୍ଟମୀ ଦିନ ସେଉ,ଦୁନ୍ଦିଆ ଓ ନବମୀ ଦିନ ଖିରି ଓ ଦଶମି ଦିନ ଦହି ପଖାଳ ରେ ବ୍ୟବସ୍ଥା କରାଯାଇଛି ଓ ଦଶହରା ଦିନ ମହିଳାମାନଙ୍କ ମଧ୍ୟରେ ସିନ୍ଦୂର ଖେଳ ଉତ୍ସବକୁ ମୁଖରିତ କରିବ ବୋଲି ପୂଜା କମିଟି କର୍ମକର୍ତ୍ତାମାନେ ଆଶାବ୍ୟକ୍ତ କରିଛନ୍ତି । ଏହି କମିଟି ୧୯୯୯ ମସିହାରେ ସ୍ଥାନୀୟ ଯୁବକମାନେ ମିଳିମିଶି ବଙ୍ଗଳାଛକ ଦୁର୍ଗାପୂଜା ୨୫ ହଜାର ଟଙ୍କା ରେ ପୂଜା ଆରମ୍ଭ କରିଥିଲା । ଏହି ଯୁବକ ମାନଙ୍କ ମଧ୍ୟରେ ସୁବାସ ଦାସ, ବିଦ୍ୟାଧର ପଣ୍ଡିତ, ସତ୍ୟ ବେହେରା, ସଦାଶିବ ଲେଙ୍କା, ଜଗଦୀଶ ବେହେରା, ସାଇବ ନାଥ, ନିରଞ୍ଜନ ପଣ୍ଡିତ, ସନିଆ ସାହୁ , ପ୍ରଶାନ୍ତ ନାଥ, ବାବୁ ନନା, ଶଶିଧର ନାଥ ପ୍ରମୁଖ ପୂଜା କମିଟିରେ କାର୍ଯ୍ୟକର୍ତ୍ତା ମିଶି ପୂଜା ଆରମ୍ଭ କରିଥିଲେ । ଚଳିତବର୍ଷ ପୂଜା କମିଟି ଅଧ୍ୟକ୍ଷ ଭାବରେ ରାମେଶ୍ୱର ମିଶ୍ର, ସଭାପତି ଭାବରେ ବିଦ୍ୟାଧୋର ବିଶ୍ୱାଳ, ସମ୍ପାଦକ ଭାବରେ ଅନୁପ କୁମାର ଦଣ୍ଡପାଟ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ମହାନ୍ତି, ଉପସଭାପତି ଗ୍ୟନରଞ୍ଜନ ବେହେରା ଓ ବିମଳ କୁମାର ଜେନା ସହ ସମ୍ପାଦକ ପ୍ରଦୀପ ମହାପାତ୍ର ଓ ହରେନ୍ଦ୍ର ବେହେରା, କୋଷାଧ୍ୟକ୍ଷ ତପନ ନାୟକ ଓ ସଞ୍ଜୟ ମଢୁଆଳ, ଉପଦେଷ୍ଟା ଭାବରେ ସୁବାସ ଚନ୍ଦ୍ର ଦାସ, ପ୍ରବୀର ବାରିକ, ଅଲୟ ପ୍ରଧାନ, ସୂର୍ଯ୍ୟାନନ୍ଦ ନାୟକ, ବିଶ୍ୱନାଥ ବେହେରା, ପ୍ରକାଶ କୁମାର ବେହେରା ଙ୍କ ସମେତ ସମସ୍ତ ସଦସ୍ୟ ପୂଜା କାର୍ଯ୍ୟ ତୁଲାଉଛନ୍ତି ।

*ଏମାନେ କହନ୍ତି :* ବଙ୍ଗଳାଛକା ଦୁର୍ଗା ପୂଜା କମିଟି ଏହି ବର୍ଷ ୨୭ ବର୍ଷ ରେ ପଦାର୍ପଣ କରିଛି । ଏହି ବର୍ଷ ପ୍ରଥମ କରି ମୁଁ ସଭାପତି ହୋଇଛି । ଏହି ବର୍ଷ ଆକର୍ଷଣ ମେଢ଼ ସହିତ ଦୁର୍ଗା ମା ଙ୍କ ମୂର୍ତ୍ତି ୧୪ ଫୁଟ ଉଚ୍ଚତା ବିଶିଷ୍ଟ କାର୍ଯ୍ୟ ଚାଲୁଅଛି । ପ୍ରତେକ ବର୍ଷ ଅପେକ୍ଷା ଏହି ବର୍ଷ କିଛି ନୂଆ କରିବା ପାଇଁ ଚେଷ୍ଟା ଚାଲିଛି । କମିଟି ସଭାପତି - ବିଦ୍ୟାଧର ବିଶ୍ୱାଳ

ବେତନଟୀ ବଙ୍ଗଳାଛକ ଦୁର୍ଗାପୂଜା କମିଟୀ ବିଗତ ୨୭ ବର୍ଷର ପ୍ରଦାର୍ପଣ କରୁଛି ୧୯୯୯ ମସିହା ରୁ ଆଜି ପର୍ଯ୍ୟନ୍ତ ମୁଁ କମିଟି ସହ ଯୋଡିତ ଅଛି । କେତେ ବାଧା ବିଘ୍ନ ଯାଇଥିଲେବି ମା ଙ୍କ ପୂଜା ସୁରୁଖୁରୁରେ ଚାଲି ଆସୁଅଛି । ମୁଁ ଦୀର୍ଘ ୬ ବର୍ଷ ଧରି ସମ୍ପାଦକ ଓ ୨ ବର୍ଷ ଧରି ଉପ ସଭାପତି ତୁଲାଇ ଆସୁଛି । କମିଟିର ପୂର୍ବତନ ଉପସଭାପତି ପ୍ରଶାନ୍ତ ନାଥ ମାଙ୍କ ଅପାର କରୁଣା ରୁ ଦୀର୍ଘ ୨୭ ବର୍ଷ ଧରି ବଙ୍ଗଳାଛକ ଦୁର୍ଗା ପୂଜା କମିଟି ମା ଙ୍କ ପୂଜା ଅତ୍ୟନ୍ତ ଶାନ୍ତି ଶୃଙ୍ଖଳା ସହ ପାଳନ କରି ଆସୁଛି । ଏଥିରେ ସହଯୋଗ କରିଥିବା ପୂର୍ବତନ ସଦସ୍ୟ ତଥା ବର୍ତ୍ତମାନ ର ସଦସ୍ୟ ମାନଙ୍କୁ ମୋର ଅନ୍ତରରୁ ଗଭୀର କୃତଜ୍ଞତା । ଏମିତି ପୂଜା ଆଗକୁ ଚାଲି ଥାଉ ମା ଙ୍କ କରୁଣା ଏ ଅଞ୍ଚଳ ଉପରେ ବରସୁ ଥାଉ । ଲୋକ ମାନେ ଶାନ୍ତି ଓ ନୀରୋଗ ଜୀବନ ଯାପନ କରନ୍ତୁ ଏତିକି ମା ଙ୍କ ନିକୋଟରେ ମୋର ପ୍ରାର୍ଥନା । କୋଷାଧ୍ୟକ୍ଷ - ସଂଜୟ କୁମାର ମଢୁଆଳ

## ବସ୍ତା ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ପୁର୍ନଗଠନ




ବସ୍ତା, ୨୧/୯ (ନି.ପ୍ର): ବସ୍ତା ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବରିଷ୍ଠ ନାଗରିକ ମଞ୍ଚ କବି ଶିଶିର କୁମାର ରଥଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇ ନାଗରିକ ମଞ୍ଚର କର୍ମକର୍ତ୍ତା ପୁନଗଠନ କରାଯାଇଥିଲା ସଭାପତି ଭାବେ ଶ୍ରୀପତି ଚରଣ ପାତ୍ର ଓ ବିଜୟ କୃଷ୍ଣ ପ୍ରମାଣିକ ଉପସଭାପତି କୁମୁଦ ରଞ୍ଜନ ଗିରି ସଂପାଦକ ମଳୟ କୁମାର ନନ୍ଦ ସହ ସଂପାଦକ ଯୁଗମ ସଂପାଦକ ରଜନୀ କାନ୍ତ ବାରିକ କୋଷାଧକ୍ଷ୍ୟ ସନତ କୁମାର ଦେ ସମୀକ୍ଷକ ରାମଚନ୍ଦ୍ର ଦେବ ମନୋନୀତ ହୋଇଥିବା ସ୍ଥଳେ ଉପଦେଷ୍ଟା ଶିଶିର କୁମାର ରଥ ଶ୍ୟାମା ପ୍ରସାଦ ବେହେରା ଇଂ ଜଗନ୍ନାଥ ମାଝୀ ମନୋନିତ କରାଯାଇଛି ସଦସ୍ୟ ରୁପେ ପ୍ରାଣକୃଷ୍ଣ ବାଗ ରାମଚନ୍ଦ୍ର ସାହୁ ବିଶ୍ୱନାଥ ସେଠୀ ହରେରାମ ମହାନ୍ତି ସୁରେନ୍ଦ୍ର ନାଏକଙ୍କ ରଖାଯାଇଛି ମଞ୍ଚ ତରଫରୁ ଆଗାମି ଶାରଦୀୟ ଦୁର୍ଗା ପୂଜା ପାଇଁସଚେତନାପାଇଁ ସଫେଇ କାଯ୍ୟକ୍ରମ ମାଦକଦ୍ରବ୍ୟ ସେବନ ପରିବେଷ ସୁରକ୍ଷ୍ୟା ସମ୍ବନ୍ଧୀୟବ୍ୟାନାର ଲଗାଇବାର ସିଦ୍ଧାନ୍ତ ନିଆଗଲା ଅକ୍ଟୋବର ଦଶ ତାରିଖରେ ଜିଲ୍ଲାସ୍ତରିୟ ବରିଷ୍ଠ ନାଗରିକ ଦିବସ ପାଇଁ ଜିଲ୍ଲାପାଳଙ୍କ ସମ୍ମୀଳନୀ କକ୍ଷରେ ଯୋଗଦେବାକୁ ଅନୁରୋଧ କରାଯାଇଥିଲା ସବାଶେଷରେ ମଳୟ କୁମାର ନନ୍ଦ ଧନ୍ୟବାଦ ଦେଇଥିଲେ ।

## ନିଶା ମୁକ୍ତ ଭାରତ ଗଠନ ସମ୍ପର୍କିତ ମାରାଥନ କାର୍ଯ୍ୟକ୍ରମ ଶୁଭାରମ୍ଭ



ଭଦ୍ରକ, ୨୧/୯ (ନି.ପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଯୋଗ ଦେଇ ନିଶା ମୁକ୍ତ ଭାରତ ଗଠନ ସମ୍ପର୍କିତ ମାରାଥନ କାର୍ଯ୍ୟକ୍ରମ କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବିଭିନ୍ନ ବିଦ୍ୟାଳୟ ଓ ମହା ବିଦ୍ୟାଳୟ ର ଶତାଧିକ ଛାତ୍ର ଛାତ୍ରୀ ଯୋଗ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ନଗର ପରିକ୍ରମା କରି ଏକ ସୁସ୍ଥ ସମାଜ ଗଠନ କରିବା ସହ ନିଶା ସେବନରୁ ଦୂରରେ ରହି ସମସ୍ତେ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବାକୁ ଅତିରିକ୍ତ ଜିଲ୍ଲାପାଳ ଜନ ସାଧାରଣଙ୍କୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ୟାମଳ ରାୟ, କ୍ରୀଡ଼ା ବିଭାଗ ଓଏସଡି ରମେଶ ମହାନ୍ତି, ସମାଜ ସେବୀ ଅତିଶ୍ ବେହେରା, କ୍ରୀଡାବିତ୍ ମନୋଜ ସାହୁ ପ୍ରମୁଖ ଯୋଗ ଦେଇ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ କରିବା ପାଇଁ ସଂକଳ୍ପ ନେବାକୁ ପରାମର୍ଶ ଦେଇଥିଲେ ।

## ଜିଲ୍ଲାସ୍ତରୀୟ ମୋଦୀ ବିକାଶ ମାରାଥନ



ନୀଳଗିରି, ୨୧/୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଜୟନ୍ତୀ ଓ ସେବାପକ୍ଷ ପାଳନ ଅବସରରେ ନୀଳଗିରି ଠାରେ ଜିଲ୍ଲା ସ୍ତରୀୟ ମୋଦୀବିକାଶ ମାରାଥନ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ମାରାଥନକୁ ବାଲେଶ୍ୱର ବିଜେପି ସଭାପତି ଇଶ୍ୱର ବେହେରା ଏବଂ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଗେରୁଆ ପତାକା ହଲାଇ ଶୁଭାରମ୍ଭ କରିଥିଲେ । ପୂର୍ବାହ୍ନ ୯ଘଟିକା ସମୟରେ ନୀଳଗିରି ଜଗନ୍ନାଥମନ୍ଦିର ନିକଟରୁ ମାରାଥନ ରାଲି ବାହାରି କଚେରୀ ବଜାର, ବସଷ୍ଟାଣ୍ଡ, ଘାଟଘରସାହି ସହିତ ସାରା ସହରାଞ୍ଚଳ ପରିକ୍ରମା କରିଥିଲା । ଏହି ମାରାଥନରେ ନୀଳଗିରି ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ପଞ୍ଚାୟତରୁ ଯୁବକର୍ମୀ ସାମିଲ ହେବା ସହିତ ନୀଳଗିରି ସହରରେ ଥିବା ବିଭିନ୍ନ କଲେଜର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ ।ଏଥିରେ ବିଧାୟକ ସନ୍ତୋଷ ଖଟୁଆ. ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଜିଲ୍ଲା ସଭାପତି ଇଶ୍ୱରଚନ୍ଦ୍ର ବେହେରା, ଜିଲ୍ଲା ପ୍ରଭାରୀ ଚନ୍ଦ୍ରଶେଖର ନନ୍ଦ, ଜିଲ୍ଲାପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, ସଦସ୍ୟା ଉଷାରାଣୀ ରାଉଳ, ରଞ୍ଜିତା ସିଂ, ସୁବର୍ଣ୍ଣା ମଞ୍ଜରି ସିଂଙ୍କ ସମେତ ସମସ୍ତ ମଣ୍ଡଳ ସ୍ତରୀୟ ସଭାପତି ଉପସ୍ଥିତହୋଇ ମାରାଥନରେ ଅଂଶଗ୍ରହଣ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ସେପ୍ଟେମ୍ବର ୧୭ତାରିଖ ଠାରୁ ଅକ୍ଟୋବର୨ ଗାନ୍ଧୀଜୟନ୍ତୀ ପର୍ଯ୍ୟନ୍ତ ୧୫ ଦିନଧରି ସେବାପକ୍ଷ ଉପଲକ୍ଷେ ପର୍ଯ୍ୟାୟକ୍ରମେ ରକ୍ତଦାନ ଶିବିର, ବୃକ୍ଷ ରୋପଣ,ସଫେଇ ଆଦି କାର୍ଯ୍ୟକ୍ରମ ଆଦି କରାଯିବାର ସୂଚନା ରହିଛି ।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର

ନୀଳଗିରି, ୨୧/୯ (ନି.ପ୍ର): ରବିବାର ସକାଳେ ଜୈନିକ ମହିଳା ଶୌଚ୍ପାଇଁ ଯାଇଥିବା ବେଳେ ଭାଲୁ ଆକ୍ରମଣରେ ଖଣ୍ଡିଆଖାବରା ହୋଇ ନୀଳଗିରି ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ସୂଚନା ଅନୁଯାୟୀ ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତର କେରାଟପଡ଼ିଆ ଗ୍ରାମର ଶଚିନ୍ଦ୍ର ସ୍ୱାଇଁଙ୍କ ଝିଅ କନକଲତା (୪୬)ନିକଟସ୍ଥ ଜଙ୍ଗଲଙ୍କୁ ଶୌଚପାଇଁ ଯାଇଥିଲା ବେଳେ ଭାଲୁ ହାବୁଡ଼ରେ ପଡ଼ିଯିବାରୁ କନକର ମୁଣ୍ଡ ଓ ମୁହଁକୁ ଆକ୍ରମଣ କରି ଭାଲୁଟି ଗୁରୁତ୍ୱର କରିଥିଲା ।କନକର ପାଟିଶୁଣି ଗ୍ରାମବାସୀ ଦୌଡ଼ି ଆସିବାରୁ ଭାଲୁଟି ଜଙ୍ଗଲକୁ ପଳାଇଯାଇଥିଲା । ପରିବାର ଓ ଗ୍ରାମବାସୀ ଗୁରୁତ୍ୱର ଅବସ୍ଥାରେ କନକ କୁ ଭାଲୁଠାରୁ ଉଦ୍ଧାର କରି ନୀଳଗିରି ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ମୁଣ୍ଡ, ଦେହ ଏବଂ କାନ ଇତ୍ୟାଦିରେ ଆଘାତ ଲାଗିଥିବାବେଳେ ୧୫ରୁ ଅଧିକ ଷ୍ଟିଚ ହୋଇଥିବା ବେଳେ ତାଙ୍କୁ ବାଲେଶ୍ୱର ମେଡିକାଲ ରେଫର କରାଯାଇଥିବା ସୂଚନା ମିଳିଛି ।

## ଘର ଭୁଶୁଡି ଜଣେ ୭୫ବର୍ଷୀୟ ବୃଦ୍ଧ ଗୁରୁତର ଆହତ



ବେତନଟୀ, ୨୧/୯ (ନି.ପ୍ର): ବେତନଟୀ ଥାନା ପୁରିନ୍ଦା ପଞ୍ଚାୟତ ଅଧୀନ ସଂସା ଗ୍ରାମରେ ଲଘୁଚାପୋଜନିତ ଲଗାଣବର୍ଷାରେ ଦୁର୍ବଳ ମାଟିକାନ୍ଥ ବିଶିଷ୍ଟ ଘରଟି ଭୁଶୁଡି ପଡିବା ଘଟନାରେ ଜଣେ ୭୫ବର୍ଷୀୟ ବୃଦ୍ଧ ଗୁରୁତର ଆହତ ହୋଇଥିବା ବେଳେ ରୋଷେଇ କରୁଥିବା ମହିଳା ଜଣକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ସୂଚନା ମୁତାବକ ଲଘୁଚାପଜନିତ ଲଗାଣବର୍ଷା ପାଇଁ ସଂସା ଗ୍ରାମର ଗଣେଶ ମହାନ୍ତଙ୍କ ପୁଅ କ୍ଷେତ୍ରମୋହନ ମହାନ୍ତଙ୍କ ଘରର ମାଟିକାନ୍ଥ ମୂଳଦୁଆ କ୍ରମଶଃ ଦୁର୍ବଳ ହୋଇପଡିଥିବା ବେଳେ ରବିବାର ହଠାତ୍ ଭୁଶୁଡି ପଡିଥିଲା । ଘର ଭୁଶୁଡିବା ସମୟରେ ଦାଣ୍ଡ ପିଣ୍ଡାରେ ବସିଥିବା କ୍ଷେତ୍ରମୋହନଙ୍କ ଶ୍ୱଶୁର ଲକ୍ଷ୍ମୀଧର ମହାନ୍ତ(୭୫) ଭଙ୍ଗା ଘରତଳେ ଚାପିହୋଇ ରହିଯାଇଥିଲା । ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ବେଳେ ମୁଣ୍ଡରେ ଗଭୀର ଆଘାତଲାଗି ପ୍ରବଳ ରକ୍ତଶ୍ରାବ ହୋଇଥିଲ । ଘରଲୋକେ ସଙ୍ଗେସଙ୍ଗେ ଗୁରୁତର ବୃଦ୍ଧି ଲକ୍ଷ୍ମୀଧରଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ତେବେ ଘର ଭୁଶୁଡିବା ସମୟରେ ଘରର ଜନୈକା ମହିଳା ରୋଷେଇ କରୁଥିବା ବେଳେ ସେହି ସମୟରେ ପାଣି ଆଣିବାକୁ ବାହାରକୁ ବାହାରି ଆସିଥିବାରୁ ଏକ ବଡ ଧରଣର ଦୁର୍ଘଟଣା ଅଳ୍ପକେ ଏଡାଇ ଯାଇଛି । ଘରଭୁଶୁଡି ରୋଷେଇଘର ସମେତ ଅନ୍ୟାନ୍ୟ ଘର ଗୁଡିକର ଆସବାବପତ୍ର ଚାପିହୋଇ ରହିଥିବା ବେଳେ ବାପକ କ୍ଷୟକ୍ଷତି ମଧ୍ୟ ଘଟିଛି । ସମସ୍ତ ରୋଷେଇ ସାମଗ୍ରୀ ସମେତ ସରଞ୍ଜାମ ଗୁଡିକ ମଧ୍ୟ ଭଙ୍ଗା ଘରତଳେ ଚାପିହୋଇ ନଷ୍ଟ ହୋଇଯାଇଛି । ଏନେଇ ସମ୍ପୃକ୍ତ ଅଞ୍ଚଳର ରାଜସ୍ୱ ନୀରିକ୍ଷକଙ୍କୁ ଅବଗତ କରାଯାଇଥିବା ବେଳେ କ୍ଷତିଗ୍ରସ୍ତ ପରିବାର ଅତ୍ୟନ୍ତ ଗରିବଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ଲୁହାଛଡ଼ରେ ପିଟିପିଟି ସ୍ତ୍ରୀକୁ ହତ୍ୟାକଲା ନିଶାଗ୍ରସ୍ତ ସ୍ୱାମୀ: ଅଭିଯୁକ୍ତ ଗିରଫ

ବେତନଟୀ , ୨୧/୯ (ନି.ପ୍ର): ଏପରି ଏକ କରୁଣ ଓ ସମ୍ବେଦନଶୀଳ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ପୁରିନ୍ଦା ପଞ୍ଚାୟତ ଅଧୀନ ସଂସା ଗାଁରେ ଏକ ଲୁହାଛଡ଼ ସହାୟତାରେ ପିଟିପିଟି ଅତ୍ୟନ୍ତ ନିର୍ମମ ଭାବେ ନିଜ ସ୍ତ୍ରୀକୁ ହତ୍ୟାକଲା ନିଶାଗ୍ରସ୍ତ ସ୍ୱାମୀ । ମୃତା ମହିଳା ଜଣକ ହେଉଛନ୍ତି ଗଣେଶ ମହାନ୍ତଙ୍କ ସ୍ତ୍ରୀ ସତ୍ୟବତୀ ମହାନ୍ତ । ମୃତା ମହିଳାଙ୍କ ବାପା ଅରୁଣ ମହାନ୍ତଙ୍କ ଅଭିଯୋଗ ମୁତାବକ ଜ୍ୱାଇଁ ଗଣେଶର ଘର ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ଉପକଣ୍ଠ ବିଜିପୁର ଗ୍ରାମରେ । ସତ୍ୟବତୀଙ୍କୁ ବିବାହକରି ଗଣେଶ ଦୀର୍ଘ ୨୫ବର୍ଷ ହେବ ଘରଜ୍ୱାଇଁ ଭାବେ ସଂସା ଗାଁରେ ରହିଆସୁଥିଲା । ଘଟଣାଦିନ ଅର୍ଥାତ ଆଜି ଅପରାହ୍ନରେ ସତ୍ୟବତୀ ଜଙ୍ଗଲରୁ ପତ୍ର ଏବଂ ଶୁଖିଲା ଜାଳେଣିକାଠ ସଂଗ୍ରହକରି ଘରକୁ ଫେରିଥିଲା । ଦୀର୍ଘ ଘଣ୍ଟା ପରେ ଜଙ୍ଗଲରୁ ଫେରି ଥକ୍କାରେ ସତ୍ୟବତୀ ପାଣି ପିଇ ଘର ବାହାରେ ଥିବା ଖଟରେ ଶୋଇପଡି ବିଶ୍ରାମ ନେଉଥିଲେ । ସେହି ସମୟରେ ମଦ୍ୟପ ସ୍ୱାମୀ ପ୍ରଚୁର ମଦ୍ୟପାନ କରି ସ୍ତ୍ରୀ ର ଚରିତ୍ର ଉପରେ ଅକ୍ଷେପ କରି ନିଶାଗ୍ରସ୍ତ ଥିବାବେଳେ ହାତରେ ଏକ ଲୁହାଛଡ଼ ଧରି ଆସି ଶୋଇଥିବା ସତ୍ୟବତୀଙ୍କ ମୁଣ୍ଡକୁ ବାରମ୍ବାର ପିଟିପିଟି ଚାଲିଥିଲା । ବାରମ୍ବାର ଶକ୍ତ ପ୍ରହାରରେ ସେଠାରେ ପ୍ରଚୁର ରକ୍ତଶ୍ରାବ ହୋଇଥିବା ବେଳେ ଘଟଣାସ୍ଥଳରେ ହିଁ ସତ୍ୟବତୀଙ୍କର ମୃତ୍ୟୁ ଘଟିଥିଲା । ସ୍ତ୍ରୀକୁ ହତ୍ୟାପରେ ଜଙ୍ଗଲକୁ ଦୌଡୁଥିବା ଗଣେଶକୁ କାବୁକରି ଶ୍ୱଶୁର ଅରୁଣ ଏବଂ ଗ୍ରାମବାସୀ ମାନେ ସିମେଣ୍ଟଖୁଣ୍ଟରେ ବାନ୍ଧିରଖି ପୁଲିସକୁ ଖବର ଦେଇଥିଲେ । ବେତନଟୀ ପୁଲିସ ଅଭିଯୁକ୍ତ ହତ୍ୟାକାରୀ ସ୍ୱାମୀକୁ ଗିରଫ କରି ୩୩୧/୨୫ ଏକ ହତ୍ୟା ଜନିତ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲା ବେତନଟୀ ପୁଲିସ । ସାଇଣ୍ଟିଫିକ ଟିମ ଆସିଲେ ତଦନ୍ତକୁ ବ୍ୟାପକ କରାଯିବ ଓ ଆଜି ରାତି ହୋଇଯାଇଥିବାରୁ ଆସନ୍ତାକାଲି ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।



## ୩୬ନଂ ଜୋନରେ ବିଜେପି ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

ଧର୍ମଶାଳା, ୨୧/୯ (ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ୩୬ ନଂ ଜୋନ ପକ୍ଷରୁ ଅର୍ଥଙ୍ଗା ପଂଚାୟତସ୍ଥ କ୍ରିପାଳପୁରଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀଙ୍କ ଏକ ପେଡ ମା' କେ ନାମ ଆହ୍ୱାନକୁ ସଫଳ କରାଇବା ପାଇଁ ସହ ୭୫ ତମ ଜନ୍ମ ଦିନକୁ ସ୍ମରଣ କରିବା ପାଇଁ ରାଜ୍ୟ ଓବିସି ମୋର୍ଚ୍ଚା ସମ୍ପାଦକ ତଥା ବରୀ ବିଜେପିର ଯୁବ ନେତା ବିବେକାନନ୍ଦ ଜେନା ଓ ଦିଶା କମିଟିର ସଦସ୍ୟ ନିଶିଭଦ୍ରା ଜେନା ଓ ଜିଲା ଓବିସି ମୋର୍ଚ୍ଚାର ସଭାପତି ବିବେକ ଗନ୍ତାୟତଙ୍କ ନେତୃତ୍ୱରେ କ୍ରିପାଳପୁରସ୍ଥ ସରକାରୀ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା ।

**ସୋମବାର, ସେପ୍ଟେମ୍ବର ୨୨, ୨୦୨୫**

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ରିଲିଜ୍ ହେଲା 'ଚ୍ୟାଲେଞ୍ଜ'ର ଟ୍ରେଲର: ୨୬ରେ ଶୁଭମୁକ୍ତି

ଭୁବନେଶ୍ୱର, ୨୧/୯ (ନି.ପ୍ର): ମଲ୍ଟି ଷ୍ଟାର୍ସଙ୍କୁ ନେଇ ଓଡ଼ିଆ ଦର୍ଶକଙ୍କୁ ଦଶହରା ଭେଟି ଦେବାକୁ ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନର ଦ୍ୱାରା ନିର୍ମାଣ ହୋଇଥିବା ବଡ଼ ବଜେଟର ଓଡ଼ିଆ ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ'ର ଟ୍ରେଲର ରିଲିଜ୍ ହୋଇଛି । ଭୁବନେଶ୍ୱର ମଧ ଭାଗରେ ଏକ ମଲ୍ ର ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଏହି ରିଲିଜ୍ ହୋଇଛି । ସୁପରଷ୍ଟାର ଅର୍ଦ୍ଧେନ୍ଦୁ ସାହୁ, ଚୁଲବୁଲି ଏଲିନା ସାମନ୍ତରାୟ, ଭୂପିନ୍ଦର ସିଂହ, ଲିପି ମହାପାତ୍ର, ବବି ମିଶ୍ର, ଜୀବନ ପଣ୍ଡା, ରବି ମିଶ୍ର, ହରିହର ମହାପାତ୍ର, ବିଭାସ, ନିର୍ଦ୍ଦେଶକ ସାଇ କିରଣ ମଙ୍ଗରାଜ, ଡିଓପି ପ୍ରତାପ ରାଉତ ଏବଂ କୋରିଓଗ୍ରାଫର ଅମିତ ନାୟକ ପ୍ରମୁଖ ରିଲିଜ୍ ଉତ୍ସବରେ ଯୋଗଦେଇଥିଲେ । ମଲ୍ ରେ ହଜାର ହଜାର ସିନେ ଦର୍ଶକଙ୍କ ଗହଳି ଭିତରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା । ଆମ ଓଡ଼ିଆଙ୍କର ସବୁଠାରୁ ବଡ଼ ପର୍ବ ଦଶହରା ଉପଲକ୍ଷେ ଚ୍ୟାଲେଞ୍ଜ ମୁକ୍ତିଲାଭ କରୁଥିବାରୁ ମଞ୍ଚରେ ଥିବା ସମସ୍ତ କଳାକାର, ମଞ୍ଚ ସମ୍ମୁଖରେ ଥିବା ସିନେପ୍ରେମୀଙ୍କୁ ଚ୍ୟାଲେଞ୍ଜ ଦେଖିବାକୁ ଅନୁରୋଧ କରିଥିଲେ । ପ୍ରଥମଥର ପାଇଁ ଓଲିଉଡ୍ ଜଗତରେ ମଲ୍ଟି ଷ୍ଟାର୍ସଙ୍କୁ ନେଇ ମୁକ୍ତିଲାଭ କରିବାକୁ ଯାଉଥିବା ଚ୍ୟାଲେଞ୍ଜ ରେ ଫାମିଲି ଡ୍ରାମା ଠୁ ନେଇ ଭରପୁର ଆକ୍ସନ, ଇମୋସନ ଭରି ରହିଛି । ସବୁଠୁ ବଡ଼ କଥା ହେଲା ଚ୍ୟାଲେଞ୍ଜରେ ବଲିଉଡର ପ୍ରଖ୍ୟାତ ଅଭିନେତା ପୁନିତ ଇଶାରଙ୍କୁ ଦେଖିବାକୁ ପାଇବେ । ଚଳଚ୍ଚିତ୍ର ଚ୍ୟାଲେଞ୍ଜ ସେପଟ୍ମେର ୨୬ରେ ସାରା ଓଡ଼ିଶାରେ ମୁକ୍ତି ଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ର କ୍ରୀଏଟିଭ ହେଡ୍ ତଥା ମିଡିଆ ପ୍ଲାନର ପ୍ରଣୟ ଜେଠୀ ସୂଚନା ଦେଇଛନ୍ତି ।




# ପ୍ରହସନ ପାଲଟିଛି ପ୍ରାଥମିକ ଶିକ୍ଷା ବ୍ୟବସ୍ଥା

## ■ଗୋଟିଏ କୋଠରୀରେ ୪ ଶ୍ରେଣୀର ପାଠପଢ଼ା
## ■୫ କୋଠରୀରେ ୯ ଶ୍ରେଣୀର ପାଠପଢ଼ା

ଭଦ୍ରକ, ୨୧/୯ (ନି.ପ୍ର): ବିଦ୍ୟାଳୟ ଅଛି, ବିଦ୍ୟାଳୟରେ ପାଠ ପଢିବା ପାଇଁ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିଯୁକ୍ତି ମଧ ପାଇଛନ୍ତି । କିନ୍ତୁ ବିଦ୍ୟାଳୟରେ ଶ୍ରେଣୀ ଗୃହର ଅଭାବରୁ ପାଠପଢ଼ା ସମ୍ପୂର୍ଣ୍ଣ ମାତ୍ରାରେ ବାଧାପ୍ରାପ୍ତ ହେଉଛି । ଗୋଟିଏ କୋଠରୀରେ ୪ଟି ଶ୍ରେଣୀର ପାଠପଢ଼ା ଚାଲିଥିବା ବେଳେ ୯ଟି ଶ୍ରେଣୀ ପାଇଁ ୫ଟି କୋଠରୀ ଉଦ୍ଧିଷ୍ଟ ଥିବା ଜଣାପଡ଼ିଛି । ଏହିପରି ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ଶିକ୍ଷାଧିକାରୀଙ୍କ ଅଧିନସ୍ଥ ଅଣିଜୋ କ୍ଲଷ୍ଟର ଅନ୍ତର୍ଗତ ଚକ୍ରାପାଢୀ ନୋଡ଼ାଲ ବିଦ୍ୟାଳୟ ଠାରେ । ୧୯୫୩ ମସିହାରେ ପ୍ରତିଷ୍ଠିତ ଉକ୍ତ ବିଦ୍ୟାଳୟରେ ଆବଶ୍ୟକ ମୁତାବକ ଶ୍ରେଣୀ ଗୃହ ପୂର୍ବରୁ ଥିବା ବେଳେ କାଳକ୍ରମେ ଶ୍ରେଣୀଗୃହ ଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ପରିଣତ ହୋଇଥିଲା । ପରବର୍ତ୍ତୀ ସମୟରେ ଗତ ୨୦୨୩-୨୪ ଆର୍ଥିକ ବର୍ଷରେ ଆମ ଓଡ଼ିଶା,ନବୀନ ଓଡ଼ିଶା ଯୋଜନାରେ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ଓ ବିଦ୍ୟାଳୟ ଉନ୍ନତିକରଣ ଓ ଆଧୁନିକ କରଣ ନିମନ୍ତେ ପୃଥକ ପୃଥକ ଭାବେ ୫ଲକ୍ଷ ଓ ୬ଲକ୍ଷ କରି ଏହିପରି ୧୧ଲକ୍ଷ ଟଙ୍କା ମଂଜୁର ହୋଇଥିଲା କିନ୍ତୁ ପରବର୍ତ୍ତୀ ସମୟରେ ବିଭାଗୀୟ ଅଧିକାରୀଙ୍କ ଦୂର ଦୃଷ୍ଟିର ଅଭାବ ଯୋଗୁଁ ଉକ୍ତ ଯୋଜନା କାର୍ଯ୍ୟକାରୀ ହୋଇପାରିନଥିଲା । କେବଳ ଫଳକରେ ସୀମିତ ରହିଯାଇଥିଲା ଯୋଜନା । ବର୍ତ୍ତମାନ ଗୃହ ଅଭାବରୁ ୯ଟି ଶ୍ରେଣୀର ପାଠପଢ଼ା ୫ଟି ଗୃହରେ ଚାଲିଛି । ଶିଶୁବାଟିକା (୧୬ଜଣ), ୧ମ (୦୬ଜଣ), ୨ୟ (୧୫ଜଣ) ଓ ୩ୟ (୧୬ଜଣ) ଏହିପରି ୪ଟି ଶ୍ରେଣୀର ୫୩ଜଣ ଛାତ୍ରଛାତ୍ରୀ ଗୋଟିଏ ଗୃହରେ ବର୍ତ୍ତମାନ ଶିକ୍ଷାଲାଭ କରୁଛନ୍ତି । ସେହିପରି ବିପଦସଙ୍କୁଳ ଅବସ୍ଥାରେ(କାନ୍ଥ ସବୁ ଫାଟି ଆଁ କରିଥିବା ବେଳେ ଛାତରୁ ପାଣି ଗଡୁଛି) ଥିବା ୨ଟି ଗୃହରୁ ଗୋଟିଏ ଗୃହରେ ୪ର୍ଥ ଶ୍ରେଣୀର ୨୩ଜଣ ଓ ୫ମ ଶ୍ରେଣୀର ୩୪ ଜଣ ଏହିପରି ୫୭ଜଣ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଥିବା ବେଳେ ଅନ୍ୟ ଏକ ଗୃହରେ ୮ମ ଶ୍ରେଣୀର ୨୯ଜଣ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଛନ୍ତି । ଗୋଟିଏ ଗୃହରେ ୪ଟି ଶ୍ରେଣୀର ଓ ଅନ୍ୟ ବିପଦଶଙ୍କୁଳ ଗୃହରେ ୩ଟି ଶ୍ରେଣୀର ପିଲା ଶିକ୍ଷାଲାଭ କରୁଥିବା ସରକାରଙ୍କ ଉନ୍ନତ ଶିକ୍ଷା ବ୍ୟବସ୍ଥାକୁ ଉପହାସ କରୁଛି । ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ସରକାର ମାଗଣା ବହି, ପୋଷାକ, ମଧ୍ୟାହ୍ନଭୋଜନ ଆଦିର ସୁବନ୍ଦୋବସ୍ତ କରିଥିଲେ ସୁଦ୍ଧା ଶୈକ୍ଷିକ ବାତାବରଣରେ ଉନ୍ନତି ଆଣିପାରୁନଥିବାରୁ ସରକାରଙ୍କ ଯୋଜନାର ସଫଳ ରୂପାୟନ ହୋଇପାରୁନଥିବା ଉକ୍ତ ବିଦ୍ୟାଳୟକୁ ଦେଖିଲେ ସ୍ପଷ୍ଟ ବାରିହୋଇ ପଡୁଛି । ଚଳିତ ଶିକ୍ଷା ବର୍ଷରେ ଉକ୍ତ ବିଦ୍ୟାଳୟରେ ୨୦୦ ଜଣ ଛାତ୍ରଛାତ୍ରୀ ଶିକ୍ଷାଲାଭ କରୁଥିବା ବେଳେ ଶିକ୍ଷାଦାନ ପାଇଁ ୭ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି । ତେଣୁ ଶ୍ରେଣୀ ଗୃହ ଅଭାବରୁ ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ମିଳିପାରୁନଥିବା ଜଣାପଡ଼ିଛି । ବିଦ୍ୟାଳୟର ଶୈକ୍ଷିକ ବାତାବରଣରେ ପରିବର୍ତ୍ତନ ଆଣିବା ପାଇଁ ବିଭାଗୀୟ ଅଧିକାରୀ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଯଥାଶୀଘ୍ର ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।




## ସାଇକେଲକୁ ଧକ୍କାଦେଲା ବାଇକ: ତିନି ଗୁରୁତର

ନୀଳଗିରି, ୨୧/୯ (ନି.ପ୍ର): ବାଇକ ଆରୋହୀ ଜଣେ ସାଇକେଲ ଆରୋହୀକୁ ଧକ୍କାଦେବାରୁ ତିନିଜଣ ଗୁରୁତର ହୋଇଥିବା ଦେଖିବାକୁ ମିଳିଛି । ସୂଚନା ମୁତାବକ ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଧିନ ଭାସ୍କର ଗଞ୍ଜ ଅଞ୍ଚଳର ବାବୁଧର ବେହେରାଙ୍କ ପୁଅ ସରୋଜ ବେହେରା (୨୫) ଏବଂ ଉକ୍ତ ଥାନା ଅଧିନ ଗୁଡିପଦା ଗ୍ରାମର ଶକ୍ତି ସ୍ୱାଇଁ (୨୧) ଆଜି ଅପରାହ୍ନରେ ନୀଳଗିରି ଜାମୁଡିହା ଗ୍ରାମର ଅଜାଙ୍କ ଦେହାନ୍ତରେ ଅଜାଘରକୁ ଆସୁଥିବା ବେଳେ ସନ୍ଧ୍ୟାପ୍ରାୟ ୫ଘଟିକା ସମୟରେ ଓଲଡ଼ଙ୍ଗ ଛକ ନିକଟରେ ସିମୁଳିଆ ଗ୍ରାମର ସ୍ୱର୍ଗତ ନୃସିଂହ ବାରିକଙ୍କ ପୁଅ ଖୁକା ଓରଫ ରବୀନ୍ଦ୍ର ବାରିକ (୩୮) ଏକ ସାଇକେଲ ଯୋଗେ ନୀଳଗିରି ବଜାରକୁ ଯାଉଥିବା ବେଳେ ଓଡି-୦୧ଏବି-୨୮୦୭ ବିଶିଷ୍ଟ କେଟିଏମ ବାଇକଟି ସାଇକେଲ ପଛପଟୁ ଧକ୍କାଦେବାରୁ ବାଇକ ଆରୋହୀ ସମେତ ସାଇକେଲ ଆରୋହୀ ତିନିଜଣଯାକ ଗୁରୁତର ହୋଇ ପଡିଥିଲେ। ଦୁର୍ଘଟଣାରେ ସାଇକେଲଟି ସମ୍ପୂର୍ଣ ଭାଙ୍ଗିଯାଇଥିବା ବେଳେ ବାଇକର ଆଗ ଭାଙ୍ଗିଯାଇ ନଷ୍ଟ ହୋଇଯାଇଛି । ଖବରପାଇ ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରଥମେ ତିନିଜଣଙ୍କୁ ନୀଳଗିରି ମେଡିକାଲରେ ଭର୍ତ୍ତି କରି ଚିକିତ୍ସା କରାଇଥିଲେ ।ପରେ ବାଇକ ଆରୋହୀ ଶକ୍ତି ସ୍ୱାଇଁ ଏବଂ ରବୀନ୍ଦ୍ର ବାରିକ ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ବାଲେଶ୍ୱରର ଏକ ଘରୋଇ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ତେବେ ପୋଲିସ ଗାଡ଼ିଟିକୁ ନିଜ ହେପାଜାତକୁ ଆଣିବାପରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



## ଗୀତା ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ନୈତିକ ଶିକ୍ଷା ଦେଉଛନ୍ତି ଆଦର୍ଶ ଗୁରୁ ଗଣେଶ

ବସ୍ତା, ୨୧/୯ (ନି.ପ୍ର): ପ୍ରତ୍ୟେକ ମଣିଷଙ୍କ ଜୀବନରେ ଆସୁ ଥିବା ବିପଦ, ଦ୍ୱନ୍ଦ୍ୱ ଓ ସଂଶୟ ସମୟରେ କେବଳ ଗୀତା ହିଁ ଉଚିତ ଦିଗଦର୍ଶନ ଦେଇପାରିବ। ପ୍ରତ୍ୟେକ ମଣିଷଙ୍କ ଜୀବନ ହେଉଛି ଏକ ଗୀତା। ଗୀତା ଛାତ୍ରଛାତ୍ରୀଙ୍କ ଚରିତ୍ର ଗଠନର ସହାୟକ ହେବ। ଏହା ବିନା ଜୀବନ ଅନ୍ଧକାରମୟ। ବିଦ୍ୟାଳୟ ଗୁଡ଼ିକରେ ଧାର୍ମିକ, ନୈତିକ ଓ ବୌଦ୍ଧିକ ବିଚାରର ବିକାଶ ପାଇଁ ଶ୍ରୀମଦ ଭଗବତ ଗୀତାର ପଠନ ନିତ୍ୟାନ୍ତ ଆବଶ୍ୟକକୁ ବିଚାର କରି ଗାଁ ଗାଁରେ ବହୁ ଉପାନ୍ତ ଅଞ୍ଚଳରେ ଶିକ୍ଷାର ଆଲୋକ ବାଣ୍ଟୁ ଛନ୍ତି ଜଣେ ଶିକ୍ଷକ,ବର୍ଣ୍ଣବୋଧ ପାଠଶାଳା ଗଢି ଯେ ସହ ସହ ପିଲାଙ୍କୁ ଶିକ୍ଷା ଶିକ୍ଷାର ଆଲୋକ ଆଡକୁ ଟାଣି ଆଣିଛନ୍ତି। ଆମେ କହୁଛୁ ବସ୍ତା ବ୍ଲକ ଥେଙ୍ଗଡିହା ଗ୍ରାମ ର ଆଦର୍ଶ ଶିକ୍ଷକ ଗଣେଶ ଚନ୍ଦ୍ର ଜେନା। ଯେ କି ବସ୍ତା ବ୍ଲକ ଭେଲୋରା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋ ଜକ ଭାବେ ଏବେ କାର୍ଯ୍ୟରତ। ଛାତ୍ରଛାତ୍ରୀଙ୍କ ପ୍ରତି ଏ ଭଳି ପ୍ରୟାସ ନିଶ୍ଚିତ ପ୍ରଶଂସନୀୟ।




## ଉଦଳାରେ ସ୍ୱଚ୍ଛତା ପକ୍ଷ ପାଳନର ଉଦ୍‌ଘାଟନ ଉତ୍ସବ

### ସମଗ୍ର ବିଶ୍ୱବାସୀଙ୍କୁ ପ୍ରଭାବିତ କରିଛି ଅହିଂସାର ମହାମନ୍ତ୍ର : ପ୍ରମିଳା ପଣ୍ଡା

ଉଦଳା, ୨୧/୯ (ନି.ପ୍ର): ମହାତ୍ମାଗାନ୍ଧୀଙ୍କ ଜୟନ୍ତି ପାଳନ ଅବସରରେ ଚଳିତ ସେପଟ୍ମେର ୧୭ ତାରିଖ ବୁଧବାର ଠାରୁ ଅକ୍ଟୋବର ୨ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ ଭାବରେ ସବୁଠି ପାଳନ କରାଯାଉଛି । ଏହି ଅବସରରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ବୃକ୍ଷରୋପଣ, ସଫେଇ ସହିତ ବିଭିନ୍ନ ସରକାରୀ ଯୋଜନାର ଉପଯୋଗ ନେଇ ସମୀକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ନଗରପାଳ ପ୍ରମିଳା ପଣ୍ଡା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉକ୍ତ ପକ୍ଷକୁ ଉଦ୍‌ଘାଟନ କରି ଅହିଂସା ମହାମନ୍ତ୍ରର ପ୍ରଭାବ କେତେ ଅଧିକ ତାହା ବିଶ୍ୱବାସୀ ଆଜି ଅବଗତ ହୋଇ ପାରିଛନ୍ତି ବୋଲି ବ୍ୟକ୍ତ କରିଥିଲେ । ନିର୍ବାହୀ ଅଧିକାରୀ ପ୍ରିୟ ରଂଜନ ଜେନା ଉତ୍ସବରେ ଅଧକ୍ଷତା କରିବା ସହ ମହାତ୍ମାଗାନ୍ଧୀଙ୍କ ଜନ୍ମ ଦିବସଟିକୁ ସମଗ୍ର ପୃଥିବୀରେ ବିଶ୍ୱ ଅହିଂସା ଦିବସ ଭାବରେ ପାଳନ କରାଯାଉଛି ଓ ସେଥିପାଇଁ ଆମେ ଭାରତବାସୀ କିପରି ଗର୍ବ ଅନୁଭବ କରୁଛୁ ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାପରେ ସଂଜୟ କୁମାର ପାଢ଼ୀ ଉଦ୍‌ଯାପନ ଦିବସ ପର୍ଯ୍ୟନ୍ତ ହେବାକୁ ଥିବା ଦୈନନ୍ଦିନର କାର୍ଯ୍ୟକ୍ରମ ଓ ଏହାର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଦିପ୍ତିମୟି ମିଶ୍ର ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶରତ ଚନ୍ଦ୍ର ଦାସ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଅର୍ଚ୍ଚନା ନାୟକ, ପ୍ରତିଶ ଜେନା, ଶୁଭଦୀପ ମହାନ୍ତି, ଧିରେନ୍ଦ୍ର ଖଣ୍ଡେଲୱାଲ, ଉର୍ମିଳା ନାୟକ, ବିଶ୍ୱରଂଜନ ମୋଦି, ସୌଭାଗ୍ୟ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ ।




## ନୂଆପଡା ସିଟ୍ ବିଜେଡି ହାତରୁ ଛଡେଇ ନେବୁ: ଜୟ ନାରାୟଣ

ଭୁବନେଶ୍ୱର, ୨୧/୯ (ନି.ପ୍ର): ନୂଆପଡ଼ା ଉପନିର୍ବାଚନ ନେଇ ପ୍ରତିକ୍ରିୟା ରଖିଛନ୍ତି ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର । ସେ କହିଛନ୍ତି ଯେ, ନୂଆପଡ଼ା ନେଇ ଆମ ପାଖେ ଅନେକ ଉପଯୁକ୍ତ ପ୍ରାର୍ଥୀ ଅଛନ୍ତି। ସେନେଇ ଦଳ ନିଷ୍ପତ୍ତି ନେବ। ନୂଆପଡ଼ା ବିଜେଡି ହାତରେ ଥିଲା ଯଦି ଆମେ ଜିତିବୁ ଆମେ ତାଙ୍କ ହାତରୁ ସେଇଟା ଛଡେଇନବୁ। କିଏ ଜିତିବ ତାହା ପ୍ରଥମ ଆଧାର ହେବା କଥା ସେନେଇ ଦଳ ନିଷ୍ପତ୍ତି ନେବ। ଗତ ସାଧାରଣ ନିର୍ବାଚନରେ କିଛି ସମସ୍ୟା ଥିଲା ସେଥିପାଇଁ ଆମେ ତୃତୀୟ ସ୍ଥାନରେ ଥିଲୁ ଏଥର ପ୍ରଥମ ହେବୁ ଆମର ଆଶା ଥିବା କହିଛନ୍ତି ଜୟ ନାରାୟଣ ମିଶ୍ର ।

## ହେଲ୍ପ ହେଣ୍ଡସ ସଂଗଠନ ପକ୍ଷରୁ ରିଲିଫ ବଣ୍ଟନ

ବାଲିଆପାଳ , ୨୧/୯ (ନି.ପ୍ର): ବାଲିଆପାଳ ବ୍ଲକରେ ଚଳିତ ବର୍ଷ ସୁବର୍ଣ୍ଣ ରେଖା ନଦୀରେ ଛଅ ଥର ବନ୍ୟା ଆସି ଲୋକଙ୍କ ମୁହଁରୁ ହସ ଛଡ଼ାଇ ନେଇଛି । ଏହି ଭଳି ଦୁର୍ଦ୍ଦିନ ସମୟରେ ହେଲ୍ପ ହେଣ୍ଡସ ଶାଳିକୁଠା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ରବିବାର ପୂର୍ବାହ୍ନରେ ଜାମ କୁଣ୍ଡା ପଞ୍ଚାୟତର କାଳରୁହି ଗ୍ରାମରେ ଦୁଇ ବିଧବା ଏବଂ ନିହାତି ଗରିବ ସରସ୍ୱତୀ କାମିଲା,ଶୁକମଣି ବେହେରା ବୃଦ୍ଧାଙ୍କୁ ସାହାଯ୍ୟର ହାତ ବଢ଼ାଇଛନ୍ତି । ଆଗରୁ ବନ୍ୟା ସମୟରେ ଶୁଖିଲା ଖାଦ୍ୟ ବଣ୍ଟନ କରି ଏହି ହେଲ୍ପ ହେଣ୍ଡସ ଶାଳିକୁଠା ସଂଗଠନ ଚର୍ଚ୍ଚାକୁ ଆସିଥିଲା । ତେବେ ମାସକରରାସନ୍, ବସ୍ତ୍ର, ବିଛଣା ସାମଗ୍ରୀ ଅସହାୟ ବୃଦ୍ଧାଙ୍କୁ ପ୍ରଦାନ କରାଯାଇଥିଲା । ସଂଗଠନର ସଭାପତି ମହାପ୍ରସାଦ ପାତ୍ର, ସମ୍ପାଦକ ଦିବ୍ୟଜ୍ୟୋତି ମହାନ୍ତି , ସମାଜସେବୀ ପ୍ରଫୁଲ୍ଲ ପାତ୍ର , ବିନୋଦ ଜେନା, ସଦସ୍ୟ ହିମାଂଶୁ ଜେନା,ଶଶୀକାନ୍ତ ଜେନା, ଦେବଶଙ୍କର ସାହୁ, ସଦସ୍ୟା ରମିତା ବିଶ୍ୱାଳ, ପୂର୍ଣ୍ଣିମା ଦେ, ମମତା ବିଶ୍ୱାଳ, ସସ୍ମିତା ପରିଡା, ଲକ୍ଷ୍ମୀ ପ୍ରିୟା ଗିରି ପ୍ରମୁଖ ଉପସ୍ଥିତ ଥିଲେ ।



## 'ସେବା ପକ୍ଷ' ପାଳନ ଅବସରରେ ମାରାଥନ ଅନୁଷ୍ଠିତ

ବାରିପଦା , ୨୧/୯ (ନି.ପ୍ର): ସାମୁହିକ ପ୍ରୟାସରେ ଏକ ନିଶାମୁକ୍ତ ଭାରତ ଗଠନର ପରିକଳ୍ପନାକୁ ସାକାର କରିବା ଲକ୍ଷ୍ୟ ନେଇ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସେପଟ୍ମେର ୧୭ରୁ ଅକ୍ଟୋବର ୨, ୨୦୨୫ ପର୍ଯ୍ୟନ୍ତ ' ସେବା ପକ୍ଷ ' ପାଳନ ପରିପ୍ରେକ୍ଷୀରେ ଆଜି ବାରିପଦା ଠାରେ ଜିଲ୍ଲା ପ୍ରଶାସନ ଓ କ୍ରୀଡା ବିଭାଗ ଆନୁକୂଲ୍ୟରେ ଜନସାଧାରଣଙ୍କ ମଧ୍ୟରେ ନିଶା ନିବାରଣ ସଚେତନତା ସୃଷ୍ଟି ନିମନ୍ତେ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି ।ଏହି ଅବସରରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡର ଷ୍ଟାଡ଼ିୟମ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଆଥେଲେଟିକ ଆସୋସିଏସନର ସମ୍ପାଦକ ଶ୍ରୀ ବିଜୟ କୁମାର ଦାସ ଯୋଗ ଦେଇଥିଲେ ।ପ୍ରାରମ୍ଭରେ କ୍ରୀଡା ପ୍ରଶିକ୍ଷକ ଶ୍ରୀ ଅବନି ମୋହନ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରି ଏହି ପକ୍ଷ ପାଳନର ଆଭିମୁଖ୍ୟ ବ୍ୟକ୍ତ କରିଥିଲେ ।ଏହି ଅବସରରେ ମୁଖ୍ୟ ଅତିଥି କହିଥିଲେ ଯେ ଏହି ପକ୍ଷ ପାଳନର ମୁଖ୍ୟ ଉଦେଶ୍ୟ ହେଉଛି ଦେଶକୁ ନିଶାମୁକ୍ତ କରି ସୁସ୍ଥ, ସମୃଦ୍ଧ ଓ ବିକଶିତ ରାଷ୍ଟ୍ର ଭାବେ ଗଠନ କରିବା । ଜଣେ କୁପଥଗାମୀ ହେବାର ମୁଖ୍ୟ ଉତ୍ସ ହେଉଛି ନିଶା। ନିଶା ସେବନର ଶିକାର ହେଲେ ବ୍ୟକ୍ତି ନିଜକୁ କ୍ଷତି ପହଞ୍ଚାଇବା ସହ ନିଜ ପରିବାରକୁ ଦୁଃଖ ଦୁର୍ଦ୍ଦଶା ସହ ଏକ ଅନିଶ୍ଚିତ ଅନ୍ଧକାର ଭିତରକୁ ଠେଲି ଦେଇଥାଏ । ନିଶା ସେବନ ଦ୍ୱାରା ସମାଜରେ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇଥାଏ ବିଶେଷ କରି ଯୁବପିଢ଼ି ଯଦି ନିଶା ସେବନର ଶିକାର ହୁଅନ୍ତି ତେବେ ଦେଶର ପ୍ରଗତିରେ ଏହା ମୁଖ୍ୟ ପ୍ରତିବନ୍ଧକ ସାଜିଥାଏ। କାରଣ ଏକ ସୁସ୍ଥ, ସମୃଦ୍ଧ ଓ ବିକଶିତ ରାଷ୍ଟ୍ର ଗଠନରେ ଯୁବଶକ୍ତି ହିଁ ବୃହତ ଶକ୍ତି ଏବଂ ଏହାର ସଠିକ ଉପଯୋଗ ଅପରିହାର୍ଯ୍ୟ । ତେଣୁ ଯୁବପିଢ଼ି ସଦା ସର୍ବଦା ନିଶା ସେବନ ଠାରୁ ଦୂରେଇ ରହି ଅନ୍ୟ ମାନଙ୍କୁ ଏଥିପାଇଁ ସଚେତନ କରିବା ଉଚିତ। ତତ ସହିତ ସମାଜର ସବୁ ବର୍ଗର ଲୋକମାନଙ୍କ ସହଭାଗୀତାରେ ନିଶାନିବାରଣ ଅଭିଯାନକୁ ବ୍ୟାପକ କଲେ, ନିଶାମୁକ୍ତ ଦେଶର ପରିକଳ୍ପନା ସାକାର ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ତେଣୁ ଆମେ ସମସ୍ତେ ଏଥିପାଇଁ ସଂକଳ୍ପବଦ୍ଧ ହେବା ।ଏହା ପରେ ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ନିମନ୍ତ୍ରିତ ଅତିଥି ବୃନ୍ଦ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ଉକ୍ତ ମାରାଥନରେ କ୍ରୀଡା ଛାତ୍ରାବାସର ଛାତ୍ର ଛାତ୍ରୀଙ୍କ ସମେତ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡ଼ାବିତ, କ୍ରୀଡା ପ୍ରତିଭା, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଅଂଶ ଗ୍ରହଣ କରି ନିଶା ନିବାରଣ ସମ୍ପର୍କିତ ସଚେତନତା ବାର୍ତ୍ତା ବହନ କରୁଥିବା ବିଭିନ୍ନ ଶ୍ଳୋଗାନ ସହ ସହର ପରିକ୍ରମା କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ସୁଭାଶିଷ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବିଭିନ୍ନ କ୍ରୀଡ଼ା ସଂସ୍ଥାର ପଦାଧିକାରୀ,କ୍ରୀଡା ଶିକ୍ଷକ, କ୍ରୀଡା ପ୍ରଶିକ୍ଷକ ଓ ସହରର ବହୁ ବରିଷ୍ଠ କ୍ରୀଡ଼ାବିତଙ୍କ ସମେତ ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।




## ଭାଗଚାଷୀ ଆଇନ ପ୍ରଣୟନ କରିବା-ସାର, ବିହନ, ଔଷଧ ସୁଲଭ ମୂଲ୍ୟରେ ଚାଷୀଙ୍କୁ ଯୋଗାଇବାକୁ କୃଷକସଭା ସମ୍ମିଳନୀରେ ଦାବି

ଜଳେଶ୍ୱର , ୨୧/୯ (ନି.ପ୍ର): ଅଖିଳ ଭାରତ କୃଷକ ସଭାର ୧୯ତମ ବ୍ଲକ ସମ୍ମିଳନୀ ଆଜି ସକାଳ ୧୦ ଘଟିକା ସମୟ ରେ ଲକ୍ଷ୍ମଣନାଥ ଟୋଲ ଗେଟ୍ ଠାରେ ଅନୁଷ୍ଠିତ ହୋଇଯାଇଅଛି । ସମ୍ମିଳନୀର ପ୍ରାରମ୍ଭରେ କୃଷକ ସଭାର ଲାଲ୍ ପତାକା ଉତ୍ତୋଳନ କରିଥିଲେ ବରିଷ୍ଠ କୃଷକ ନେତା ତଥା ପ୍ରାକ୍ତନ ସରପଞ୍ଚ ବସନ୍ତ ଦାସ ।ଏହା ପରେ ଶହୀଦ ବେଦିରେ ପୁଷ୍ପମାଲ୍ୟ ଦେଇ ଉପସ୍ଥିତ ସମସ୍ତ କୃଷକ ପ୍ରତିନିଧି ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲାପରେ ସଭାପତି ରବିନ୍ଦ୍ର କୁମାର ବାରିକଙ୍କ ସଭାପତିତ୍ୱରେ ସମ୍ମିଳନୀର ପ୍ରତିନିଧି ଅଧିବେଶନ ଆରମ୍ଭ ହୋଇଥିଲା । ଆମ ରାଜ୍ୟ ଏକ କୃଷିପ୍ରଧାନ ରାଜ୍ୟ ହୋଇଥିଲେ ମଧ୍ୟ କୃଷକମାନଙ୍କୁ ଲଗାତର ଅଣଦେଖା କରାଯାଉଛି ଓ ସେମାନଙ୍କର ସମସ୍ୟା ପ୍ରତି ଧ୍ୟାନ ଦିଆଯାଉ ନାହିଁ ବୋଲି ପ୍ରତିନିଧିମାନେ ଅଭିଯୋଗ କରିଥିଲେ । ଏହି ବୈଠକରେ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର, କ୍ଷେତ ମଜଦୂର ୟୁନିୟନର ନେତା ଦିପ୍ତିମାନ ଆଚାର୍ଯ୍ୟ,ଗଣତାନ୍ତ୍ରିକ ମହିଳା ସମିତିର ଜିଲ୍ଲା ସମ୍ପାଦକ ନାରୀ ନେତ୍ରୀ ମମି ପଣ୍ଡା, ଶ୍ରମିକ ନେତା ପଲ୍ଟୁ ଦାସ,ବସନ୍ତ ଦାସ,ନିରୋଜ ବେହେରା,, ଲକ୍ଷ୍ମୀଧର ପଲାଇ, ଧିରେନ୍ଦ୍ର ଦେ,ଧନଞ୍ଜୟ ପଲାଇ, ଗଣେଶ ଜେନା, ଚନ୍ଦନ ଶତପଥୀ, ଜ୍ଞାନେନ୍ଦ୍ର ଜେନା । ଶେଷରେ ଆଗାମୀ ତିନିବର୍ଷ ପାଇଁ ୨୨ ଜଣିଆ ବ୍ଲକ କମିଟି ଚୟନ କରାଯାଇଥିଲା । ସଭାପତି ଭାବରେ ରବିନ୍ଦ୍ର କୁମାର ବାରିକ ଓ ସମ୍ପାଦକ ଭାବରେ ଜୀବନ ପରିଡ଼ା ପୁନର୍ବାର ନିର୍ବାଚିତ ହୋଇଛନ୍ତି । ଏଥିସହିତ ଆଗାମୀ ଅକ୍ଟୋବର ୧୧ ଓ ୧୨ରେ ଔପଦା ଠାରେ ହେବାକୁ ଥିବା ଜିଲ୍ଲା ସମ୍ମିଳନୀକୁ ଏ ସମସ୍ତ ନିର୍ବାଚିତ ନେତୃତ୍ୱ ପ୍ରତିନିଧି ଭାବରେ ଯୋଗଦେବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

## ବିଜେପି ପକ୍ଷରୁ ସେବା ପକ୍ଷ ଉପଲକ୍ଷେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ବେତନଟୀ , ୨୧/୯ (ନି.ପ୍ର): ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଙ୍କ ୭୫ତମ ଜନ୍ମଦିନ ଓ ସେବା ପକ୍ଷ ଅବସରରେ ଭାରତୀୟ ଜନତା ପାର୍ଟି ବେତନଟୀ ମଣ୍ଡଳ ପକ୍ଷରୁ ବେତନଟୀ ଜେଏମଏଫସି କୋର୍ଟ ପରିସରରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଅଛି । ବେତନଟୀ ମଣ୍ଡଳ ସେବା ପକ୍ଷ ସଂଯୋଜକ ଦିପ୍ତିକାନ୍ତ ସେଠୀ,ସହ ସଂଯୋଜକ ସଂଜୀବ ଜେନା ଏବଂ ଭଗିରଥ ମିଶ୍ରୀଙ୍କ ନେତୃତ୍ୱରେ ଆଜି ବେତନଟୀ ଜେଏମଏଫସି କୋର୍ଟ ର ସଫାକରି ଥିଲେ । ଏହି କାର୍ଯ୍ୟକ୍ରମରେ ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡା, ଯୁବ ସଂଗଠକ ଚନ୍ଦ୍ରଶେଖର ବେରା , କ୍ଷୀତିଶ ମହାନ୍ତ, ପ୍ରକାଶ ସିଂବାବୁ, ରାକେଶ ମହାନ୍ତ, ହିମାଂଶୁ ମହାନ୍ତ, ରଞ୍ଜିତ ଗନ୍ତାୟତ,ଜଗା ଦାସ, ସର୍ବେଶ୍ୱର ଦାସ, ଅରୂପ ରଞ୍ଜନ ଲେଙ୍କା, ଯଦୁନାଥ ହାଁସଦା, ରବିନ ନାୟକ, ହିତେଶ କୁମାର ଜେନା, ମନୋରଞ୍ଜନ ସିଂହ,ବାଇଧର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।



❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida